

୫ରୁ କଂଗ୍ରେସର ଦେଶବ୍ୟାପୀ ଆନ୍ଦୋଳନ ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com

Whatsapp :- +91 8093008776



Vol. 33 | ISSUE 275 | ଭାଗ ୩୩ | ସଂଖ୍ୟା ୨୭୫

Sunday 28 December 2025 | Page 8 Rs. 5.00

ଭୁବନେଶ୍ୱର ରବିବାର ୨୮ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଦୋକାନ ଜଳିପୋଡ଼ି ଛାରଖାର

## ଯୁବକଙ୍କୁ ଜୀଅନ୍ତା ଜାଳିଦେଲେ !



- ତାତିଲେ ଗ୍ରାମବାସୀ, ଘେରିଲେ ଥାନା
- ମାମଲାର ତଦନ୍ତ କରିବେ ଡିଏସ୍‌ପି
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**କେନ୍ଦ୍ରାପଡା/ଗରଦପୁର, ୨୭।୧୨ (ସଂଚାର ବ୍ୟୁରୋ):** କୁଦାନଗରୀ ଥାନା କଳାବୁଦା ପଞ୍ଚାୟତ କଳାବୁଦା ଗ୍ରାମ ବାରୁଣୀ ବଜାରର ଯୁବ ବ୍ୟବସାୟୀ ସୁବାସ ମଲ୍ଲିକଙ୍କୁ ଦୋକାନ ଭିତରେ ଶୋଇଥିବା ସମୟରେ ଜୀଅନ୍ତା ଜାଳିଦେବା ଭଳି ଗୁରୁତର ଅଭିଯୋଗ ଆସିଛି। ଗତକାଲି ରାତିରେ ସେ ତାଙ୍କ ଦୋକାନରେ ଶୋଇଥିବା ବେଳେ ଆଜି ଭୋର୍ ସମୟରେ ଗ୍ରାମର ଜଣେ ଯୁବକ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ଏହି ଘଟଣାରେ ପୁଲିସ୍‌ର ଶୀଥିଳତା ପ୍ରତିବାଦରେ ଗ୍ରାମବାସୀ ଥାନା ଘେରିବା ଫଳରେ ଉକ୍ତ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା ପ୍ରତିବାଦରେ କଳାବୁଦା ବାରୁଣୀ ବଜାର ବ୍ୟବସାୟୀମାନେ କିଛି ସମୟ ପାଇଁ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅବଶ୍ୟ ପରେ ପୁଲିସ୍ ସେମାନଙ୍କୁ ବୁଝାସୁଝା କରି ସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା।

ମିଳିଥିବା ସୂଚନାନୁସାରେ, ଗତକାଲି ସୁବାସ ସକାଳେ ତଳଗାଁରେ ➪ପୃଷ୍ଠା-୬

### ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ସ୍କୁଲ୍ ସ୍ତରରୁ ଗବେଷଣାକୁ ଗୁରୁତ୍ୱ ଦିଆଯାଉ




### ସଂସ୍କୃତିକୁ ଜନକଲ୍ୟାଣରେ ଲଗାଇବାକୁ ଆହ୍ୱାନ

**କେନ୍ଦୁଝର, ୨୭।୧୨ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନେ ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ବର୍ତ୍ତମାନର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରିବା ସହ ଦେଶକୁ ଆତ୍ମନିର୍ଭର ହେବାରେ ଯୋଗଦାନ ରଖିବା ଉଚିତ। କାରଣ ସେମାନେ ହିଁ ହେଉଛନ୍ତି ଭବିଷ୍ୟତର ସୂତ୍ରଧର ବୋଲି ଆଜି ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗୋଟିଏ ସଭ୍ୟତାର ବିକାଶ ପଛରେ ସବୁଠାରୁ ବଡ଼ ଭୂମିକା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ରହିଛି। କଳା ଓ ସଂସ୍କୃତି ସାମାଜିକ ପରମ୍ପରାରେ ମହକ ସୃଷ୍ଟି କରିଥାଏ। କିନ୍ତୁ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ମୂଳଭିତ୍ତି ହେଉଛି ବିଜ୍ଞାନ। କେଉଁ ପ୍ରାଚୀନ କାଳରୁ ଦେଶର ଋଷି, ମୁନୀ ଓ ପଣ୍ଡିତମାନେ ବିଭିନ୍ନ ବୈଜ୍ଞାନିକ ସୂତ୍ରକୁ ସୃଷ୍ଟି କରିଥିଲେ। ଆମର ଚତୁର୍ବେଦର ଅନେକ ଅଂଶରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ଚିନ୍ତାଧାରା ପ୍ରତିଫଳିତ ହୋଇଛି। ଓଡ଼ିଶାର ମହାନ୍ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ମାତ୍ର ଦୁଇ ଖଣ୍ଡ ବାଉଁଶ ନଳୀରୁ ପୃଥିବୀରୁ ଚନ୍ଦ୍ର ପର୍ଯ୍ୟନ୍ତ ଦୂରତାକୁ ସଠିକ୍ ଭାବେ ମାପିପାରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଭାରତରେ ଜ୍ଞାନର ଏକ ସଂସ୍କୃତି ରହିଥିବା ବେଳେ ସେଥିରେ ଆତ୍ମା ଓ ପରମାତ୍ମା ଭଳି ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଚର୍ଚ୍ଚା କରାଯାଉଛି। ସେହିପରି ସାମାଜିକ ପ୍ରଗତି ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରୟୋଗଭିତ୍ତିକ ବିଜ୍ଞାନ ବିକାଶ ➪ପୃଷ୍ଠା-୬

## ପିୟୁସିସି ଥିବା ଗାଡ଼ିରେ ଲାଗିବ ଗ୍ରୀନ ଷ୍ଟିକର: ମନ୍ତ୍ରୀ




**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ଆସନ୍ତା ଫେବ୍ରୁଆରୀରୁ ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଲାଗିବ ଗ୍ରୀନ ଷ୍ଟିକର। ପରିବହନ ବିଭାଗ ଯୋଗାଇ ଦେବ ଗ୍ରୀନ୍ ଷ୍ଟିକର। ପ୍ରଦୂଷଣ ପ୍ରମାଣପତ୍ର ପାଇବା ପାଇଁ ଯାହା ଅସୁବିଧା ରହିଛି ତାହା ଉପରେ ସରକାର ବିଚାର କରୁଛନ୍ତି। ଏ ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ସୂଚନା ଦେଇଛନ୍ତି। ପ୍ରଦୂଷଣ ପ୍ରମାଣପତ୍ର ନଥିଲେ କାର୍ଯ୍ୟାନୁଷ୍ଠାନ ହେବ। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପିୟୁସିସି ନିୟମକୁ ସାମାନ୍ୟ କୋହଳ କରାଯାଇଛି।

ଗତ ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି, ସେଥିରେ ମଧ କୋହଳ କରାଯିବା ଉପରେ ଆଲୋଚନା କରାଯିବ। ଅନ୍ୟ ରାଜ୍ୟରେ ଫାଇନ୍ କମ୍ ରହିଥିବାରୁ ଏହାର ପର୍ଯ୍ୟାଲୋଚନା ଚାଲିଛି। ଯେଉଁ ଗାଡ଼ିରୁ ଫାଇନ୍ ଆଦାୟ ସରିଛି, ସେସବୁ ନେଇ କ'ଣ ପଦକ୍ଷେପ ନିଆଯିବ, ତା'ର ମଧ ବିଚାର ହେଉଥିବା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ➪ପୃଷ୍ଠା-୬

## ଏବେ ବି ଦୁଇ ଜିଲ୍ଲାକୁ ନେଇ ଦ୍ୱନ୍ଦ୍ୱରେ ନବୀନ

- ତୁଟୁନି ବାଲେଶ୍ୱର ଓ ଖୋର୍ଦ୍ଧା ସଭାପତି ବିବାଦ
- ୧୧ ଜିଲ୍ଲା କମିଟିର ପୁନର୍ଗଠନ କଲେ ସଭାପତି



**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ସଭାପତି ଚୟନ ସରିନି। ଜିଲ୍ଲା କମିଟି ପୁନର୍ଗଠନ ଆରମ୍ଭ ହେଲାଣି। ପ୍ରତିଷ୍ଠା ଦିବସ ପରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଜିଲ୍ଲା କମିଟିର ପୁନର୍ଗଠନ କରିଛନ୍ତି। ଏହି କ୍ରମରେ ଆଜି ୧୧ଟି ଜିଲ୍ଲା କମିଟିର ପୁନର୍ଗଠନ କରାଯାଇଛି। ସେପଟେ ଆଭ୍ୟନ୍ତରୀଣ ପ୍ରତିଯୋଗିତାରେ ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲା ସଭାପତି ଚୟନ ହୋଇପାରୁନି। ବାଲେଶ୍ୱରରେ ପୂର୍ବତନ ସାଂସଦ ରବି ଜେନା କେଁ ପୂରାଇଥିବା ବେଳେ ଖୋର୍ଦ୍ଧାରେ କେଉଁ ଅଦୃଶ୍ୟ ଶକ୍ତି ବାଟ ଓଗାଳିଛି, ତାହା ଦଳୀୟ ନେତା ବି ଜାଣିପାରୁନାହାଁନ୍ତି।

ବାଲେଶ୍ୱର ବିଜେଡି ଏକପ୍ରକାର ଦୁଇ ଫାଳ ହୋଇଯାଇଛି। ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁଧାଂଶୁ ପରିଡ଼ା, ସୁକାନ୍ତ ନାୟକଙ୍କ ସହ ୧୨ କାଉନସିଲର୍ ଓ କିଛି ➪ପୃଷ୍ଠା-୬

### ୨୦୦ କୋଟିର ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

## ଏନଆଇଟି ହେବ ଦେଶର 'ଅଭିବୃଦ୍ଧି ଇଞ୍ଜିନ'



- ୩୫ କୋଟିରେ ନିର୍ମିତ ଇନଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦଘାଟିତ
- ୧୮୦ କୋଟିରେ ନିର୍ମାଣ ହେବ ଭବନ ଓ ଛାତ୍ରୀ ନିବାସ
- ୯.୮ ମିଲିଅନ୍ ଛୁଇଁବ ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତା

**ରାଉରକେଲା, ୨୭।୧୨ (ସଂଚାର ବ୍ୟୁରୋ):** ରାଉରକେଲା ଏଆଇଟି ଶିକ୍ଷାନୁଷ୍ଠାନରୁ ବାହାରୁଥିବା ଛାତ୍ରଛାତ୍ରୀ ନିଜସ୍ୱ ଷ୍ଟାର୍ଟଅପ୍ ମାଧମରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ଦେବାର ସାମର୍ଥ୍ୟ ରଖୁଛନ୍ତି। ଆଗାମୀ ଦିନରେ ସମାଜର ଜଟିଳ ସମସ୍ୟା ଜଳବାୟୁ ପରିବର୍ତ୍ତନ କିମ୍ବା ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନର ଗବେଷଣା ନୂଆ ଦିଗ ଦେଖାଇବ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ଓ ଏନଆଇଟିର ମିଳିତ ସହଯୋଗରେ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏକ ଶକ୍ତିଶାଳୀ ମାଧମ ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଏନଆଇଟି କ୍ୟାମ୍ପସ ପରିସରରେ ୩୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଇନଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି। ଏହି ପରିସରରେ ବ୍ୟାଡମିଣ୍ଟନ କୋର୍ଟ ବିଶିଷ୍ଟ ବହୁମୁଖୀ ସଭାଗୃହ, ଓପନ ଏୟାର ଥିଏଟର ଓ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ରହିଛି। ସେହିପରି ୯୧.୧୮ କୋଟି ଟଙ୍କା ବ୍ୟୟରେ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ନୂତନ ଭବନ, ୫୫.୩୫ କୋଟି ଟଙ୍କା ବ୍ୟୟରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୩୩.୫୧ କୋଟି ଟଙ୍କା ବ୍ୟୟରେ ଏହିପରି ମୋଟ ପ୍ରାୟ ୧୮୦ କୋଟି ଟଙ୍କାରେ ଅତିଥି ଭବନ ନିର୍ମାଣ ➪ପୃଷ୍ଠା-୬

## ଭିଜିଲାନ୍ସ ପଞ୍ଝାରେ ଜେଇ

- ଦମ୍ପତିଙ୍କ ନାଁରେ ମାମଲା

**ଜୟପୁର, ୨୭।୧୨ (ସଂଚାର ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ମାଲକାନଗିରି ବ୍ଲକର କନିଷ୍ଠ ଯନ୍ତ୍ରୀ (ଜେଇ) ନିହାର ରଞ୍ଜନ ସରକାରଙ୍କ ଘରେ ଜୟପୁର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠାବ ଉତ୍ତାରୁ ଶ୍ରୀ ସରକାର ଓ ତାଙ୍କ ପତ୍ନୀଙ୍କ ନାଁରେ ଏତଲା ରୁଜୁ କରାଯାଇଛି। ଏଥିସହ ଶ୍ରୀ ସରକାରଙ୍କୁ ଭିଜିଲାନ୍ସ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ୍ ନାମଞ୍ଜୁର ହୋଇଛି। ତେଣୁ ତାଙ୍କୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ଜୟପୁର ଭିଜିଲାନ୍ସ ଏସପି ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆଜି ସକାଳେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ସରକାରଙ୍କ ➪ପୃଷ୍ଠା-୬

## ଓମ୍‌ସା ଦାବି ଅନୁଧ୍ୟାନ ପାଇଁ କମିଟି ଗଠିତ

- ଜିଏ ବିଭାଗ ଏସିଏସ୍ ଅଧ୍ୟକ୍ଷ

**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଓ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ଆଜି ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ଉପସ୍ଥାପନ କରିଥିବା ଦାବିଗୁଡ଼ିକର ଅନୁଧ୍ୟାନ ସକାଶେ ଏକ ଅନ୍ତର୍ବିଭାଗୀୟ କମିଟି ଗଠନ କରାଯାଇଛି। ଏହି କମିଟି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ (ଏସିଏସ୍)ଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ବେଳେ ଏଥିରେ ସଦସ୍ୟ ଭାବେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ରହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ କମିଟିର ➪ପୃଷ୍ଠା-୬

## ଅଫଲାଇନରେ ପୈଠ କରିହେବ ଇ-ଚାଲାଣ




ଆଉ ବାଧକ ହେବନି ଓଟିପି ଓ ନେଟ୍‌ୱାର୍କ

**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମୋଟର ଯାନ ନିୟମ ଉଲ୍ଲଙ୍ଘନ ନେଇ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ବି ଗ୍ରହଣ କରାଯିବ। ଏନେଇ ସମସ୍ତ ଆରଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)ଙ୍କ ପକ୍ଷରୁ ଆଜି ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଇ-ଚାଲାଣ ଅର୍ଥ ପୈଠ ସମୟରେ ଓଟିପି ସମସ୍ୟା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ଏହି ନୂତନ ପଦକ୍ଷେପ ଏପରି ଜନସାଧାରଣଙ୍କ ସମସ୍ୟା ଦୂର କରିପାରିବ। ଏହାଛଡ଼ା ରାଜ୍ୟର ଯେଉଁସବୁ ସ୍ଥାନରେ ଦୁର୍ବଳ ଇଣ୍ଟରନେଟ୍ ଯୋଗୁଁ ଅନଲାଇନ୍‌ରେ ପଇଠଜନିତ ସମସ୍ୟା ଉପୁଜୁଥିଲା, ସେମାନେ ମଧ ଏହି ନୂଆ ବ୍ୟବସ୍ଥାର ଫାଇଦା ଉଠାଇପାରିବେ।

ତେବେ ପୂର୍ବ ଭଳି ଅନଲାଇନରେ ମଧ ଇ-ଚାଲାଣ ପୈଠ କରାଯାଇପାରିବ। ଏନେଇ ପରିବହନ ବିଭାଗ ଆପ୍ଲିକେସନ୍ ଓ https://echallan.parivahan.gov.in/ରେ ଇ-ଚାଲାଣ ପୈଠ କରିହେବ। ଏଥିସହ ଇ-ଚାଲାଣ ଅର୍ଥ ପୈଠ ବେଳେ କୌଣସି ଅସାଧୁ ବ୍ୟକ୍ତି କିମ୍ବା ସାଇବର ହ୍ୟାକର୍‌ଙ୍କଠାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। କେବଳ ପରିବହନ ବିଭାଗର ୱେବ୍‌ସାଇଟ୍, ଆପ୍ଲିକେସନ୍ କିମ୍ବା ଆର୍‌ଟିଓରେ ଅର୍ଥ ପୈଠ ପାଇଁ ଏସ୍‌ଟିଏ ଦ୍ୱାରା ପରାମର୍ଶ ଦିଆଯାଉଛି।

ସାଧୁତା, ସ୍ୱଚ୍ଛତା ଓ ଜନସାଧାରଣଙ୍କ ସୁବିଧା ପାଇଁ ପୂର୍ବରୁ ଅନଲାଇନ୍‌ରେ ଅର୍ଥ ପୈଠ ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ଅଫ୍‌ଲାଇନ୍ ➪ପୃଷ୍ଠା-୬

### ବବି-ଯୁଗର ମେଗା ଘୋଟାଲା

## ଯାଜପୁରରେ ନଳ ଅଛି, ପାଣି ନାହିଁ

- ହଜାରେ କୋଟିର ପାଣି ପ୍ରକଳ୍ପ ଲୁଟ୍
- ଠିକାଦାର ମାଲାମାଲ୍, ଗ୍ରାମବାସୀ ହାହାକାର



**ଯାଜପୁର, ୨୭।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପାନୀୟ ଜଳ ପ୍ରକଳ୍ପ ଆଜି ସରକାରୀ ବିଫଳତା ନୁହେଁ, ରାଜନୈତିକ ଲୁଟର ଜୀବନ୍ତ ପ୍ରମାଣ। ନଳ ପଡ଼ିଛି, ବିଶାଳ ପାଣି ଟାଙ୍କି ଆକାଶ ଛୁଇଁଛି, କିନ୍ତୁ ଗାଁର ଘରେ ଘରେ ପିଇବା ପାଣି ପହଞ୍ଚିନି। ତେବେ ଏହା କୌଣସି ପ୍ରଶାସନିକ ଅକ୍ଷମତା ନୁହେଁ, ବରଂ ଏକ ଯୋଜନାବଦ୍ଧ ରାଜନୈତିକ ଲୁଟ୍। ବିଜେଡି ସରକାରର ସବୁଠୁ କରିତକର୍ମା ତତ୍କାଳୀନ ସାଙ୍ଗଠନିକ ସମ୍ପାଦକ ଯିଏ ନଖ ଦର୍ପଣରେ ରାଜ୍ୟକୁ ଧରିକି ବୁଲନ୍ତି, ତାଙ୍କ ଜିଲ୍ଲାରେ ଏଭଳି ଲୁଟ୍‌ର କିଏ ମାର୍ଗଦର୍ଶକ ସାଜିଥିବେ ତାହା ସହଜେ ଅନୁମେୟ।

ଗତ ୨୦୧୮ରୁ ୨୦୨୩ ମଧ୍ୟରେ ପୂର୍ବ ବିଜେଡି ସରକାର ସମସ୍ତଙ୍କ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣର ସ୍ଲୋଗାନ ଦେଇ ଯାଜପୁର ପାଇଁ ୧୦ଟି ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିଥିଲେ। କାଗଜ କଲମରେ ବିକାଶ ଆକାଶ ଛୁଇଁଲା। ହେଲେ ପ୍ରକୃତ ପକ୍ଷେ ପାନୀୟ ଜଳ ଯୋଗାଣ ଏକ ପ୍ରହସନ ପାଲଟିଯାଇଛି। ଇତିମଧ୍ୟରେ ମୋଟ ୧୫୦୫ କୋଟି ଟଙ୍କାର ପ୍ରକଳ୍ପରୁ ୪ଟି ଅଣଓଡ଼ିଆ ଠିକାସଂସ୍ଥା ୧୦୮୩ କୋଟି ଟଙ୍କା ଅର୍ଥାତ ବ୍ୟୟ ଅଟକଳର ୭୦ ପ୍ରତିଶତରୁ ଅଧିକ ଟଙ୍କା ଉଠାଇସାରିଛନ୍ତି। କିନ୍ତୁ ଏଯାଏଁ ଲୋକଙ୍କ ଘରେ ବିଶୁଦ୍ଧ ପାଇପ ପାଣି ପହଞ୍ଚିପାରିନାହିଁ। ଏହା କେବଳ ପ୍ରଶାସନିକ ବିଫଳତା ହୋଇଥିଲେ ଏତେ ➪ପୃଷ୍ଠା-୬



**କାନ ଡେରିଆ**

ଶ୍ରୀମନ୍ଦିର ବି ସୁରକ୍ଷିତ ନୁହେଁ
ଫଟୋ ଭାଇରାଲ ହୁଏ
ଏତେ ନିରାପତ୍ତା ଥାଇ ମଧ ସେଠି
ଫଟୋ କିନ୍ତୁ ଉଠାଯାଏ
ଜଗା ସୁରକ୍ଷିତ ନୁହେଁ !
ପ୍ରଶାସନର ତୀକ୍ଷ୍ଣ ନଜରରେ
କ୍ୟାମେରା କେମିତି ଯାଏ ?

■ ଦେବାଶିଷ

# ସୁଜାତାଙ୍କ ସପକ୍ଷରେ ଜଣକ ପରେ ଜଣେ

- ମଙ୍ଗ ଧରିଛନ୍ତି ମହିଳା ବ୍ରିଗେଡ୍
- ଭୋଟ ନଥିବା ନେତାଙ୍କ ବିରୋଧ



**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଜାତା ରାଉତ ବିଜେଡିରେ ମିଶିବେ କି ନାହିଁ ତାହାକୁ ନେଇ ସୁଜାତା କିମ୍ବା ବିଜେଡି ହାଇକମାଣ୍ଡ ମୁହଁ ଖୋଲିନଥିବାବେଳେ ତାଙ୍କୁ ନେଇ କିଛୁ ବିରୋଧ ଆରମ୍ଭ ହୋଇଯାଇଛି। ତେବେ ସବୁଠାରୁ ବଡ଼ କଥା ହେଉଛି ରାଜ୍ୟ ରାଜନୀତିରେ ଅନ୍ତିମ ପାହାଚରେ ଉପନୀତ ହୋଇଥିବା ନେତାମାନେ ସୁଜାତାଙ୍କ ଏଣ୍ଟ୍ରିକୁ ବିରୋଧ କରୁଥିବା ବେଳେ ସୁଜାତାଙ୍କ ସପକ୍ଷରେ ବାହାରିଛନ୍ତି ମହିଳା ବ୍ରିଗେଡ। ଯୁବ ନେତୃତ୍ୱ ବି ଏହାକୁ ନିରବ ସମର୍ଥନ ଦେଉଛନ୍ତି।

ନୂଆପଡ଼ା ଉପନିର୍ବାଚନ ପରେ ବିଜେଡିରେ ଦାୟିତ୍ୱ ହସ୍ତାନ୍ତର ଚର୍ଚ୍ଚା ଜୋର ଧରିଥିବାବେଳେ ଏହାକୁ ନେଇ ଦଳର ବିଭିନ୍ନ ଗୋଷ୍ଠି ବୈଠକ ଚଳାଇଥିଲେ। କିଏ ଝୁମୁକାରେ ତ ଆଉ କିଏ ଲିଙ୍ଗରାଜ ମନ୍ଦିରରେ। ହେଲେ ଦଳର ପ୍ରତିଷ୍ଠା ଦିବସ ପୂର୍ବରୁ ଏହି ରାଜନୀତି ଜୋର ଧରିଛି। ଏଥର କିନ୍ତୁ ଭିନ୍ନ ଉପାୟରେ। ସୁଜାତା ରାଉତ ବିଜେଡିରେ ମିଶିବା ନେଇ ପ୍ରଚାର ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ ବି ଆରମ୍ଭ ହୋଇଯାଇଛି। ତେବେ ବିରୋଧ କରୁଥିବା ନେତାଙ୍କ ମଧ୍ୟରେ ରହିଛନ୍ତି ବଦ୍ରି ନାରାୟଣ ପାତ୍ର ଓ ଭୂପିନ୍ଦର ସିଂହଙ୍କ ଭଳି ନେତା। ଏମାନେ ନିଜ ନିଜ ରାଜନୀତି କ୍ୟାରିଅରରେ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛନ୍ତି।

ଏମାନଙ୍କ ଖୋଲା ବିରୋଧ ଦେଖି ଆଉ କିଛି ନେତା ବି ପରଦା ପଛରେ ରହି ବିରୋଧକୁ ଉସ୍‌କାଉଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଗତ ୨୦୨୪ ନିର୍ବାଚନରେ ହାରିଯାଇଥିବା ବହୁ ନେତା। ନିଜ ନିଜ ନିର୍ବାଚନମଣ୍ଡଳୀକୁ ଯିବା ବଦଳରେ ରାଜଧାନୀରେ ରହି ଏହି ଗୋଷ୍ଠୀ ଦଳରେ ଗୋଷ୍ଠୀ ତିଆରି କରିବାରେ ଲାଗିଛନ୍ତି। ହାରୁ ନେତାଙ୍କ ଏଭଳି ଦଳଭଙ୍ଗା ରାଜନୀତିକୁ ଜୋରଦାର ବିରୋଧ କରିଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ। ପ୍ରଭାତ ହେଉଛନ୍ତି ବର୍ତ୍ତମାନର ବିଜେଡି ବିଧାୟକ ସୌଭିକ ବିଶ୍ୱାଳଙ୍କ ପିତା। ତେବେ ପ୍ରଭାତ ପୂର୍ବତନ ପ୍ରଶାସକ ଭି. କାର୍ତ୍ତିକେୟନ ପାଣ୍ଡିଆନ ଓ ସୁଜାତାଙ୍କୁ ପ୍ରଶଂସା କରିଛନ୍ତି। ତେବେ ସୁଜାତାଙ୍କ ଏଣ୍ଟ୍ରି ସପକ୍ଷରେ ବାହାରିଛନ୍ତି ବିଜେଡିର ମହିଳା ବ୍ରିଗେଡ। ଦଳର ମହିଳା ଶାଖା ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଶଙ୍ଖଭବନରେ ଆୟୋଜିତ ମହିଳା ବୈଠକରେ ସାଂସଦ, ବିଧାୟକଙ୍କ ସମେତ ଆଗଧାଡ଼ିର ମହିଳାନେତ୍ରୀ ଯୋଗ ଦେଇଥିଲେ। ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଖୋଲାଖୋଲି ଭାବେ କହିଥିଲେ ସୁଜାତା ଦଳରେ ମିଶିଲେ କିଛି ଅସୁବିଧା ନାହିଁ। ଏଥିସହ ବିଜେଡିର ଯୁବ ଓ ଛାତ୍ର ସଭାପତିମାନେ ଖୋଲାଖୋଲି ସୁଜାତାଙ୍କୁ ଦଳକୁ ସ୍ୱାଗତ କରିବାକୁ ଘୋଷଣା କରିସାରିଛନ୍ତି। କିନ୍ତୁ କିଛି ନିର୍ଦ୍ଦିଷ୍ଟ ନେତା କ୍ଷମତାକୁ ନିଜ ହାତରେ ରଖିବା ପାଇଁ ସୁଜାତାଙ୍କ ବାଟ ଓଗାଳୁଛନ୍ତି।

କାରଣ ଅନ୍ୟ ଦଳରେ ବହୁ ପୂର୍ବତନ ଆଇଏଏସ୍ ମିଶି ରାଜନୀତି କରୁଛନ୍ତି। ପ୍ରମିଳାଙ୍କ ବୟାନକୁ ସମର୍ଥନ କରିଥିଲେ ବିଜେଡି ବିଧାୟକ ପ୍ରଦୀପ ସାହୁ।

ବର୍ତ୍ତମାନ ରାଜ୍ୟର ବିଜେପି ସରକାର କ୍ଷମତା ରାଜନୀତିରେ ମହିଳାଙ୍କୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ବିଜେଡିର ଗୋଟିଏ ଗୋଷ୍ଠୀ ଏହାର ମୁକାବିଲା ପାଇଁ ସୁଜାତାଙ୍କ ଏଣ୍ଟ୍ରି ସପକ୍ଷରେ ରହିଛନ୍ତି। କାରଣ ଜଣେ ପ୍ରଶାସକ ହିସାବରେ ସୁଜାତାଙ୍କର ଦକ୍ଷତା ଓ ସଚ୍ଚୋଟତାକୁ ରାଜ୍ୟବାସୀ ଜାଣିଛନ୍ତି। ମିଶନ ଶକ୍ତିର ସଚିବ ଭାବେ ସେ ଏହା ପ୍ରତିପାଦିତ ବି କରିଛନ୍ତି। ହେଲେ ସୁଜାତା ତାଙ୍କ ରାଜନୀତି ନେଇ କୌଣସି ସୂଚନା ଦେଉ ନ ଥିବା ବେଳେ ବିଜେଡିରେ କିନ୍ତୁ ଏହାକୁ ନେଇ ଘମାଘୋଟ ଆରମ୍ଭ ହୋଇଛି। ହେଲେ ଏହାରି ଭିତରେ ସୁଜାତାଙ୍କ ସପକ୍ଷରେ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

SANCHAR ସଂଚାର

### ଡେରାବିଶ ମହୋତ୍ସବର ତୃତୀୟ ସନ୍ଧ୍ୟା

## ମହୋତ୍ସବ ସମ୍ପର୍କର ସେତୁ ଯୋଡ଼େ: ପ୍ରତାପ ଦେବ



**ଡେରାବିଶ, ୨୭।୧୨ (ସଂଚାର ବ୍ୟୁରୋ):** ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଡେରାବିଶ ମିନିଷ୍ଟାଡିୟମ ପରିସରରେ ଚତୁର୍ଦ୍ଦଶତମ ଡେରାବିଶ ମହୋତ୍ସବ ଆଜି ତୃତୀୟ ସନ୍ଧ୍ୟାରେ ପଦାର୍ପଣ କରିଛି। ସନ୍ଧ୍ୟାର ୩ୟ ପର୍ଯ୍ୟାୟରେ ସଙ୍ଗଠନ ସମ୍ପାଦକ ଅତୁଲ୍ୟ କୁମାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଘଣ୍ଟ ନୃତ୍ୟ, ଘୋଡ଼ାନାଚ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ କଳାକାର ଏବଂ ସ୍ଥାନୀୟ ଅଞ୍ଚଳର କୁନି କୁନି କଳାକାର ମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ପାରମ୍ପରିକ ଓ ଆଧୁନିକ ନାଚଗୀତ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ସେହିପରି କୁନି କୁନି କଳାକାରଙ୍କୁ ନେଇ ନାଚ କୁଦ ବିଭୋର ହୋଇଥିଲେ ଦର୍ଶକ। ଭାଇଚାରାକୁ ସମୃଦ୍ଧ କରିଛି ଡେରାବିଶ ମହୋତ୍ସବ, କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ରୋମାଞ୍ଚ କରିଦେଇଥିଲା ।

ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଆଳି ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ସମ୍ପର୍କର ସେତୁ ଯୋଡ଼େ, ଏହି ମହୋତ୍ସବ ଡେରାବିଶ ଅଞ୍ଚଳର ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥିବା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା, ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଡେରାବିଶ ମହୋତ୍ସବକୁ ଆହୁରି ସୁନ୍ଦର କରିବା ପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧକ୍ଷ ସୁଶ୍ରୀ ଲଳିତା ଦାସ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ।

## ପିସିସି ସଭାପତି ଭକ୍ତ ଦାସଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି, ୨୭।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ କମିଟି ସଭାପତି ମୀନାକ୍ଷୀ ବାହିନୀପତି, ଉପସଭାପତି ଦେବାଶିଷ ପଟ୍ଟନାୟକ, କଂଗ୍ରେସ ନେତା ଆଶିଷ ପଟ୍ଟନାୟକ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ଗ୍ରସ୍ତରେ ଯାଉଥିଲା ବେଳେ ନିଶ୍ଚିନ୍ତକୋଇଲି ବଜାରରେ ବ୍ଲକ କଂଗ୍ରେସ ପକ୍ଷରୁ ଭବ୍ୟସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ପରାମର୍ଶକ୍ରମେ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ଏଥିରେ କଂଗ୍ରେସ ନେତା ପ୍ରମୋଦ କୁମାର ପଣ୍ଡା, ରାଜକିଶୋର ରାଉତ, ଆଇନଜୀବୀ ଦୀପକ କୁମାର ମହାନ୍ତି, ସୌକତ ଅଲୀ, ଅକ୍ଷୟ କୁମାର ସାହୁ, ରମେଶ ବେହେରା, ସେକ୍ ସଦାମ, ମହମ୍ମଦ ସମିମ୍, ଚିନ୍ତାମଣୀ ପୁହାଣ, କ୍ଷମାନିଧି ପୂଜାରୀ, ଶ୍ରୀକାନ୍ତ ନନ୍ଦ, ରାଜେଶ ଜେନା, ଡମ୍ବରୁଧର ସାହୁ, ମିଳନ ମଲିକ, ସୁଶୀଳ ଲେଙ୍କା ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇ ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ କରି ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନୂଆବର୍ଷରୁ ସଂଗ୍ରାମର କାର୍ଯ୍ୟକ୍ରମ ଆରମ୍ଭ ହେବ: ଅତନୁ



**ମହାକାଳପଡ଼ାରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ**

**ମହାକାଳପଡ଼ା, ୨୭।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକର କେଆରବାଙ୍କ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜୁ ଜନତା ଦଳର ନିର୍ବାଚନ ମଣ୍ଡଳୀ ସ୍ତରୀୟ ୨୯ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ କେନାଲ ବ୍ରିଜ ନିକଟରୁ ଶ୍ରୀ ନାୟକଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଶ୍ରୀ ନାୟକ ଦଳୀୟ ପତାକା ଉତ୍ତୋଳନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ମହାକାଳପଡା ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସର୍ବଦା ଅଟଳ। ବିଜୁ ବାବୁଙ୍କ ଆଦର୍ଶ ଓ ଲକ୍ଷ ଲକ୍ଷ କର୍ମୀଙ୍କ ନିଷ୍ଠା ଏବଂ ସମର୍ପଣରେ ପ୍ରତିଷ୍ଠିତ ବିଜୁ ଜନତା ଦଳର ଗୌରବମୟ ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତେ ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ରରେ ସଂକଳ୍ପବଦ୍ଧ ହୋଇ ଆଗକୁ ବଢ଼ିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ମହାକାଳପଡ଼ାରେ ବଙ୍ଗଭାଷୀ ଭାଇ ଭଉଣୀମାନଙ୍କୁ ୧ ମାସରେ ସ୍ଥାୟୀ ଜମିପଟ୍ଟା ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ହେଲେ ଅଠର ମାସ ପରେବି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ପିଢ଼ି ପିଢ଼ି ଧରି ବସବାସ କରୁଥିବା ଏପରିକି ତିନି ତିନି ଥରର ସରପଞ୍ଚ ପରିବାର ଏବଂ ଓଡ଼ିଆ ଲୋକଙ୍କୁ ବି ଅନୁପ୍ରବେଶକାରୀ କୁହାଯାଇ ନୋଟିସ ଦିଆଯାଉଥିବା ପରିତାପର ବିଷୟ ବୋଲି ସେ କହିଥିଲେ। ବର୍ଦ୍ଧିତ ଭତ୍ତା ଦେବାପାଇଁ ସରକାର ଡିଣ୍ଡିମ ପିଟୁଥିବା ବେଳେ ମହାକାଳପଡା ନିର୍ବାଚନ ମଣ୍ଡଳୀରେ ୬ ମାସ ଅପେକ୍ଷା କଲାପରେ ମଧ ବିଧବା ମା ଟିଏ ଭତ୍ତା ରୁ ବଞ୍ଚିତ ହେବା ଦୂର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ଶ୍ରୀ ନାୟକ କହିବା ସହିତ କ୍ଷୋଭ ପ୍ରକାଶ କରିଥିଲେ।ଆସନ୍ତା ନୂଆ ବର୍ଷରୁ ପ୍ରତି କ୍ଷେତ୍ରରେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳର ଲଢେଇ କ୍ଷିପ୍ର ହେବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ତିନି ହଜାରରୁ ଉର୍ଦ୍ଧ୍ୱ ଯୁବକ ଓ ମହିଳାମାନେ ଯୋଗ ଦେଇଥିଲେ।

## ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ପାଳିତ




**ସାଲେପୁର, ୨୭।୧୨ (ସଂଚାର ବ୍ୟୁରୋ):** ସାଲେପୁରର ନାନ୍ଦୋଳଗଡ଼ାଠାରେ ଥିବା ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଆଦର୍ଶ ମଣିଷ ଭାବେ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।

ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦେଇ ପ୍ରତିଯୋଗିତାମୂଳକ ମନୋଭାବ ରଖି କାର୍ଯ୍ୟକଲେ ସଫଳତାର ଶୀର୍ଷରେ ପହଞ୍ଚି ହେବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶେଖ୍ ଅଜଗର ଅଲ୍ଲି, ଚେୟାରମ୍ୟାନ୍ ସେକ୍ ଜାହାଙ୍ଗୀର ଅଲ୍ଲି, ଭାଇସ୍ ଚେୟାରମ୍ୟାନ୍ ଅମିନା ବିବି, ସମ୍ପାଦକ ଡଃ ସେକ୍ ରିୟାଜୁର ରହେମାନ୍ ଯୋଗଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ବିଦ୍ୟାଳୟ ପକ୍ଷରୁ ୩ ଜଣ ମହାନ୍ ବ୍ୟକ୍ତିତ୍ୱଙ୍କୁ ଟ୍ରୁଥ୍‌ରେ ସୟଦ ଖୁର୍ସିଦ୍ ଅନୱାର, ୱିସ୍‌ଡମ୍‌ରେ ଇସ୍ରୋର ବୈଜ୍ଞାନିକ ରଞ୍ଜିତ କୁମାର ଷଡ଼ଙ୍ଗୀ, ଇଣ୍ଟିଗ୍ରୀଟିରେ ସନ୍ଧ୍ୟା ଆରତୀ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ସୁଦାମ ଚରଣ ଶତପଥୀ, କ୍ୟାମ୍ପସ୍-୨ ଅଧକ୍ଷ ପ୍ରଭାସିନୀ ଷଡ଼ଙ୍ଗୀ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ବିବାହ ପ୍ରସେସନ୍‌ର ବାଣ ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

● ବରପିତା ଓ ବାଣୁଆ ଗିରଫ

**ସାଲେପୁର, ୨୭।୧୨ (ସଂଚାର ବ୍ୟୁରୋ):** ବରଯାତ୍ରୀ ରୋଶଣୀ କରି କନ୍ୟାଘରକୁ ବିବାହ ପାଇଁ ଡିଜେ ବଜାଇ ଓ ବାଣ ଫୁଟାଇ ଯାଉଥିବା ବେଳେ ବାଣ ନିଆଁରେ ପୋଡ଼ି ହୋଇ ଜଣେ ମହିଳା ଗୁରୁତର ଆହତ ହେବା ଘଟଣାରେ ସାଲେପୁର ପୁଲିସ ବରର ପିତା ଓ ବାଣୁଆକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଚଳିତ ମାସ ୫ତାରିଖ ଦିନ ତେନ୍ତୋଳ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ କେଶବଙ୍କ ସହ ଜିଗ୍ନୀପୁର ଛୁଆଳିଆ ଗ୍ରାମର ଉପେନ୍ଦ୍ର ଘଡ଼େଇଙ୍କ ଝିଅ ଦୀପାଞ୍ଜଳି ସହିତ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା। ଏହି ବିବାହ ଉତ୍ସବରେ ବରଘର ପକ୍ଷରୁ ଡିଜେ ବଜାଇବା ସହ ବାଣ ପୁଟାଇ ବିବାହ ନିମନ୍ତେ କନ୍ୟାଘରକୁ ଯାଉଥିବା ସମୟରେ ବାଣ ଫୁଟି ବାଣର ନିଆଁ ଛୁଆଳିଆ ଗ୍ରାମର ପୂର୍ଣ୍ଣିମା ସ୍ୱାଇଁ(୪୭) ପିନ୍ଧିଥିବା ଶାଢ଼ୀରେ ଲାଗିଯାଇଥିଲା। ପୂର୍ଣ୍ଣିମା ବହୁ ଚିତ୍କାର କରିଥିଲେ ମଧ ଡି.ଜେ ଶବ୍ଦ ଯୋଗୁଁ ତାଙ୍କର ଚିତ୍କାର କେହି ଶୁଣିପାରିନଥିଲେ। ଫଳରେ ଲୋକେ ତାଙ୍କୁ ଉଦ୍ଧାର କଲାବେଳକୁ ତାଙ୍କ ଶରୀରର ପ୍ରାୟ ୫୦ଭାଗ ପୋଡ଼ିଯାଇଥିଲା। ପୂର୍ଣ୍ଣିମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପରିବାର ଲୋକେ ଡାକ୍ତରଖାନାକୁ ପଠାଇବା ସହ ଏହାନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୬୦୮/୨୫ରେ ଏକ ମାମଲା ରୁଜୁ କରି ଏହି ଘଟଣାରେ ବରର ପିତା ରାମଚନ୍ଦ୍ର ବେହେରା ଓ ବାଣୁଆ ଭଜନ ଦାସକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅପର ପକ୍ଷରେ ପୂର୍ଣ୍ଣିମା ଏବେ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

## ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡସ୍ତରୀୟ ବୈଠକ



**ମହାକାଳପଡ଼ା, ୨୭।୧୨ (ସଂଚାର ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗୀ ଦଳର ପ୍ରଖଣ୍ଡ ସ୍ତରୀୟ ସମସ୍ତ ଦାୟିତ୍ୱବାନ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ମହାକାଳପଡ଼ା ପ୍ରଖଣ୍ଡ ମା ଦରିଆ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ଖୁଣ୍ଟିଆ, ଜିଲ୍ଲା ବିଶେଷ ସମ୍ପର୍କ ପ୍ରମୁଖ କାହ୍ନୁଚରଣ ପରିଡା ଏବଂ ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭାଂଶୁ ଶେଖର ରାଉତ ଉପସ୍ଥିତ ରହି ବୈଠକ ପରିଚାଳନା ସହିତ ସଙ୍ଗଠନ କିପରି ସୁଦୃଢ଼ ହେବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବୈଠକରେ ମହାକାଳପଡା ପ୍ରଖଣ୍ଡ ନୂତନ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଜେନା, ସହ ସମ୍ପାଦକ ଭାବେ ଅଭିନନ୍ଦନ ରାଉତରାୟ ଏବଂ ବଜରଙ୍ଗ ଦଳ ସହ ସଂଯୋଜକ ଭାବେ ନିର୍ମଳ ଚନ୍ଦ୍ର ଦାସ ଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଦୁହୁରିଆ କ୍ରସିଂ ବଜାରରେ ଦ୍ୱିତୀୟ ପୋଲ ନିର୍ମାଣ ହେଉ



**କେନ୍ଦ୍ରାପଡ଼ା, ୨୭।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଦୁହୁରିଆ କ୍ରସିଂ ବଜାର ଛକ ଜିଲ୍ଲାର ମୁଖଶାଳା । ଏହା କଟକ, ଯାଜପୁର, ଜଗତସିଂହପୁର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଅଛି। ୫ଶନମ୍ବର ଜାତୀୟ ରାଜପଥ ଦୁହୁରିଆ କ୍ରସିଂ ଠାରେ କଟକ - ଚାନ୍ଦବାଲି ରାସ୍ତାକୁ ଅତିକ୍ରମ କରୁଅଛି । କଟକ ଚାନ୍ଦବାଲି ରାସ୍ତା ୪ ଲେନ୍ ବିଶିଷ୍ଟ ହେବ । ଏଠାରେ ଗୋଟିଏ ମାତ୍ର ପୋଲ ନିର୍ମାଣ କରାଯାଇଅଛି । ଏଠାରେ ଦ୍ୱିତୀୟ ପୋଲ ନିର୍ମାଣ କରାଯିବା ପାଇଁ କେନ୍ଦ୍ରାପଡା ନାଗରିକ ସୁରକ୍ଷା ମଞ୍ଚ, ଦୁହୁରିଆ ପକ୍ଷରୁ ଦୀର୍ଘ ଦିନରୁ ଦାବି କରାଯାଇଥିଲା।

ଗତ ୨୪ ତାରିଖ ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଏହି ସ୍ଥାନକୁ ଏକ ଟେକ୍‌ନିକାଲ ଟିମ୍ ପରିଦର୍ଶନ କରିବାପରେ କାର୍ଯ୍ୟ କରିବା ପାଇଁ ବିଚାର ଗ୍ରହଣ କରାଗଲା । ମାତ୍ର ଜୋର ଜବରଦସ୍ତ ଜାତୀୟ ରାଜପଥ କର୍ତୃପକ୍ଷ(ଏନ୍.ଏଚ୍.ଏ.ଆଇ.)କାମ କରୁଥିବାରୁ ତାହାର ପ୍ରତିବାଦରେ ଆଜି ନାଗରିକ ସୁରକ୍ଷା ମଞ୍ଚ ଏନ୍.ଏଚ୍.ଏ.ଆଇ.ର କାର୍ଯ୍ୟ ବନ୍ଦ କରିଥିଲା। ଫଳରେ କାର୍ଯ୍ୟବନ୍ଦ ସ୍ଥାନକୁ ତହସିଲଦାର, ସଦରଥାନା ଅଧିକାରୀ, ପି.ଡି. ଏନ୍.ଏଚ୍.ଏ.ଆଇ. ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ଏଠାରେ ଦ୍ୱିତୀୟ ପୋଲ ନିର୍ମାଣ ହେବା ପର୍ଯ୍ୟନ୍ତ ୫୦ ମିଟର ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା ।

ଏହି ଆନ୍ଦୋଳନରେ ନାଗରିକ ସୁରକ୍ଷା ମଞ୍ଚର ସଭାପତି ଆଡଭୋକେଟ ବିଜୟ ପରିଡ଼ା, ଆବାହକ ସନାତନ ମୁଦୁଲି, କ୍ଷେତ୍ରବାସୀ ସାହୁ, ଜମଧର ଗ୍ରାମ ପାୟତର ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ସମିତି ସଭ୍ୟ ଦେବାଶିସ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଦାସ, ଅଭୟ ସାହୁ, ସରୋଜ ସ୍ୱାଇଁ, ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଯେପର୍ଯ୍ୟନ୍ତ ଦ୍ୱିତୀୟ ପୋଲ ନିର୍ମାଣ କରାନଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏଠାରେ ୨ୟ ପୋଲ ନିର୍ମାଣ କରା ନ ଗଲେ ୪ଟି ଜିଲ୍ଲାର ଜନସାଧାରଣ ନିଶ୍ଚିତ ଭାବରେ ଅସୁବିଧାରେ ପଡିବେ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ବନ୍ଧୁମିଳନ

**ସାଲେପୁର, ୨୭।୧୨ (ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁରର ପୂର୍ବ ଆଚାର୍ଯ୍ୟଆଚାର୍ଯ୍ୟା ପରିଷଦର ବାର୍ଷିକ ବନ୍ଧୁ ମିଳନ ଉତ୍ସବ ରୋଧପୁର ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୀତାଞ୍ଜଳି ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର କାଣ୍ଡି, ରମେଶ ଚନ୍ଦ୍ର ପ୍ରତାପ, ଚନ୍ଦ୍ରଶେଖର ଦାଶ, ରାମଚନ୍ଦ୍ର ସାହୁ, ନିରଞ୍ଜନ ନାୟକ, ଭଜକୃଷ୍ଣ ମହାପାତ୍ର, ଦୀପକ କୁମାର ରାଉତରାୟ, ସୁବାସ ଚନ୍ଦ୍ର ସାହୁ, ଜନନୀ ଶଙ୍କର ସାହୁ, ଅନନ୍ତ ଚରଣ ଦାଶ, ସୁଶୀଲ କୁମାର ବିଶୋଇ, କିଶୋରୀ ମୋହନ ମହାନ୍ତି, ଦୂରଦର୍ଶିନୀ ମହାନ୍ତି, ଶୁଭଲକ୍ଷ୍ମୀ ଓଝା, ଅଙ୍ଗୁରବାଳା ସ୍ୱାଇଁଙ୍କ ସମେତ ବହୁ ଗୁରୁଜୀ ଗୁରୁମା' ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଦିବଂଗତ ଗୁରୁଜୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।



## ଡେରାବିଶ ମହୋତ୍ସବରେ 'ଆମ ଗାଁ ସାହିତ୍ୟ ପରିଷଦ'ର କବିତା ପାଠୋତ୍ସବ

**କେନ୍ଦ୍ରାପଡା, ୨୭।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ତରଫରୁ ଡେରାବିଶ ମହୋତ୍ସବରେ ସାଂସ୍କୃତିକ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଡ଼ ଭକ୍ତ କବି ଦାସ, ମୁଖ୍ୟ ବକ୍ତା ବିଶିଷ୍ଟ ସ୍ତମ୍ଭକାର ଡ. ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥି ଭାବେ ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ ଡ଼ ଶ୍ରୀଧର କୁମାର ସାମଲ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ବିଶିଷ୍ଟ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାହୁ, ଭରତ ଚରଣ ସାହୁ ପ୍ରମୁଖ ଯୋଗ ଦେଇ ସାହିତ୍ୟ, ସଂସ୍କୃତି,ସମ୍ପର୍କ୍ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସାହିତ୍ୟ ସଂସ୍କୃତିର ବାହକ ବୋଲି କହିବା ସହ ଏହା ମହୋତ୍ସବଟିକୁ ଆହୁରି ରଙ୍ଗାୟିତ କରେ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୋଗ ଗୁରୁ ସଞ୍ଜୟ କୁମାର ମଥାନ ବେଦ ପାଠ, ଟୁଇଁକିଲ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଯୋଗାଭିନୟ କରିଥିଲେ।

କବି ପ୍ରଭାତୀ ଧଳ, ରାଜେଶ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ପଚାଶ ଜଣରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଟିଟି କାନ୍ତ ନାୟକ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ଜନ୍ମମାଟିରେ ଶିଳ୍ପୀ ଶୁକଦେବ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ମାହାଙ୍ଗା, ୨୭।୧୨ (ସଂଚାର ବ୍ୟୁରୋ):** କଳାର ପୂଜାରୀ, ସାହିତ୍ୟ ସଂଗୀତ ଓ ସଂସ୍କୃତି ଅନୁରାଗୀ ଶୁକଦେବ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ପ୍ରଥମ ବାର୍ଷିକ ସ୍ମୃତି ଉତ୍ସବ କୁସୁପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ବସନ୍ତ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବକୁ ସାହିତ୍ୟିକ ଡକ୍ଟର ଭାବଗ୍ରାହୀ ରାଉତ ଉଦଘାଟନ କରିଥିଲେ ।

ମୁଖ୍ୟବକ୍ତା ଭାବେ ପ୍ରାଧାପକ ଡକ୍ଟର ଶ୍ରୀନିବାସ ମହାନ୍ତି ଯୋଗଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଅଖିଳେଶ ପଦ ମହାନ୍ତି, ଅଧିବକ୍ତା ପ୍ରଦୀପ ଦେଓ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ,ସମାଜସେବୀ ଦିଲୀପ କୁମାର ଷେଣ୍ଢ ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ବକ୍ତାଭାବେ ଅଧିବକ୍ତା ଆଲୋକ କୁମାର ଜେନା, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ରାଉତରାୟ, ସମାଜସେବୀ ହରିହର ଜେନା, ସଂସ୍କୃତିପ୍ରେମୀ ନୃସିଂହ ଚରଣ ପୃଷ୍ଟି, ସାମ୍ବାଦିକ ଏକାଦଶୀ ସେଠୀ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀଙ୍କ ପାଇଁ ଜନ୍ମମାଟି କୁସୁପୁର ଗର୍ବିତ ବୋଲି କହିଥିଲେ। ଏହି ସ୍ମୃତି ଉତ୍ସବରେ ବହୁ ସାହିତ୍ୟିକ, ସାମ୍ବାଦିକ, ଆଇନଜୀବୀ, ଏବଂ ଶିକ୍ଷାବିତ ଯୋଗଦେଇଥିଲେ ।

# ଜିଲ୍ଲା ପାରାକ୍ରୀଡ଼ା ସଂଘର ପରିବର୍ଦ୍ଧିତ କମିଟି ଗଠିତ

**କେନ୍ଦ୍ରାପଡା, ୨୭।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ପାରାକ୍ରୀଡାର ବିକାଶ ଓ ପ୍ରୋତ୍ସାହନ ପ୍ରଦାନ ଅଭିଲକ୍ଷ୍ୟରେ ପୂର୍ବରୁ ଗଠିତ କେନ୍ଦ୍ରାପଡ଼ା ପାରାକ୍ରୀଡା ସଂଘର ପୁନର୍ଗଠନ କରାଯାଇଛି । ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଥମ କରି ଜିଲ୍ଲାସ୍ତରୀୟ ଏକ ପାରାକ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ କରାଇବା ଉଦ୍ଦେଶ୍ୟରେ ପୂର୍ବ ଗଠିତ କମିଟିକୁ ପରିବର୍ଦ୍ଧିତ କରାଯାଇଛି ବୋଲି ଏହାର ଅନ୍ୟତମ ଉପଦେଷ୍ଟା ମହମ୍ମଦ୍ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି । ଏହି ନବ ନିର୍ବାଚିତ କମିଟିରେ ମନୋରଞ୍ଜନ ସିଂହ ସଭାପତି, ସରୋଜକାନ୍ତ ସାହୁ କାର୍ଯ୍ୟକାରୀ ସଭାପତି ସାଗର କୁମାର ଜେନା ସମ୍ପାଦକ ଓ କମିଟିର କୋଷାଧକ୍ଷ ଭାବେ ବଂଶୀଧର ମହାନ୍ତି, ସଂଗଠନ ସମ୍ପାଦକ ରୂପେ ଜାତୀୟ ପାରା କ୍ରୀଡାବିତ୍ ପ୍ରଶାନ୍ତ ନାୟକ,ସହ ସମ୍ପାଦିକା ଭାବେ ଅନ୍ତର୍ଜାତୀୟ ପାରାକ୍ରୀଡ଼ାବିତ୍ ମୋନାଲି ସ୍ୱାଇଁ, ଉପ ସଭାପତି ରୂପେ ଜାତୀୟ ପାରାସନ୍ତରଣକାରୀ ବଳରାମ ସ୍ୱାଇଁ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି ।

ଜିଲ୍ଲାସ୍ତରରେ ଗଠିତ ଏହି ପାରାକ୍ରୀଡା ସଂଗଠନକୁ ଅଧିକ ସକ୍ରିୟ ଓ ମାର୍ଗଦର୍ଶନ ନିମନ୍ତେ ଏହି କମିଟିର ସ୍ଥାୟୀ ମୁଖ୍ୟ ଉପଦେଷ୍ଟା ରୂପେ କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍‌ଯ୍ୟାରତ ଅନୁଷ୍ଠାନ ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ ଉପଦେଷ୍ଟା ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା,ପ୍ରଫେସର ତ୍ରିଲୋଚନ ପ୍ରଧାନ ଓ ବରିଷ୍ଠ ଆଡ଼ଭୋକେଟ୍ ସୁଶ୍ରୀ ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ଏହା ବ୍ୟତୀତ ଏହି ନୂତନ ପରିବର୍ଦ୍ଧିତ କମିଟିର କାର୍ଯ୍ୟକାରୀ ପରିଷଦର ସଭ୍ୟ ରୂପେ କେନ୍ଦ୍ରାପଡ଼ା ଜିଲ୍ଲା ଆଥଲେଟିକ୍ ସଂଘର ଅଭିଜ୍ଞ କ୍ରୀଡା ପ୍ରଶିକ୍ଷକ ଜ୍ୟୋତିର୍ମୟ ଦାଶ, ପ୍ରଶିକ୍ଷକ ଶେଖ୍ ସୌକତ ଅଲ୍ଲୀ, ଜାତୀୟ ପାରାକ୍ରୀଡ଼ାବିତ୍ ସୁଧୀର କୁମାର ମଲ୍ଲିକ ଓ ସ୍ୱତନ୍ତ୍ର ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି ।

ଏହି ଅବସରରେ ନିକଟରେ ଓମାନ୍ ଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପାରାସେଲିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କେନ୍ଦ୍ରାପଡା ଜିଲ୍ଲାର ପାରାକ୍ରୀଡ଼ାବିତ୍ ମୋନାଲି ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**ନିଶ୍ଚିନ୍ତକୋଇଲି, ୨୭।୧୨ (ସଂଚାର ବ୍ୟୁରୋ):** ମହିଳାମାନଙ୍କୁ ଉଚ୍ଚ ଶିକ୍ଷିତା କରିବା ପାଇଁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାଙ୍କର ଅତ୍ୟନ୍ତ ଆନୁଗତ୍ୟ ପୂର୍ବତନମନ୍ତ୍ରୀ, ଅଧାପକ ସ୍ୱର୍ଗତ କାଳିନ୍ଦୀ ବେହେରା ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ନଟକାଇ ବାଣୀନଗରଠାରେ ଏକ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରି ତାହାକୁ ସାକାର କରିଛନ୍ତି। ପ୍ରକୃତରେ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଉଚ୍ଚ ଶିକ୍ଷିତା ନାରୀମାନଙ୍କର ନିତ୍ୟାନ୍ତ ଆବଶ୍ୟକ ବୋଲି ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବରେ ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରକାଶ କରିଥିଲେ ଏବଂ ବର୍ତ୍ତମାନର ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନତାଙ୍କ କାର୍ଯ୍ୟଦକ୍ଷତା ପାଇଁ କେବଳ ମାହାଙ୍ଗାରେ ନୁହେଁ ସାରା କଟକ ଜିଲ୍ଲାରେ ବୁଲୁ ଭାଇ ନାମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ଶ୍ରୀ ସାମନ୍ତରାୟ କହିଥିଲେ।

କଲେଜ ଅଧକ୍ଷା ଡ. ପୁଷ୍ପିତା ଜେନାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟ ବକ୍ତା ଭାବେ କଟକ ସଦର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ପ୍ରତ୍ୟେକ ବିଦ୍ୟାର୍ଥୀ ମାଆ ମାଟି ଓ ପିତାମାତାଙ୍କର ଋଣ ସୁଝିବା ପାଇଁ ପରାମର୍ଶ ଦେଇଥିଲେ। ଏକ ବିକଶିତ ମାହାଙ୍ଗା ଗଠନ ହୋଇ ପାରିବା ସହିତ ସମାଜ ଏବଂ ଲୋକସେବା ପ୍ରତି ଜୀବନ ଉତ୍ସର୍ଗୀକୃତ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ଉପଯୁକ୍ତ ପୂଜ୍ୟପୂଜାର ସମ୍ମାନ ଦେବା ପାଇଁ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ କହିଥିଲେ।

ଚଳିତ ବର୍ଷର କ୍ରୀଡା ଚମ୍ପିୟନ ଓ କୃତୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତର ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

● ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ

## ସାମାଜିକ ପରିବର୍ତ୍ତନରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି



**ପଟ୍ଟାମୁଣ୍ଡାଇ, ୨୭।୧୨ (ସଂଚାର ବ୍ୟୁରୋ):** ସାମାଜିକ ପରିବର୍ତ୍ତନରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନାରୀ ସଂଗଠିତ ହେଲେ ସବୁ କଠିନତା ଦୂର ହେବା ସହିତ ଏକ ନୂଆ ସକାଳର ଅଭ୍ୟୁଦୟ ଘଟିବ ବୋଲି ପଟ୍ଟାମୁଣ୍ଡାଇ ପୌରପରିଷଦର ୧୩ ନମ୍ବର ୱାର୍ଡ ପୋଖରୀୟାପଡ଼ା ଗ୍ରାମର ଗ୍ରାମଦେବତୀ ମା' ମଙ୍ଗଳାଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାମ୍ବାଦିକ ଉପେନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟବକ୍ତା ଓ କାଉନସିଲର ଲାସ୍ୟମୟୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟିର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରାର ଅନନ୍ୟ ଗଣ ପର୍ବ ମା ଖୁଦୁରୁକୁଣୀ ଓଷା ପ୍ରତ୍ୟେକ ଅବିବାହିତ ଯୁବତୀ ନାରୀ ମାନଙ୍କ ପାଇଁ ନିଷ୍ଠା ଓ ସଂଘର୍ଷର କାହାଣୀ ଭାବେ ପରିଗଣିତ ହୋଇ ଆସୁଛି ବୋଲି ମତବ୍ୟକ୍ତ କରିବା ସହିତ ପୋଖରିଆପଡା ମା ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟି ଏହିଭଳି ଉତ୍ସବର ଆୟୋଜନ, ଅଞ୍ଚଳର ଅନ୍ୟ ନାରୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ ବୋଲି କହିଥିଲେ।

# ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମ ଘଟଣାରେ ସରକାରଙ୍କୁ ଘେରିଲା ବିଜେଡି

ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଘରେ ପଶି ଦୁଷ୍କର୍ମ କରାଯିବା ଘଟଣାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବାର ୧୮ ମାସ ମଧ୍ୟରେ ରାଜ୍ୟ ମହିଳା ହିଂସାରେ ବିଶ୍ୱ ଦରବାରରେ କଳଙ୍କିତ ହୋଇଛି। ବ୍ରହ୍ମଗିରି ପରି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟନ ଋତୁରେ ଜଣେ ଦିବ୍ୟାଙ୍ଗଙ୍କୁ ଘରେ ପଶି ଦୁଷ୍କର୍ମ କରିବା ଘଟଣା ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ବର୍ଣ୍ଣନା କରୁଛି। ଗତ ୧୮ ମାସରେ ମହିଳା ବିରୋଧୀ ଅପରାଧ ମାମଲା ୪୦୯୪୭ରେ ପହଞ୍ଚିଯାଇଛି। ସେଥିମଧ୍ୟରୁ ସର୍ବାଧିକ ୩୨୦୫ଟି ଦୁଷ୍କର୍ମ ମାମଲା। ନିକଟରେ ବାଲିହରଚଣ୍ଡିଠାରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ପୁରୀବାସୀ ଭୁଲିସାରିନଥିବା ବେଳେ ଆଉ ଏକ ବର୍ବୋରୋଚିତ ଦୁଷ୍କର୍ମ ପୁରୀ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟରେ ହରିଦାସ ଗାଁରେ ନିରୀହ ମହିଳାମାନଙ୍କୁ ପ୍ରଶାସନ ଅମାନୁଷିକ ନିର୍ଯାତନା ଦେଇ ଜେଲ ପଠାଇଛି। ତେଣୁ ନିଜ ଛବିକୁ ସୁଧାରିବାକୁ ହେଲେ ତୁରନ୍ତ ସରକାର ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଶ୍ରୀ ଦାସବର୍ମା ଦାବି କରିଛନ୍ତି। ଏଥିସହ ସେ ପୁରୀ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମଗିରି ପୁଲିସ ପ୍ରଶାସନ ଆଇନ ଅନୁସାରେ କାର୍ଯ୍ୟ ନ କରି ସରକାରୀ ଦଳର ହାତବାରେସୀ ସାଜି ନିଜେ ହିଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି ବୋଲି ଶ୍ରୀ ଦାସବର୍ମା କଟୁକ୍ତି ପ୍ରକାଶ କରିଛନ୍ତି।

# 'ଚେତନା'ରେ ଗୁରୁଜୀଙ୍କ ଜନ୍ମଦିନ ପାଳିତ



ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିନ ମାନସିକ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅନୁଷ୍ଠାନ 'ଚେତନା' ପରିସରରେ ବସନ୍ତପୁର ଶ୍ରୀଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଛି। ଏଥିରେ ରାଜ୍ୟସଭା ସାଂସଦ ମୁନା ଖାଁ ଓ ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇ କେକ୍ କାଟିବା ସହ ପିଲାମାନଙ୍କୁ କେକ୍, ଚକୋଲେଟ ଓ ମିଠା ଆଦି ବାଣ୍ଟିଥିଲେ।

**ଅଲଚିକି ଲିପି ଉଦ୍ଭାବନକୁ ଶହେବର୍ଷ, ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

# ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଅସ୍ମିତାର ପ୍ରତୀକ

କେନ୍ଦୁଝର, ୨୭।୧୨ (ସଂଚାର ବ୍ୟୁରୋ): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ସେ ଜଣେ ଏମିତି ଯୁଗପୁରୁଷ ଥିଲେ, ଯିଏ ଅନ୍ଧାର ଭିତରେ ଆଲୋକର ଜାଗରଣ କରିଥିଲେ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇ ନ ଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ ବୋଲି ସାନ୍ତାଳୀ

**ପଣ୍ଡିତ ମୁର୍ମୁ 'ସ୍ରଷ୍ଟା' ହେଲେ ଅଲଚିକି ଲିପି ତାଙ୍କ 'ସୃଷ୍ଟି'**

ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ବ୍ୟକ୍ତ କରିଛନ୍ତି। ଆଜି ସ୍ଥାନୀୟ ସିଲିସୁଆଁଠାରେ ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ। ସମାରୋହରେ ସେ କହିଥିଲେ ଯେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି



- ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି ଆଉ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି।

ପ୍ରକୃତରେ ଅଲଚିକି ଲିପି ଓ ଗୁରୁ ଗୋମକେ ହେଉଛନ୍ତି ପରସ୍ପରର ପରିପୂରକ। ପଣ୍ଡିତ ମୁର୍ମୁ 'ସ୍ରଷ୍ଟା' ହେଲେ, ଅଲଚିକି ଲିପି ହେଉଛି 'ସୃଷ୍ଟି'। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ତାଙ୍କ ଦ୍ୱାରା ରଚିତ ଗଦ୍ୟ ଓ ପଦ୍ୟ ସାହିତ୍ୟ, ନାଟକ, ପାଠ୍ୟପୁସ୍ତକ ଓ ଲୋକସାହିତ୍ୟ ଆଜି ବି ଆମକୁ ସଂସ୍କୃତିର ମୂଳସୂତ୍ର ସହ ବାନ୍ଧି ରଖିଛି। ସେ ତାଙ୍କ ଶିକ୍ଷା ଓ ଚେତନା ଦ୍ୱାରା ସମାଜରେ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ଜାଗରଣ ସୃଷ୍ଟି କରିଥିଲେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସାନ୍ତାଳୀ ଭାଷାକୁ ସମୃଦ୍ଧ କରିବା ପାଇଁ ପଣ୍ଡିତ ମୁର୍ମୁ ଅଲଚିକି ଲିପିରେ ଅନେକ ଗୀତ, ନାଟକ ଓ ପାଠ୍ୟପୁସ୍ତକ ରଚନା କରିଥିଲେ। ଅଲଚିକିର ପ୍ରସାର ପାଇଁ ସେ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ 'ସାଗେନ୍ ସାକାମ୍' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ ପ୍ରତିଷ୍ଠା ହୋଇଥିଲା। ସାନ୍ତାଳୀ ସମାଜର ସାମାଜିକ, ଶିକ୍ଷାଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ସେ ଏକ ଆଦିବାସୀ ସୋସିଓ-ଏଜୁକେସନାଲ୍ ଆଣ୍ଡ କଲ୍‌ଚରାଲ୍ ଆସୋସିଏସନ୍ ଗଠନ କରିଥିଲେ। ପଣ୍ଡିତ ମୁର୍ମୁଙ୍କ ଯୋଗୁଁ କେବଳ ସାନ୍ତାଳୀ ସମାଜକୁ ନୂଆ ପରିଚୟ ମିଳିନଥିଲା, ଏଥିସହ ଅନ୍ୟାନ୍ୟ ଆଦିବାସୀ ସମାଜକୁ ମଧ ସେ ନିଜସ୍ୱ ଲିପି ବିକଶିତ କରିବାର ପଥ ପ୍ରଦର୍ଶନ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ।

# ଚାନ୍ଦବାଲି ଦୁଷ୍କର୍ମ ପୀଡ଼ିତାଙ୍କୁ ୫୦ ଲକ୍ଷ କ୍ଷତିପୂରଣ ଦିଅ: ଭକ୍ତ

ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ପିସିସି ଅଧକ୍ଷ ଭକ୍ତ ଚରଣ ଦାସ ଓ ପିସିସିର ଏକ ବୃହତ ପ୍ରତିନିଧି ଦଳ ଆଜି ଚାନ୍ଦବାଲି ଦୁଷ୍କର୍ମ ଓ ହତ୍ୟା ପୀଡ଼ିତାଙ୍କ ଆତ୍ମୀୟସ୍ୱଜନଙ୍କୁ ଭେଟିଛନ୍ତି। ଏଥିସହ ଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭଦ୍ରକ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ମଧ ପ୍ରଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଶ୍ରୀ ଦାସ କହିଛନ୍ତି ଯେ ଚାନ୍ଦବାଲି ପୀଡ଼ିତାଙ୍କ ପରିବାର ସହ



**ଫାଷ୍ଟ ଟ୍ରାକ କୋର୍ଟରେ ବିଚାର ପାଇଁ ଦାବି**

ଆଲୋଚନା ସମୟରେ ଅନେକ କିଛି ଯନ୍ତ୍ରଣାଦାୟକ ଘଟଣା ସାମ୍ନାକୁ ଆସିଛି। ମାତ୍ର ୧୦ ବର୍ଷର ନାବାଳିକାକୁ ଯେପରି ବର୍ବର ଭାବେ ପ୍ରଥମେ ଦୁଷ୍କର୍ମ ଓ ପରେ ହତ୍ୟା କରାଗଲା, ତାହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଏହା କୌଣସି ଲୋକଙ୍କୁ ବି ବ୍ୟତିବ୍ୟସ୍ତ କରିପକାଇବା ଭଳି ଏକ ଅଘଟଣ। ନିଶାଖୋର ଯୁବକ ଏକ ନିରୀହ ଜୀବନ ନେବା ସହ ଗୋଟିଏ ପରିବାରକୁ ମାନସିକ ଭାବେ ଦୁର୍ବଳ କରିଦେଇଛି। ପୂର୍ବରୁ କଂଗ୍ରେସ ବାଲେଶ୍ୱର ଏଫ୍‌ଏମ୍ ପୀଡ଼ିତା ପାଇଁ ବି ଆନ୍ଦୋଳନ କରିଥିଲା। ତା'ଛଡ଼ା ବଲଙ୍ଗା ମାମଲାରେ ଆଜି ପର୍ଯ୍ୟନ୍ତ ଦୋଷୀକୁ ପୁଲିସ୍ ଧରିବାରେ ବିଫଳ ହୋଇଛି ବୋଲି କହି ଶ୍ରୀ ଦାସ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାର 'ବେଟୀ ବଚାଓ ବେଟୀ ପଢ଼ାଓ' ନାରା ଦେଉଥିଲେ ମଧ ଏହା ଏବେ ପ୍ରସହନରେ ପରିଣତ ହୋଇଛି। ଭଦ୍ରକ ଜିଲ୍ଲାରେ ଏକ ଅମାନବୀୟ କାଣ୍ଡ ଘଟିଥିବାରୁ ଏଠାରେ ଶାସନ କିପରି ଚାଲିଛି, ତା' ସହଜେ ଅନୁମେୟ। ଗତ ୧୭ ମାସ ଭିତରେ ବିଜେପି ସରକାର ଅମଳରେ ୧୩୭୧ ଜଣ ନାରୀ ଅତ୍ୟାଚାରର ଶିକାର ହୋଇଛନ୍ତି। ସରକାରୀ ଦଳର ମୁଖ୍ୟଙ୍କ ନିର୍ବାଚନୀମଣ୍ଡଳୀରେ ବି ନାରୀ ସୁରକ୍ଷିତ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ମଧ ନାରୀ ଅତ୍ୟାଚାର ଘଟଣା ସାମ୍ନାକୁ ଆସିଛି। ତେଣୁ କେବେ ନାରୀମାନଙ୍କୁ ନ୍ୟାୟ ମିଳିବ ତା'ର ଜବାବ ସରକାର ନିଜେ ରଖିବା ଉଚିତ ବୋଲି ଶ୍ରୀ ଦାସ କହିଛନ୍ତି।

ଏଥିସହ ସେ ଚାନ୍ଦବାଲି ଦୁଷ୍କର୍ମ ଘଟଣାର ତଦନ୍ତ ପାଇଁ ଏକ ଗୃହ କମିଟି ଗଠନ କରି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ତଦାରଖ କରିବା ସକାଶେ ସେ ଦାବି କରିଛନ୍ତି। ତା'ଛଡ଼ା ଶ୍ରୀ ଦାସ ତୁରନ୍ତ ସରକାର ଚାନ୍ଦବାଲି ଦୁଷ୍କର୍ମ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଯୋଗାଇଦେବା ସହ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲାର ବିଚାର କରି ତ୍ୱରିତ ଅଭିଯୁକ୍ତକୁ ଦଣ୍ଡାଦେଶ ଦେବା ସକାଶେ ଦାବି କରିଛନ୍ତି।

● ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି

# ମାର୍ଗଦର୍ଶିକା ଅନୁସାରେ ହେବ ରତ୍ନଭଣ୍ଡାର ଗଣତି ମଣତି

ପୁରୀ,୨୭।୧୨(ସଂଚାର ବ୍ୟୁରୋ): ରତ୍ନ ଅଳଙ୍କାର ଗଣତିମଣତି ନେଇ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରତ୍ନଭଣ୍ଡାରରେ ଥିବା ସୁବର୍ଣ୍ଣ ଅଳଙ୍କାରର ମେଳକ କରାଯିବ ଓ ମାର୍ଗଦର୍ଶିକା ଅନୁସାରେ ଗଣତମଣତି ହେବ ବୋଲି ନିଷ୍ପତ୍ତି ହୋଇଛି। ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଆଲୋଚନା ହୋଇଛି। ତେବେ ଆଗକୁ ଇଂରାଜୀ ନବବର୍ଷ ଥିବାରୁ ଶ୍ରୀମନ୍ଦିର ବେଶ୍ ଲୋକାରଣ୍ୟ ରହିବ। ତେଣୁ ଉକ୍ତ ସମୟରେ ରତ୍ନଭଣ୍ଡାର ଖୋଲିବା ସମ୍ଭବପର ହେବ ନାହିଁ। କିନ୍ତୁ ଆସନ୍ତା ମାସରେ କେଉଁ ତାରିଖରେ ରତ୍ନଭଣ୍ଡାର ଖୋଲିବ, ସେନେଇ ତିଥି, ବାର ସହ ମାହେନ୍ଦ୍ର ବେଳା ସ୍ଥିର କରାଯିବ। ଅପରପକ୍ଷରେ ଗଣତିମଣତି ସମୟରେ ଅଳଙ୍କାରର ସୁରକ୍ଷା ଦୃଷ୍ଟିରୁ ଭକ୍ତଙ୍କ ଦର୍ଶନ କେତେ ସମୟ ପାଇଁ ପର୍ଯ୍ୟନ୍ତ ବନ୍ଦ କରାଯିବ, ତାହା ମଧ ସ୍ଥିର କରାଯିବ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସବୁର ଡିଜିଟାଇଜେସନ କରାଯିବ। ୧୯୭୮ର ମେଳକ ସହ ଗଣତିମଣତି କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି ଓ ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଓ କଟକ ଷ୍ଟେସନ ପୁନଃବିକାଶ ସମୀକ୍ଷା

ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଭୁବନେଶ୍ୱର ଓ କଟକ ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ଏକ ବିସ୍ତୃତ ଯାଞ୍ଚ କରିବା ସହ ଉଭୟ ସ୍ଥାନରେ ଭିତ୍ତିଭୂମି ବୃଦ୍ଧି ଓବଂ ଯାତ୍ରୀ ସୁବିଧା ବୃଦ୍ଧି ସଂକ୍ରାନ୍ତ ଅଗ୍ରଗତିର ବି ସମୀକ୍ଷା କରିଛନ୍ତି। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଓ କାର୍ଯ୍ୟସ୍ଥଳରେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ନିର୍ମାଣ କାର୍ଯ୍ୟ ସୁରକ୍ଷିତ ଓ ବ୍ୟବସ୍ଥିତ ଭାବେ ସମ୍ପାଦିତ ହୋଇପାରିବ ବୋଲି କୁହାଯାଇଥିଲା। ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ସହ ଉଭୟ ଷ୍ଟେସନକୁ ଆକର୍ଷଣର ଆଧୁନିକ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ପୁନଃବିକାଶ କାର୍ଯ୍ୟ ଜାରି ରହିଛି। ଏହି ପ୍ରୟାସଗୁଡ଼ିକ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଓ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ପ୍ରତି ପୂର୍ବତଟ ରେଳପଥର ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ। ସେହିପରି ଯାଞ୍ଚର ଏକ ଅଂଶ ଭାବେ ମହାପ୍ରବନ୍ଧକ, ଭୁବନେଶ୍ୱର ଓ କଟକ ରେଳ ଷ୍ଟେସନରେ ଉଭୟ ପାର୍ଶ୍ୱ ପ୍ରବେଶ ସ୍ଥାନ, ସର୍କୁଲେଟିଂ କ୍ଷେତ୍ର ଏବଂ ଯାତ୍ରୀ ପରିବହନ କ୍ଷେତ୍ର ଏବଂ ଚାଲୁଥିବା କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଥିଲେ। ଷ୍ଟେସନର ପ୍ରବେଶ ସ୍ଥାନଗୁଡ଼ିକର ବିକାଶ ସୁଗମ ପ୍ରବେଶ ଏବଂ ଉନ୍ନତ ଟ୍ରାଫିକ ପରିଚାଳନା, ନିର୍ଦ୍ଦିଷ୍ଟ ପିକଅପ୍ ଓ ଡ୍ରପ୍ ଜୋନ୍, ଆମ୍ବୁଲାନ୍ସ ଓ ଯାନବାହନ ପାଇଁ ପାର୍କିଂ ସ୍ଥାନ, ପ୍ରଶସ୍ତ ଆପ୍ରୋଚ୍ ରାସ୍ତା, ଏୟାର କନକୋର୍ସ, ଫୁଟ୍ ଓଭର ବ୍ରିଜ୍, ସମନ୍ୱିତ ଯାତ୍ରୀ ଘୋଷଣା ପ୍ରଣାଳୀ, ଅଗ୍ନି ଆଲାର୍ମ ଓ ସୁରକ୍ଷା ପ୍ରଣାଳୀ, ଖାଦ୍ୟ ଷ୍ଟଲ୍, ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା, ଅବସରକାଳୀନ କୋଠରୀ, ସମନ୍ୱିତ ସିସିଟିଭି ନିରୀକ୍ଷଣ ଓ ଅନ୍ୟାନ୍ୟ ଅନେକ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରିବା ସକାଶେ ଡିଜାଇନ୍ କରାଯାଇଛି।



# ପୋଖରୀରୁ ଚିତ୍ରା ହରିଣ ଉଦ୍ଧାର



କାକଟପୁର,୨୭।୧୨(ସଂଚାର ବ୍ୟୁରୋ): ଅସ୍ତରଙ୍ଗରେ ଏକ ଚିତ୍ରା ହରିଣକୁ ଉଦ୍ଧାର କରାଯାଇଛି। ଅସ୍ତରଙ୍ଗ ନିକଟସ୍ଥ ଅନନ୍ତା ଗାଁରେ ଏକ ପୋଖରୀ ମଧ୍ୟରୁ ଉକ୍ତ ହରିଣଟିକୁ ଗ୍ରାମର କେତେକ ଯୁବକ ଉଦ୍ଧାର କରିଛନ୍ତି। ଅସ୍ତରଙ୍ଗ ବନାଞ୍ଚଳ ଅଞ୍ଚଳରେ ହରିଣଙ୍କ ସଂଖ୍ୟା ବଢ଼ିଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ସେମାନେ ଜନବସତି ଅଞ୍ଚଳକୁ ପଳାଇଆସୁଛନ୍ତି। ଆଜି ସକାଳେ ଅନନ୍ତା ଗାଁ ଭିତରକୁ ହରିଣଟି ଚାଲିଆସିଥିବା ବେଳେ ଲୋକମାନଙ୍କୁ ଦେଖି ଭୟଭୀତ ହୋଇ ପୋଖରୀ ଭିତରେ ପଶିଯାଇଥିଲା। ଗାଁର କେତେକ ଯୁବକ ପୋଖରୀ ମଧ୍ୟରୁ ହରିଣଟିକୁ ଉଦ୍ଧାର କରିଥିଲେ। ଅସ୍ତରଙ୍ଗ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ହରିଣଟିକୁ ନେଇଥିବା ଜଣାପଡ଼ିଛି।

● ହୋଟେଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ଜଣେ ଅଟକ, ଯୁବତୀ ଫେରାର୍

ବାଲେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ବାଲେଶ୍ୱର ସହରରେ ଯୁବକଙ୍କୁ ହତ୍ୟା ସନ୍ଦେହ। ସହଦେବଖୁଣ୍ଟା ଥାନା ଅଧୀନସ୍ଥ ଏକ ହୋଟେଲରୁ ଉଦ୍ଧାର ହୋଇଛି ଯୁବକଙ୍କ ମୃତଦେହ। ମୃତକ ବେତନଟୀ ଥାନା ଦାନ୍ତିଆମୁଁହା ଫାଣ୍ଡି ଜାମବଣୀ ଅଞ୍ଚଳର ଆକାଶ ମହାନ୍ତ ବୋଲି ଜଣାପଡ଼ିଥିବା ବେଳେ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ୍। ମିଳିଥିବା ସୂଚନାନୁସାରେ, ହୋଟେଲର ତୃତୀୟ ମହଲା ରୁମ୍ ନମ୍ବର ୫୦୨ରେ ଆକାଶଙ୍କ ସହ ଅନ୍ୟ ଜଣେ ଯୁବକ ଓ ଯୁବତୀ ବି ରହିଥିଲେ। ଦୁଇ ଦିନ ତଳେ ନକଲି ପରିଚୟପତ୍ର ଦେଇ ସମସ୍ତେ ହୋଟେଲରେ ରହିଥିଲେ। ତେବେ ଗତକାଲି ଦୀର୍ଘ ସମୟ ଧରି ରୁମ୍ ନ ଖୋଲିବାରୁ ସନ୍ଦେହରେ ହୋଟେଲ୍ ମାଲିକ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖିଛି। ତେବେ ଏଥିରେ ଜଡ଼ିତ ଥିବା ଯୁବତୀ ଜଣଙ୍କ ଫେରାର ହୋଇଯାଇଥିବାରୁ ତାଙ୍କର ସମ୍ପୃକ୍ତି ନେଇ ପୁଲିସ କିଛି ବି ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ତାଙ୍କୁ ଧରିବା ପାଇଁ ପୁଲିସ ତ'ର ତଦନ୍ତ ଜାରି ରଖିଛି। ଅଟକ ଥିବା ଯୁବକ, ଫେରାର ଥିବା ଯୁବତୀ ଓ ମୃତ ଆକାଶ ସମସ୍ତେ ଗୋଟିଏ ଗାଁର ବୋଲି ପୁଲିସ୍ ଜାଣିବାକୁ ପାଇଛି।

# ଜମି ବିବାଦରୁ ଭାଇକୁ ହତ୍ୟା

ମାଲକାନଗିରି, ୨୭।୧୨(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମ ଭି - ୬୪ ଗ୍ରାମରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଏମ ଭି - ୬୪ ଗାଁରେ ଜମି ବିବାଦକୁ ନେଇ ବଡ଼ ଭାଇ ତାପସ ମଲ୍ଲିକ (୬୫) ଗ୍ରାମର କିଛି ବ୍ୟକ୍ତିଙ୍କ ସହ ମିଶି ସାନଭାଇ ରବୀନ୍ଦ୍ର ମଲ୍ଲିକ (୬୦) ଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଆକ୍ରମଣରେ ରବୀନ୍ଦ୍ର ମଲ୍ଲିକ ଗୁରୁତର ଆହତ ହେବାରୁ ପ୍ରଥମେ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିବା ବେଳେ ଡ଼ାକ୍ତର ଜରୁରୀକାଳୀନ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ମଧ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ଡ଼ାକ୍ତର ତାଙ୍କୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଶନିବାର ସକାଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି ।

# ୨୯ରୁ ୱେବ୍‌ସାଇଟ୍‌ରେ ଓଟିଇଟି ପରୀକ୍ଷା 'ଉତ୍ତର କି'

**୫୦୦ ଟଙ୍କାରେ ଜାନୁଆରୀ ୪ ସୁଦ୍ଧା ଚ୍ୟାଲେଞ୍ଜ୍ ସୁଯୋଗ**

କଟକ,୨୭।୧୨(ସଂଚାର ବ୍ୟୁରୋ): ଗତ ୧୭ ତାରିଖରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୫ର ଅସ୍ଥାୟୀ ଉତ୍ତର 'କି' ଆସନ୍ତା ୨୯ରୁ 'ବିଏସ୍ଇଓଡ଼ିଶାଡଟ୍ ଏସିଡଟ୍‌ଇନ୍' ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଏନେଇ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାର୍ଥୀ ଉତ୍ତରରେ କୌଣସି ପ୍ରକାର ଅସ୍ପଷ୍ଟତା ବା ଦ୍ୱନ୍ଦ୍ୱ ଥିବା ଅନୁଭବ କଲେ, ତାଙ୍କୁ ଚାଲେଞ୍ଜ କରିବାର ସୁଯୋଗ ବି ମିଳିବ। ସେମାନେ 'ବିଏସ୍ଇଓଡ଼ିଶାଡଟ୍‌ଏସିଡଟ୍‌ଇନ୍' ୱେବ୍‌ସାଇଟ୍ ଖୋଲି 'ଉତ୍ତର କି'ରେ ଦିଆଯାଇଥିବା ଉତ୍ତର ବିରୋଧରେ ଅନଲାଇନ୍‌ରେ ଚାଲେଞ୍ଜ କରିବେ। ସେହିପରି ପ୍ରତି ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଦେବାକୁ ପଡ଼ିବ। ପ୍ରାର୍ଥୀ ଚାଲେଞ୍ଜ ସହ ପ୍ରାମାଣିକ ଦଲିଲ ଅପଲୋଡ୍ କରିପାରିବେ, ଯାହା ପରିଷଦର ପ୍ରଶ୍ନ ବିଶ୍ଲେଷଣ କମିଟି ଦ୍ୱାରା ପରୀକ୍ଷଣ ଓ ବିଶ୍ଲେଷଣ କରାଯିବ। ଚ୍ୟାଲେଞ୍ଜ ହୋଇଥିବା ଉତ୍ତରଗୁଡ଼ିକର ବିସ୍ତୃତ ବିଶ୍ଲେଷଣ ପରେ ଓଟିଇଟି-୨୦୨୫ର ଅନ୍ତିମ 'ଉତ୍ତର କି' ପ୍ରକାଶ କରାଯିବ।

ସେହିପରି ପରୀକ୍ଷା ଫଳାଫଳ ଉକ୍ତ କମିଟି ନିର୍ଦ୍ଧାରିତ ଅନ୍ତିମ ଉତ୍ତର 'କି' ଅନୁଯାୟୀ କରାଯିବ। ପ୍ରଶ୍ନ ବିଶ୍ଲେଷଣ କମିଟି ନିଷ୍ପତ୍ତି ଚୂଡ଼ାନ୍ତ ହେବ ଓ ପ୍ରାର୍ଥୀମାନଙ୍କ ପାଇଁ ଏହାକୁ ମାନିବା ବାଧତାମୂଳକ। ଉତ୍ତର 'କି' ଚ୍ୟାଲେଞ୍ଜର ଅନ୍‌ଲାଇନ୍ ଲିଙ୍କ୍ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୧ଟାରୁ ୨୦୨୬ ଜାନୁଆରୀ ୪ ତାରିଖ ମଧରାତ୍ରି ପର୍ଯ୍ୟନ୍ତ ଉପଲବ୍ଧ ରହିବ। ପ୍ରାର୍ଥୀମାନେ ଫି' ଜମା କରି ଅନଲାଇନ୍ ଆବେଦନ ଫର୍ମ ଜାନୁଆରୀ ୪ ତାରିଖ ମଧରାତ୍ରି ଯାଏଁ ଦାଖଲ କରିପାରିବେ। ଏହି ତାରିଖରେ କୌଣସି ପ୍ରକାର ପରିବର୍ତ୍ତନ କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚ୍ୟାଲେଞ୍ଜ ଆବେଦନ କେବଳ ଅନଲାଇନ୍‌ରେ ଗ୍ରହଣ କରାଯିବ। ଅର୍ଥାତ୍ ଇ-ମେଲ୍/ଡାକ ବିତରଣ/ବ୍ୟକ୍ତିଗତ ବିତରଣ ଆଦି ଅନ୍ୟ କୌଣସି ମାଧ୍ୟମରେ ଦାଖଲ କରାଯାଇଥିବା ଆବେଦନ ଗ୍ରହଣଯୋଗ୍ୟ ହେବ ନାହିଁ। ଚ୍ୟାଲେଞ୍ଜ ଗ୍ରହଣ ହେଲେ ପ୍ରତି ଉତ୍ତରର ପୂର୍ଣ୍ଣ ରାଶି ଅନଲାଇନ୍ ଟ୍ରାନ୍ସଫର ମାଧମରେ ପ୍ରାର୍ଥୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଫେରସ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

# ଗିରଫ ହେଲେ କୋଟିପତି ଫରେଷ୍ଟର୍



■ ୩୦ରୁ ଉର୍ଦ୍ଧ୍ୱ ଲକ୍ଷ ଟଙ୍କାର ଆସବାବପତ୍ର ଠାବ

■ ବିଦେଶରେ ମଉଜ କରୁଥିଲେ ନିରଞ୍ଜନ

ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ଗତକାଲି ଭୁବନେଶ୍ୱର ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଥିବା ବେଳେ କୋରାପୁଟ ସେମିଲିଗୁଡ଼ାର ଫରେଷ୍ଟର୍ ନିରଞ୍ଜନ ଶତପଥୀ ବ୍ୟାପକ ମାତ୍ରାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଥିଲା। ଆଜି ଏହି ଚଢ଼ାଉ ଜାରି ରହିବା ପରେ ସେ ତାଙ୍କ ଆୟ ତୁଳନାରେ ୨୯୦ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ସରୋଜ ସାମଲ ଗଣମାଧମକୁ ସୂଚନା ଦେଇଛନ୍ତି। ଶ୍ରୀ ଶତପଥୀଙ୍କ ସହ ପତ୍ନୀଙ୍କ ନାମରେ ବି ମାମଲା ରୁଜୁ ହୋଇଛି। ପାଖାପାଖି ୩୭ ବର୍ଷ ତଳେ ସରକାରୀ ଚାକିରିରେ ଯୋଗଦେଇ ମାତ୍ର ୬୨୫ ଟଙ୍କା ଦରମା ପାଉଥିବା ବେଳେ ଚଢ଼ାଉ ସମୟରେ ତାଙ୍କ ନାମରେ ୨ଟି ବିଳାସପୂର୍ଣ୍ଣ କୋଠା, ୭ଟି ମୂଲ୍ୟବାନ ଜମି, ଏକ କେଜି ଓଜନର ସୁନା ସହ ୭୫୦ ଗ୍ରାମ୍‌ର ରୁପା ଅଳଙ୍କାର ଆଦି ଜବତ ହୋଇଛି। ଏହାଛଡ଼ା ସେ ବିଦେଶ ଯାଇ ମଉଜମସ୍ତି କରିବାର ପ୍ରମାଣ ବି ମିଳିଛି। ଗତକାଲି ତାଙ୍କ ଘରୁ କିଛି ବିଦେଶୀ ମୁଦ୍ରା ବି ମିଳିଥିଲା। ଆୟ ବହିର୍ଭୂତ ସମ୍ପତ୍ତିରେ ସେ ବିଦେଶ ବୁଲିବା ସହ ରାଜ ଉଆସରେ ରହୁଥିଲେ। ସେହିପରି ଶ୍ରୀ ଶତପଥୀଙ୍କ ଟଙ୍କାରେ ତାଙ୍କ ପୁଅ ବି ବିଦେଶ ଯାଇ ମଉଜମସ୍ତିରେ ଲିପ୍ତ ଥିଲେ। ଆଜି ଚଢ଼ାଉ ସମୟରେ ଶ୍ରୀ ଶତପଥୀ ଓ ତାଙ୍କ ପରିବାର ଲୋକଙ୍କ ନାମରେ ୬୬.୪୨ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା ସହ ନଗଦ ୯ ଲକ୍ଷ ଟଙ୍କା ଜବତ ହୋଇଛି। ଏଥିସହ ତାଙ୍କର ଗୋଟିଏ ଚାରିଚକିଆ ଗାଡ଼ି ଓ ୩ଟି ଦୁଇଚକିଆ ଗାଡ଼ି ବି ରହିଛି। ଆହୁରି ତାଙ୍କ ଘରେ ଲାଗିଥିବା ମୂଲ୍ୟବାନ କାଠ ଓ ଘରର ଆସବାବପତ୍ରର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ପରିବାର ସଦସ୍ୟଙ୍କ ବ୍ୟାଙ୍କ କାରବାର ସଂକ୍ରାନ୍ତ ତଥ୍ୟର ଯାଞ୍ଚ ହେଉଥିବା ଶ୍ରୀ ସାମଲ କହିଛନ୍ତି।

**ଏନ୍‌ସିସି ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି**

# ଭାଗନେବେ ୧୨୭ ଓଡ଼ିଆ କ୍ୟାଡେଟ୍

ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ନୂଆଦିଲ୍ଲୀରେ ଆଜିଠାରୁ ଏନସିସି ପକ୍ଷରୁ ଆରମ୍ଭ ହୋଇଥିବା ସାଧାରଣତନ୍ତ୍ର ଦିବସ ଶିବିର ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ଯୋଗଦେବା ସକାଶେ ଓଡ଼ିଶାର ମୋଟ ୧୨୭ ଜଣ କ୍ୟାଡେଟ୍ ମନୋନୀତ ହୋଇଛନ୍ତି। ଓଡ଼ିଶା ଏନସିସିର ପ୍ରାୟ ୬୪ ହଜାର କ୍ୟାଡେଟ୍‌ଙ୍କ ମଧ୍ୟରୁ ଏମାନଙ୍କୁ ଚୟନ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୮୦ ଜଣ ବାଳକ ଓ ୪୭ ଜଣ ବାଳିକା ରହିଛନ୍ତି। ୧୨୭ ଜଣ କ୍ୟାଡେଟଙ୍କ ମଧ୍ୟରୁ କଲେଜ ଏନସିସି ଶାଖାରୁ ରହିଛନ୍ତି ୧୧୨ ଜଣ (୭୧ ବାଳକ ଓ ୪୧ ବାଳିକା) ଏବଂ ସ୍କୁଲ ଏନସିସି ଶାଖାରୁ ୧୫ଜଣ (୯ ବାଳକ ଓ ୬ ବାଳିକା) କ୍ୟାଡେଟ୍ ରହିଛନ୍ତି। ଏହି ୧୨୭ କ୍ୟାଡେଟ୍ ଓ ୧୦ ଜଣ ସପୋର୍ଟ ଷ୍ଟାଫ୍ ଆଜି ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗୀମାନେ ସାଧାରଣତନ୍ତ୍ର ଦିବସ ଶିବିରରେ ଯୋଗଦେବା ସହ ସାଧାରଣତନ୍ତ୍ର ଦିବସ ପରେଡ୍ ଓ ଏନସିସି ପିଏମ୍ ରାଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏଥିନିମନ୍ତେ ଏହି କ୍ୟାଡେଟ୍‌ମାନେ ମାସେ ସମୟ ଧରି ନବରଙ୍ଗପୁରଠାରେ ପ୍ରଶିକ୍ଷଣ ନେଇଛନ୍ତି। ଏନସିସି କ୍ୟାଡେଟ୍‌ମାନେ ନୂଆଦିଲ୍ଲୀ ଯିବା ପୂର୍ବରୁ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କ ସହ ସାକ୍ଷାତ କରି ଉତ୍ସାହ ବର୍ଦ୍ଧନ କରିଛନ୍ତି। ୧୨୭ ଜଣ ଏନସିସି କ୍ୟାଡେଟ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ସାଧାରଣତନ୍ତ୍ର ଦିବସ ଶିବିରରେ ଯୋଗଦେବେ। ସେମାନେ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍ ଓ ଏନସିସି ରାଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ନିଶ୍ଚିତ ଭାବେ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ସମସ୍ତ ଏନସିସି କ୍ୟାଡେଟ୍‌ଙ୍କ ପାଇଁ ଏହି ସାଧାରଣତନ୍ତ୍ର ଦିବସ ଶିବିର ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ଶ୍ରୀ ସୂରଜ ଆଶା କରିଛନ୍ତି। ଏଥିସହ ରାଜ୍ୟରେ କ୍ରମାଗତ ଭାବେ ଏନସିସି କ୍ୟାଡେଟ୍ ଓ ଏନସିସିରେ ମହିଳା କ୍ୟାଡେଟ୍‌ଙ୍କ ସଂଖ୍ୟାକୁ ବୃଦ୍ଧି କରିବା ସହ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଏନସିସି ବାଟାଲିୟନ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।



# କ୍ରୀଡ଼ା ମାଧ୍ୟମରେ ମଜବୁତ ସମ୍ପ୍ରଦାୟ ଗଠନ ପ୍ରୟାସ

ଭୁବନେଶ୍ୱର,୨୭।୧୨(ସଂଚାରା ବ୍ୟୁରୋ): ଝାରସୁଗୁଡାର ଗ୍ରାମ ଓ ବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ ତୃଣମୂଳ ସ୍ତରର ବିକାଶର ଏକ ଶକ୍ତିଶାଳୀ ବାହକ ଭାବେ ଉଭା ହେଉଛି। ନିରନ୍ତର ଓ ସଂରଚିତ ହସ୍ତକ୍ଷେପ ମାଧ୍ୟମରେ ବେଦାନ୍ତ କମ୍ପାନୀ ଝାରସୁଗୁଡ଼ାର ପିଲା ଓ ଯୁବକଙ୍କ ପାଇଁ ସଂଗଠିତ କ୍ରୀଡ଼ାର

**ବେଦାନ୍ତ ପକ୍ଷରୁ ସାମୁଦାୟିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**



ପ୍ରବେଶକୁ ବିସ୍ତାର କରୁଛି। ଏଥିସହ ସାମୁଦାୟିକ ସ୍ତରରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ମଧ ବେଦାନ୍ତ ପକ୍ଷରୁ ସୁଦୃଢ଼ କରାଯିବାରେ ସଦକ୍ଷେପ ନିଆଯାଉଛି। ଦଳଗତ ଓ ବ୍ୟକ୍ତିଗତ କ୍ରୀଡ଼ା ଉଭୟରେ ବିନିଯୋଗ କରି ବେଦାନ୍ତ ଝାରସୁଗୁଡା ଅନ୍ତର୍ଭୁକ୍ତ ପ୍ଲାଟଫର୍ମ ସୃଷ୍ଟି କରୁଛି ଯାହା ଯୁବକମାନଙ୍କୁ ପ୍ରାରମ୍ଭିକ ଭାବେ ଜଡ଼ିତ କରେ ଓ ଦୀର୍ଘକାଳୀନ ପ୍ରଭାବ ପକାଇପାରେ। ଗ୍ରାମଗୁଡ଼ିକୁ ଏକାଠି କରୁଥିବା ସାମୁଦାୟିକ କ୍ରିକେଟ ଟୁର୍ଣ୍ଣାମେଣ୍ଟଠାରୁ ଆରମ୍ଭ କରି ମାର୍ଶାଲ ଆର୍ଟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଏହି ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି।

ବେଦାନ୍ତ ଝାରସୁଗୁଡାର ସିଏସଆର-ନେତୃତ୍ୱାଧୀନ ଏନଗେଜମେଣ୍ଟ କାର୍ଯ୍ୟକ୍ରମ ଅଧୀନରେ ଜଜ କଲୋନି ଗ୍ରାଉଣ୍ଡରେ ଅନୁଷ୍ଠିତ ପାଞ୍ଚଦିନିଆ ସାମୁଦାୟିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମୟରେ ଏହି ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା। ଝାରସୁଗୁଡାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ସାମୁଦାୟିକ ଯୋଗଦାନ ସହ ଦଳଗତ କାର୍ଯ୍ୟ, କ୍ରୀଡ଼ା ମନୋଭାବନା ଓ ସାମାଜିକ ସଂହତିର ମୂଲ୍ୟବୋଧକୁ ସୁଦୃଢ଼ କରାଯାଇଥିଲା। ବେଦାନ୍ତ ଝାରସୁଗୁଡା ଜିଲ୍ଲାର ୧୦ଟି ସ୍କୁଲରେ ସମ୍ପ୍ରତି ମାର୍ଶାଲ ଆର୍ଟ କର୍ମଶାଳା ଆୟୋଜନ କରିଛି ଓ ଏଥିରେ ୧ ହଜାରରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଛି। ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦୁ କହିଛନ୍ତି ଯେ ବେଦାନ୍ତ ଝାରସୁଗୁଡାରେ ଏକ ଆତ୍ମବିଶ୍ୱାସୀ ଏବଂ ସ୍ଥିର ସମ୍ପ୍ରଦାୟ ଗଠନ ଦିଗରେ କ୍ରୀଡ଼ାର ଉପଯୋଗିତା ସମ୍ପର୍କରେ ବିଶ୍ଲେଷଣ କରାଯାଉଛି। କାର୍ଯ୍ୟକ୍ରମ ପ୍ରଭାବ ଉପରେ ମତ ଦେଇ ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଲାଭାର୍ଥୀ ମୁକ୍ତିକାନ୍ତ ନାୟକ କହିଛନ୍ତି ଯେ ମାର୍ଶାଲ ଆର୍ଟ ତାଲିମ ମୋତେ ଅଧିକ ଆତ୍ମବିଶ୍ୱାସୀ ଓ ଶୃଙ୍ଖଳିତ କରିଛି।

# ଜାନୁଆରୀ ୩୧ ସୁଦ୍ଧା ଆଇଏଏସ୍ ଅଧିକାରୀ ସଂପତ୍ତି ତାଲିକା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ) : ନିଜ ସଂପତ୍ତି ତାଲିକା ଦେବେ ଆଇଏଏସ ଅଧିକାରୀ। ୨୦୨୫ ବର୍ଷ ପାଇଁ ସଂପତ୍ତି ତାଲିକା ପ୍ରଦାନ କରିବାକୁ ସମସ୍ତ ମୁଖ୍ୟ ସଚିବଙ୍କୁ କେନ୍ଦ୍ର କାର୍ମିକ ମନ୍ତ୍ରାଳୟ ଚିଠି ଲେଖିଛି । ଜାନୁଆରୀ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବେ ସଂପତ୍ତିର ବିବରଣୀ । ସଂପତ୍ତି ତାଲିକା ପ୍ରଦାନ ନକଲେ ପଦୋନ୍ନତି ବନ୍ଦ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ରହିଛି। ୨୦୨୫ରେ ଓଡ଼ିଶାରେ ୧୬୫ଜଣ ଆଇଏଏସ ସେମାନଙ୍କ ନାମରେ ଥିବା ସଂପତ୍ତିର ଘୋଷଣା କରିଛନ୍ତି । ଦେଶରେ କିନ୍ତୁ ୯୧ ଜଣ ଆଇଏଏସ ସଂପତ୍ତି ତାଲିକା ପ୍ରଦାନ କରିନଥିଲେ। ୨୦୨୫ରେ ଓଡ଼ିଶାର ୧୬୫ ଜଣ ଆଇଏଏସ ଅଧିକାରୀ ସେମାନଙ୍କ ସଂପତ୍ତି ତାଲିକା ପ୍ରଦାନ କରିଛନ୍ତି ।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୨୮ ଡିସେମ୍ବର ୨୦୨୫, ଭୁବନେଶ୍ୱର
Sunday 28 December 2025, Bhubaneswar

# ଅବହେଳାର ମୂଲ୍ୟ ବହୁତ

୨୦୨୫ ବର୍ଷଟି ଭାରତ ପାଇଁ ଏକ ଦୁର୍ଦ୍ଦଶାପୂର୍ଣ୍ଣ ସମୟ ଥିଲା। ପ୍ରାକୃତିକ ବିପର୍ଯ୍ୟୟରୁ ଆରମ୍ଭ କରି ମନୁଷ୍ୟକୃତ ଦୁର୍ଘଟଣା ପର୍ଯ୍ୟନ୍ତ, ଏହି ବର୍ଷରେ ଅନେକ ଘଟଣା ଲକ୍ଷାଧିକ ଲୋକଙ୍କ ଜୀବନ ଏବଂ ସମ୍ପତ୍ତିକୁ ପ୍ରଭାବିତ କରିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅଧିକ ସ୍ପଷ୍ଟ ହୋଇଛି, ଯାହା ଅଭାବନୀୟ ବନ୍ୟା, ଭୂସ୍ଖଳନ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ସହିତ ଦଳାଚକଟା, ଆତଙ୍କବାଦୀ ଆକ୍ରମଣ ଏବଂ ଦୁର୍ଘଟଣାଗୁଡ଼ିକ ମଧ ଦେଶକୁ ଆଘାତ ଦେଇଛି। ଏହି ସମ୍ପାଦକୀୟରେ ଆମେ ଏହି ବର୍ଷର କିଛି ପ୍ରମୁଖ ବିପର୍ଯ୍ୟୟକୁ ଆଲୋଚନା କରିବୁ ଏବଂ ସେଗୁଡ଼ିକରୁ ଶିଖିବାର ଆବଶ୍ୟକତା ଉପରେ ଜୋର୍ ଦେବୁ।

ବର୍ଷର ଆରମ୍ଭରେ ଜାନୁଆରୀ ମାସରେ ଅନେକ ଦୁର୍ଘଟଣା ଘଟିଥିଲା। ଜାନୁଆରୀ ୬ରେ ଆସାମରେ ଖଣି ଘଟଣା ଏବଂ ଜାନୁଆରୀ ୭ରେ ତିବ୍ବତ ଭୂକମ୍ପ ପ୍ରଭାବିତ କରିଥିଲା। ଜାନୁଆରୀ ୨୨ରେ ମହାରାଷ୍ଟ୍ରର ଜଲଗାଓଁରେ ଟ୍ରେନ୍ ଦୁର୍ଘଟଣାରେ ୧୨ ଜଣ ମୃତ୍ୟୁବରଣ କରିଥିଲେ। ଜାନୁଆରୀ ୨୯ରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ଯୋଗୁ ଦଳାଚକଟାରେ ୩୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ, ଯାହା ସରକାରୀ ରିପୋର୍ଟରେ ୩୭ ଏବଂ ବିବିସି ରିପୋର୍ଟରେ ୮୨ ଦାବି କରାଯାଇଥିଲା।

ଫେବୃଆରୀ ୧୫ରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ପ୍ରବଳ ଭିଡ ଯୋଗୁ ଦଳାଚକଟାରେ ୧୮ ଜଣ ମୃତ୍ୟୁବରଣ କରିଥିଲେ। ଏପ୍ରିଲ୍ ୧ରେ ଗୁଜରାଟର ବନସକାନ୍ଥାରେ ବାଣ ତିଆରି କାରଖାନା ବିସ୍ଫୋରଣରେ ୨୧ ଜଣ ମୃତ୍ୟୁବରଣ କରିଥିଲେ, ଯେଉଁଥିରେ ୮ ଶିଶୁ ଥିଲେ। ଏପ୍ରିଲ୍ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିଲେ।

ମେ ୧୮ରେ ତେଲଙ୍ଗାନାର ହାଇଦ୍ରାବାଦର ଗୁଲଜାର୍ ହୌଜ୍ ଅଗ୍ନିକାଣ୍ଡରେ ୮ ଜଣ ଶିଶୁଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଜୁନ୍ ୪ରେ କର୍ଣ୍ଣାଟକର ବେଙ୍ଗାଲୁରୁରେ ଆରସିବି ଆଇପିଏଲ୍ ବିଜୟ ଉତ୍ସବରେ ଭିଡ଼ ଜମାଟରେ ୧୧ ଜଣ ମୃତ୍ୟୁବରଣ କରିଥିଲେ। ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଏୟାର୍ ଇଣ୍ଡିଆ ଫ୍ଲାଇଟ୍ ୧୭୧ କ୍ରାସରେ ୨୪୧ ଯାତ୍ରୀ ଏବଂ ୧୯ ଭୂମିରେ ଥିବା ଲୋକ ମୃତ୍ୟୁବରଣ କରିଥିଲେ। ଜୁଲାଇ ୯ରେ



ଗୁଜରାଟର ବଡୋଦରା-ଆନନ୍ଦ ବ୍ରିଜ୍ ଧସିବାରୁ ୨୦ ଜଣ ମୃତ୍ୟୁବରଣ କରିଥିଲେ। ଅଗଷ୍ଟ ୫ରେ ଉତ୍ତରାଖଣ୍ଡର ଉତ୍ତରକାଶୀର ଧରାଲିରେ ଭୂସ୍ଖଳନ ଏବଂ ଧ୍ୱଂସାବଶେଷ ବୋହି ୭୦ ଜଣ ମୃତ୍ୟୁବରଣ କରିଥିଲେ। ଲଗାଣ ବର୍ଷାରୁ ଏଭଳି ଦୁର୍ଘଟଣା ହୋଇଥିଲା। ଏହି ବର୍ଷର ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଭାରତ ଏବଂ ପାକିସ୍ତାନରେ ସର୍ବାଧିକ ମୃତ୍ୟୁ ଘଟାଇଥିଲା, ଯାହାରେ ଭାରତରେ ଅତ୍ୟଧିକ ବର୍ଷା ବନ୍ୟା, ଭୂସ୍ଖଳନ ଏବଂ ଫ୍ଲାସ୍ ଫ୍ଲଡ୍ ସୃଷ୍ଟି କରିଥିଲା। ଏଥିରେ ୧,୮୬୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ, ଯାହା ବିଶ୍ୱରେ ପଞ୍ଚମ ମହଙ୍ଗା ଜଳବାୟୁ ବିପର୍ଯ୍ୟୟ ଥିଲା ଏବଂ ୫.୬ ବିଲିୟନ ଡଲାର କ୍ଷତି ଘଟାଇଥିଲା। ହିମାଚଳ ପ୍ରଦେଶ, ଗୁଜରାଟ ଏବଂ ମଧ୍ୟପ୍ରଦେଶ ସର୍ବାଧିକ ପ୍ରଭାବିତ ହୋଇଥିଲେ। ପ୍ରଥମ ନଅ ମାସରେ ଅତ୍ୟଧିକ ଜଳବାୟୁ ଘଟଣାରେ ୪,୦୬୪ ଲୋକ ମୃତ୍ୟୁବରଣ କରିଥିଲେ।

ସେପ୍ଟେମ୍ବର୍ ୨୭ରେ ତାମିଲନାଡୁର କରୁରରେ ଟିଭିକେ ରାଲିରେ ଭିଡ଼ ନିୟନ୍ତ୍ରଣରେ ପ୍ରଶାସନିକ ବିଫଳତା ଯୋଗୁ ୪୧ ଜଣ ମୃତ୍ୟୁବରଣ କରିଥିଲେ। ଅକ୍ଟୋବର୍ ୨୪ରେ ଆନ୍ଧ୍ରପ୍ରଦେଶର କୁର୍ନୁଲରେ ବସ୍ ଅଗ୍ନିକାଣ୍ଡରେ ୧୯ ଜଣ ମୃତ୍ୟୁବରଣ କରିଥିଲେ। ନଭେମ୍ବର୍ ୧୦ରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର୍ ବିସ୍ଫୋରଣରେ ୧୩ ଜଣ ମୃତ୍ୟୁବରଣ କରିଥିଲେ। ଡିସେମ୍ବର୍ ୬ରେ ଗୋଆରେ ନାଇଟ କ୍ଲବ ଅଗ୍ନିକାଣ୍ଡରେ ୨୫ ଜଣ ମୃତ୍ୟୁବରଣ କରିଥିଲେ। ଡିସେମ୍ବର୍ ୧୬ରେ ଉତ୍ତରପ୍ରଦେଶର ମଥୁରାରେ ଜମୁନା ଏକ୍ସପ୍ରେସ ୱେରେ କୁହୁଡି ଯୋଗୁ ଏକାଧିକ ଗାଡି ପରସ୍ପର ସହ ଧକ୍କା ହେବାରୁ ୧୯ ଜଣ ମୃତ୍ୟୁବରଣ କରିଥିଲେ।

ଏହି ବିପର୍ଯ୍ୟୟଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ଅପର୍ଯ୍ୟାପ୍ତ ପରିଚାଳନା ଏବଂ ଅବହେଳାର ପରିଣାମ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଥିରୁ ଶିଖି ଆମେ ବିପର୍ଯ୍ୟୟ ପରିଚାଳନା, ପରିବେଶ ସୁରକ୍ଷା ଏବଂ ସୁରକ୍ଷା ମାନଦଣ୍ଡକୁ କଡ଼ା କରିବା ଆବଶ୍ୟକ। ସରକାର ଏବଂ ନାଗରିକମାନେ ଏକତ୍ରିତ ହୋଇ ଭବିଷ୍ୟତ ବିପର୍ଯ୍ୟୟକୁ ରୋକିବା ପାଇଁ ପ୍ରୟାସ କରିବା ଉଚିତ୍। ୨୦୨୫ ଆମକୁ ସତର୍କ କରିଛି ଯେ ଅବହେଳାର ମୂଲ୍ୟ ବହୁତ ଉଚ୍ଚ।

# 'ମନ ଲଗାମକୁ ଟାଣି ସନ୍ତତ ସାରଥି, ନିରୋଧେ ଚଞ୍ଚଳ ଅଶ୍ୱ ବିଶୃଙ୍ଖଳ ଗତି'

ଡକ୍ଟର ସୁରେଶ କୁମାର ନାୟକ



ଶରଣାଗତିର ଅର୍ଥ କ'ଣ? ଗୁରୁଦେବ ଧନ ବା ଅଧିକାରର ଦାନ ମାଗନ୍ତି ନାହିଁ। ନିଷ୍ଠାବାନ ଭକ୍ତ ପତ୍ର, ଫୁଲ, ଫଳ ବା ଜଳ ଦେଲେ ବି ଗୁରୁଦେବ ପ୍ରୀତ ହୁଅନ୍ତି ବୋଲି କୁହାଯାଏ। ପତ୍ର କ'ଣ? ଏହା ହେଉଛି ଶରୀର। ହୃଦୟ ହେଉଛି ଫୁଲ, ମନ ହେଉଛି ଫଳ। ଯେଉଁ ଜଳ ଅର୍ପଣ କରାଯିବା କଥା ତାହା ହେଉଛି ଭକ୍ତର ଆନନ୍ଦାଶ୍ରୁ। ଏହା ହିଁ ଆମଠାରୁ ଗୁରୁଦେବ ଆଶା କରନ୍ତି। ଗୁରୁଦେବ ଆମ୍ଭମାନଙ୍କୁ କୁହନ୍ତି, 'ହେ ପ୍ରିୟ ମନୁଷ୍ୟ! ଦେହ ତୁମର ନୁହେଁ। ଏହା କିଏ ତୁମକୁ ଦେଇଛି? ଏହା ଭଗବାନଙ୍କ ଠାରୁ ମୂଲ୍ୟବାନ ଉପହାର। ଏହା ପତ୍ର ପରି ଜଡ଼ ଅଟେ।' ଗାୟତ୍ରି ମନ୍ତ୍ରରେ ଉଲ୍ଲେଖ ରହିଛି 'ଓଁ ଭୁର୍ଭୁବଃ ସ୍ୱଃ'। ଏହି ମନ୍ତ୍ରରେ 'ଭୁଃ' ଦେହକୁ ସୂଚିତ କରେ, ଏହା ଭୌତିକ ତତ୍ତ୍ୱରେ ଗଢ଼ା। ଏହାକୁ ପତ୍ର ସହିତ ତୁଳନା କରାଯାଇପାରେ। 'ଭୁବଃ' ଜଡ଼ ଶରୀରକୁ କ୍ରିୟାଶୀଳ କରୁଥିବା ତତ୍ତ୍ୱକୁ ସୂଚୀତ କରେ। ସେହି ପ୍ରାଣଶକ୍ତି ସ୍ପନ୍ଦନ ରୂପରେ କାର୍ଯ୍ୟ କରେ। ପ୍ରାଣ ଶକ୍ତିର ଅଧାର କ'ଣ? ତାହା ହେଉଛି 'ପ୍ରଜ୍ଞାନ'। ଉପନିଷଦରେ 'ପ୍ରଜ୍ଞାନଂ ବ୍ରହ୍ମ' ବୋଲି କୁହାଯାଇଛି। ପ୍ରଜ୍ଞା ବିକିରଣ ମାଧମରେ କାର୍ଯ୍ୟ କରେ। 'ସ୍ୱଃ' ଏହି ବିକିରଣ ଶକ୍ତିକୁ ସୂଚିତ କରେ। ମାନବିକତା ଏହି ତିନୋଟି ତତ୍ତ୍ୱରେ ଗଠିତ। ବିକିରଣ, ସ୍ପନ୍ଦନ ଓ ଭୌତିକ ଜଡ଼ତା।

ଗୁରୁଦେବଙ୍କୁ ଯେଉଁ ପୁଷ୍ପ ଅର୍ପଣ କରାଯିବା କଥା ତାହା ହେଉଛି କାମ, କ୍ରୋଧ ଓ ମଦ ଆଦି ସମସ୍ତ ଦୁର୍ଗୁଣ ଓ କୁପ୍ରବୃତ୍ତିରୁ ମୁକ୍ତ ନିର୍ମଳ ହୃଦୟ। ଏହା ଉତ୍ତମତାର ମଧୁର ରସରେ ପରିପୂର୍ଣ୍ଣ ହେବା ଉଚିତ। ଯେଉଁ ଜଳ ଗୁରୁଦେବଙ୍କୁ ଅର୍ପଣ କରାଯିବା କଥା ତାହା ହେଉଛି ଭଗବତ୍ ଅନୁଦିତ ଜନିତ ଆନନ୍ଦାଶ୍ରୁ। ଅଶ୍ରୁ ଦୁଇ ପ୍ରକାର - ଦୁଃଖ ଓ ଆସକ୍ତିରୁ ଜାତ ଅଶ୍ରୁ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରବାହିତ ଆନନ୍ଦାଶ୍ରୁ। ଗୁରୁଦେବଙ୍କୁ ଆମର ପ୍ରାଣବାୟୁ, ତେଣୁ ଆମ୍ଭ ମାନଙ୍କର ଜୀବନରେ ମଧୁରତାପୂର୍ଣ୍ଣ କରିବା।

ସାଂସାରିକ ବିଷୟ ଭୋଗ ଏବଂ ଆଧାତ୍ମିକ ଆନନ୍ଦ କିପରି ସଫଳତାର ସହ ଲାଭ କରିବା ଘେନି ଯେଉଁ ଗୁପ୍ତ ତତ୍ତ୍ୱଟି ରହିଛି ତାହାର ବର୍ଣ୍ଣନା ମଧ କରାଯାଇଛି। ଆମର ଜୀବନ ଶକ୍ତି ମୁଖ୍ୟତଃ ତିନିଟି ମାର୍ଗରେ ବ୍ୟୟ ହୋଇଥାଏ। ପ୍ରଥମଟି ହେଉଛି ସମାଜରେ ବା ଜୀବନ ଯାପନରେ ଆମର ଯେଉଁ ସ୍ଥିତି ରହିଛି ସେଥିରେ ଉନ୍ନତି କରିବାରେ ଏବଂ ଅଧିକ କିଛି ଲାଭ କରିବା ନିମନ୍ତେ ଆମେ ଶକ୍ତିର ବ୍ୟବହାର କରିଥାଉ। ଦ୍ୱିତୀୟଟି ହେଉଛି ଆମର ଯାହା ଅଛି ତାହା କିପରି ସୁରକ୍ଷିତ ହୋଇ ରହିବ ସେଥିନିମନ୍ତେ ମଧ ଶକ୍ତିର ବ୍ୟୟ କରିଥାଉ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପରିବାର ଭୟକୁ କିପରି ଦୂର କରାଯାଇପାରିବ ସେଥି ନିମନ୍ତେ ଅଧିକ ଶକ୍ତିର ବ୍ୟୟ କରିଥାଉ। ଯଦିଓ ଏସବୁ ହେଉଛି ଅଳିକା ଘରଟିଏ ନିର୍ମାଣ କଲେ ତାହାର ସୁରକ୍ଷା ଏବଂ ଉତ୍ତମ ଭାବେ ତାହାର ବ୍ୟବହାର କିପରି କରାଯାଇପାରିବ ସେଥିନିମନ୍ତେ ଆମେ ବ୍ୟସ୍ତ ହେଉ। ଆମେ ଅର୍ଥ ଉପାର୍ଜନ କରୁ ଏବଂ ତାହାକୁ କିପରି ସୁରକ୍ଷିତ ଭାବେ ରଖିବୁ ସେଥି ନିମନ୍ତେ କାର୍ଯ୍ୟକରୁ। ଏସବୁ ଅଳିକା ଏହା ସତ୍ତ୍ୱେ ଏଥି ନିମନ୍ତେ ଆମର ଶକ୍ତି, ସମୟ ଏବଂ ଚିନ୍ତା ସବୁ ବ୍ୟୟ କରିଥାଉ। ଏଥି ନିମନ୍ତେ ଆମକୁ ବାରମ୍ବାର ମର୍ତ୍ତ୍ୟରେ ଜନ୍ମ ନେବାକୁ ପଡ଼େ। ଯଦି ଏସବୁ ଠାରୁ ଧ୍ୟାନକୁ ଟାଣି ଆଣି କେବଳ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସବୁ ଶକ୍ତି ଏବଂ ସମୟର ବ୍ୟୟ କରାଯିବ ତାହାଲେ ସଂସାର ସାଗରରୁ ମୁକ୍ତି ମିଳିବ। ଏହା ନକରି ଆଧାତ୍ମିକ ଜ୍ଞାନ ଅର୍ଜନ ବେଳେ ଆମେ ଯଦି ଭାବୁ ଯେ ଈଶ୍ୱର ଆରାଧନାରେ ସବୁ ସମୟ ଦେଇଦେଲେ ମୋର ସାଂସାରିକ ସାମଗ୍ରୀ ଗୁଡ଼ିକ କିପରି ସୁରକ୍ଷିତ ରହିବ? ତାହାର ସୁରକ୍ଷା ମଧ ଏକ କର୍ତ୍ତବ୍ୟ। ଏଥିରୁ କିପରି ମୁଁ ନିଜକୁ ଦୂରେଇ ରଖିପାରିବି? 'ଯିଏ ମୋ ପ୍ରତି ନିଜର ମନକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଦିଏ ତାହାର ସବୁ କିଛି ମୁଁ ବୁଝେ।'

ଗୁରୁଦେବ ମାର୍ଗ ଦର୍ଶନ କରିଛନ୍ତି 'ଜଣେ ଆଦର୍ଶ ପୁରୁଷ ତା'ର ଇନ୍ଦ୍ରିୟ ଓ ମନ ଉପରେ ନିୟନ୍ତ୍ରଣ ଆଣିବା ଅପରିହାର୍ଯ୍ୟ ଏବଂ ସମସ୍ତ ପ୍ରକାର ଭାବରୁ ରହିତ ବା ମୁକ୍ତ ହେବା ବିଧେୟ।' ଯଦିଓ ଗୁରୁଦେବ ତାଙ୍କର ପ୍ରିୟତମ ବ୍ୟକ୍ତି ପାଇଁ କର୍ମଯୋଗୀ, ପଣ୍ଡିତ, ଉତ୍ତମପୁରୁଷ, ସନ୍ନ୍ୟାସୀ ବା ଭକ୍ତି ଏହିଭଳି ବିଭିନ୍ନ ନାମକରଣ କରିଛନ୍ତି; କିନ୍ତୁ ସେମାନଙ୍କ ମଧରେ ଯେଉଁସବୁ ପ୍ରୟୋଜନୀୟ ଗୁଣ କଥା କହିଛନ୍ତି ସମସ୍ତ କ୍ଷେତ୍ରରେ ତାହା ଉଣା ଅଧିକେ ସମାନ ଅଟେ। ତେଣୁ ଗୁରୁଦେବଙ୍କର ପ୍ରିୟତମ ବ୍ୟକ୍ତି ହେବାକୁ ହେଲେ ଜଣକୁ ପ୍ରଥମେ ଏସବୁ ଗୁଣର ଅଧିକାରୀ ହେବାକୁ ପଡ଼ିବ। ମୋକ୍ଷ ଏବଂ ଭଗବତ୍ ପ୍ରାପ୍ତି ଏ ଉଭୟ ପ୍ରତ୍ୟେକ ଆମ୍ଭମାନଙ୍କର କାମ୍ୟ ଏବଂ ନିମିତ୍ତ ପ୍ରତ୍ୟେକ ବ୍ୟକ୍ତି ଗୁରୁଦେବଙ୍କର ପ୍ରିୟ ହେବାକୁ ଚାହାଁନ୍ତି; କିନ୍ତୁ ଉପରେ ଯେପରି ବର୍ଣ୍ଣନା କରାଗଲା ଏହା ସେପରି ସହଜ ନୁହେଁ। ଗୁରୁଦେବଙ୍କର ପ୍ରିୟ ହେବା ପାଇଁ ତାଙ୍କ ଦ୍ୱାରା କଠିନ ପରୀକ୍ଷା ବିଧି ପ୍ରଣିତ ହୋଇଛି, ତେବେ ଗୁରୁଦେବଙ୍କର ପ୍ରିୟ ଭକ୍ତମାନେ ଏହି ପରୀକ୍ଷାରେ ସହଜରେ ଉତ୍ତୀର୍ଣ୍ଣ ହୋଇଯିବେ ଯଦି ସେମାନେ ଗୁରୁଦେବଙ୍କ ପଦାଙ୍କ ସାବଧାନତାର ସହ ଅନୁସରଣ କରନ୍ତି। ଅତଏବ ଗୁରୁଦେବଙ୍କର ପ୍ରିୟତମ ହେବା ପାଇଁ ଆମ୍ଭେମାନେ ଏହି ପଥରେ ଯାତ୍ରା କରିବାକୁ ପସନ୍ଦ କରିବେନାହିଁ କି? ଏ ଅପୂର୍ବ ନର ଶରୀର ଗୁରୁଦେବଙ୍କ କୃପା ଦ୍ୱାରା ପ୍ରାପ୍ତ ହେଉଛୁ। ଏହି ଅନୁଶୀଳନ ସମୟରେ ଗୋପବନ୍ଧୁ ଦାସଙ୍କ ସେହି କାଳଜୟୀ ଧାଡ଼ିଟି ମନେପଡ଼ୁଛି 'ଏ ନର ଶରୀର ଏକ ଅପୂର୍ବ ସ୍ୟନ୍ଦନ, ଚକ୍ଷୁ ଆଦି ପଞ୍ଚ ଅଶ୍ୱ ଏଥିରେ ବାହନ। ଜୀବନରଥୀ, ପୁଣି ବୁଦ୍ଧି ସାରଥି ଏ ରଥେ, ଦଉଡନ୍ତି ଅଶ୍ୱେ ରୂପରସ ଆଦି ପଥେ। ମନ ଲଗାମକୁ ଟାଣି ସନ୍ତତ ସାରଥି, ନିରୋଧେ ଚଞ୍ଚଳ ଅଶ୍ୱ ବିଶୃଙ୍ଖଳ ଗତି।'

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋବାଇଲ: ୯୪୩୭୨୨୫୫୯୨**

# 'ଏପିଷ୍ଟିନ୍ ଫାଇଲ୍' ଆମ ବ୍ୟବସ୍ଥାର ଉତ୍ପାଦ

ଅସିତ ମହାନ୍ତି



'ଏପିଷ୍ଟିନ୍ ଫାଇଲ୍' କୁହାଯାଉଥିବା ଏହି ଫାଇଲଟି କେବଳ ଜଣେ ବ୍ୟକ୍ତିଙ୍କ ଅପରାଧର କାହାଣୀ ନୁହେଁ, କିମ୍ବା ତାଙ୍କ ବ୍ୟକ୍ତିଗତ ଶୋଷଣ ସାମ୍ରାଜ୍ୟର ଘୃଣ୍ୟ ବିବରଣୀ ନୁହେଁ। ଏହା ଆହୁରି ଗଭୀର ଭାବରେ, ଆମେ ଯେଉଁ ବ୍ୟବସ୍ଥାରେ ରହୁଛୁ ତାହା ପ୍ରତି ଏକ ଦର୍ପଣ - ଏକ ବ୍ୟବସ୍ଥା ଯାହା ଅସମାନତା ଉପରେ ବଢେ, ମଣିଷକୁ ସାମଗ୍ରୀ ପ୍ରଦାନ କରେ ଏବଂ କ୍ଷମତାଶାଳୀମାନଙ୍କୁ ଦାୟିତ୍ୱରୁ ରକ୍ଷା କରେ। ଏପିଷ୍ଟିନକୁ ବୁଝିବା ହେଉଛି ପୁଞ୍ଜିବାଦକୁ ଏହାର ସବୁଠାରୁ ବିଚିତ୍ର ରୂପରେ ବୁଝିବା, ଏହାର ଯୋଗ୍ୟତା ଏବଂ ନବସୃଜନର ଚକଚକିଆ ପ୍ରତିଶ୍ରୁତିକୁ ହଟାଇ, ବରଂ ସୁବିଧା, ଦୁର୍ନୀତି ଏବଂ ଦଣ୍ଡମୁକ୍ତିର ଯନ୍ତ୍ରପାତିକୁ ପ୍ରକାଶ କରେ।

ପୁଞ୍ଜିବାଦ, ଏହାର ସମସାମୟିକ ଅବତାରରେ, ପ୍ରାୟତଃ ପ୍ରଗତିର ଇଞ୍ଜିନ ଭାବରେ ପାଳନ କରାଯାଏ। ଏହା ପ୍ରତିଭାକୁ ପୁରସ୍କୃତ କରେ, ବିପଦ ଗ୍ରହଣକୁ ଉତ୍ସାହିତ କରେ ଏବଂ ସମାଜକୁ ପ୍ରବାହିତ ହେଉଥିବା ସମ୍ପତ୍ତି ସୃଷ୍ଟି କରେ ବୋଲି କୁହାଯାଏ। ତଥାପି ଏପଷ୍ଟାଇନ କାହାଣୀ ଅନ୍ଧକାର ସତ୍ୟକୁ ପ୍ରକାଶ କରେ: ଧନ କେବଳ ଚତୁରତା କିମ୍ବା କଠିନ ପରିଶ୍ରମ ମାଧମରେ ଜମା ହୁଏ ନାହିଁ, ବରଂ ନେଟୱାର୍କର ହେରଫେର, ଦୁର୍ବଳତାର ଶୋଷଣ ଏବଂ ସଂସ୍ଥାଗୁଡ଼ିକୁ ନିଜ ଇଚ୍ଛାରେ ବଙ୍କା କରିବାର କ୍ଷମତା ମାଧମରେ। ଏପିଷ୍ଟିନର ଉତ୍ଥାନ ଜଣେ ସ୍ୱୟଂ ନିର୍ମିତ ପୁରୁଷର ବିଜୟ ନଥିଲା ବରଂ ଏକ ବ୍ୟବସ୍ଥାର ଉତ୍ପାଦ ଥିଲା ଯାହା ଆର୍ଥିକ ଅନୁମାନ, ଅସ୍ୱଚ୍ଛ ଚୁକ୍ତି ଏବଂ କ୍ଷମତାର ନିକଟତରତାକୁ ପ୍ରକୃତ ଅବଦାନ ପାଇଁ ବିକଳ୍ପ ଭାବରେ ଅନୁମତି ଦିଏ। ତାଙ୍କର ଭାଗ୍ୟ ଅନୁଗ୍ରହ, ଗୁପ୍ତ ଏବଂ ପ୍ରଭାବର ଅସ୍ପଷ୍ଟ ଆଦାନପ୍ରଦାନ ଅପେକ୍ଷା ସ୍ୱଚ୍ଛ ଉଦ୍ୟୋଗ ଉପରେ କମ୍ ନିର୍ମିତ ହୋଇଥିଲା - ଛାୟାର ଏକ ଅର୍ଥନୀତି ଯାହାକୁ ପୁଞ୍ଜିବାଦ କେବଳ ସହ୍ୟ କରେ ନାହିଁ ବରଂ ପ୍ରାୟତଃ ପୁରସ୍କୃତ କରେ।

'ଫାଇଲ୍' ନିଜେ, ନାମ, ସାକ୍ଷ୍ୟ ଏବଂ ପ୍ରମାଣର ସଂଗ୍ରହ ଯାହା ଅର୍ଥ, ରାଜନୀତି ଏବଂ ସଂସ୍କୃତିର ବ୍ୟକ୍ତିବିଶେଷଙ୍କୁ ଜଡିତ କରେ, ତାହା ପୁଞ୍ଜିବାଦକୁ କିପରି ନିଜର ସୁରକ୍ଷା କରେ ତାହାର ପ୍ରତୀକ। ଏପଷ୍ଟାଇନ ଜଣେ ପୃଥକ ଶିକାରୀ ନଥିଲେ; ସେ ଅଭିଜିତଙ୍କ ନେଟୱାର୍କରେ ଏକ ନୋଡ୍ ଥିଲେ ଯେଉଁମାନେ ତାଙ୍କ ମଧରେ ଏକ ଉପଯୋଗୀ ମଧ୍ୟସ୍ଥି ଦେଖିଥିଲେ। ତାଙ୍କର ବ୍ୟକ୍ତିଗତ ଦ୍ୱୀପ, ତାଙ୍କର ବିଳାସପୂର୍ଣ୍ଣ ପାର୍ଟି, ପ୍ରବେଶ ପ୍ରଦାନ କରିବାର ତାଙ୍କର କ୍ଷମତା - ଏଗୁଡ଼ିକ ବିଭ୍ରାଟ ନଥିଲା ବରଂ ଏକ ପୁଞ୍ଜିବାଦୀ ଯୁକ୍ତିର ବିସ୍ତାର ଥିଲା ଯାହା ମାନବ ଅନ୍ତରଙ୍ଗତା ଏବଂ ମର୍ଯ୍ୟାଦା ସମେତ ସବୁକିଛିକୁ ବ୍ୟବସାୟ ପାଇଁ ସାମଗ୍ରୀ ଭାବରେ ବ୍ୟବହାର କରେ। ସେ ଶୋଷଣ କରିଥିବା ଯୁବତୀମାନଙ୍କୁ କାରବାରୀ ବସ୍ତୁରେ ପରିଣତ କରାଯାଇଥିଲା, ସେମାନଙ୍କର ଦୁଃଖ ଧନର ଗ୍ଲାମର ଏବଂ ଶକ୍ତିଶାଳୀଙ୍କ ସାମ୍ନା କରିବାକୁ ଅନିଚ୍ଛୁକ ଅନୁଷ୍ଠାନଗୁଡ଼ିକର ନୀରବତା ଦ୍ୱାରା ଲୁଚି ଯାଇଥିଲା। ଏହି ଦୃଷ୍ଟିରୁ, ଏପିଷ୍ଟିନ୍ ଫାଇଲ୍ ବ୍ୟକ୍ତିଗତ ଦୁରାଚାର ବିଷୟରେ କମ୍ ନୁହେଁ ବରଂ ବ୍ୟବସ୍ଥାଗତ ସହଭାଗିତା ବିଷୟରେ।

ଏହି ପରିପ୍ରେକ୍ଷୀରେ ପୁଞ୍ଜିବାଦକୁ 'ଅପବିତ୍ର' କରୁଥିବା ବିଷୟ କେବଳ ଶୋଷଣର ଅସ୍ତିତ୍ୱ ନୁହେଁ - ସର୍ବପରି, ଅନେକ ବ୍ୟବସ୍ଥା ଅଧୀନରେ ଶୋଷଣ ରହିଛି - ବରଂ ଏହା ଶୋଷଣକୁ ବୈଧତାରେ କିପରି ଆବରଣ କରେ। ଏପିଷ୍ଟିନ୍ ସହଜରେ କୋଟିପତି, ରାଜନେତା ଏବଂ ଶିକ୍ଷାବିତ୍ ଙ୍କ ମଧରେ ଗତି କରୁଥିଲେ। ସେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦାନ କରିଥିଲେ, ଗବେଷଣା ପାଇଁ ପାଣ୍ଠି ଯୋଗାଇଥିଲେ ଏବଂ ବୌଦ୍ଧିକ ସୁଦୃଢ଼ତାର ଏକ ପ୍ରତିଛବି ଚାଷ କରିଥିଲେ। ଏହି ଇଙ୍ଗିତଗୁଡ଼ିକ ଆକସ୍ମିକ ନଥିଲା; ସେମାନେ ପ୍ରତିଷ୍ଠାକୁ ଧଳା କରିବା ପାଇଁ ପୁଞ୍ଜିବାଦର କ୍ଷମତାର ଏକ ଅଂଶ ଥିଲା, ଯାହା ନୈତିକ ଦାଗକୁ ଲିଭାଇ ଦେବା ପାଇଁ ଅର୍ଥକୁ ଅନୁମତି ଦେଇଥିଲା। ଯେଉଁ ଅନୁଷ୍ଠାନଗୁଡ଼ିକ ଅଖଣ୍ଡତାର ଗଡ଼ ହେବା ଉଚିତ ଥିଲା, ସେମାନେ ତାଙ୍କ ପୃଷ୍ଠପୋଷକତାକୁ ଗ୍ରହଣ କରି ଅପବ୍ୟବହାରର ଫୁସ୍ଫୁସ୍କୁ ଅଣଦେଖା କରି ସହଯୋଗୀ ହୋଇଗଲେ। ଏହି ଫାଇଲ୍ ଏହିପରି ପ୍ରକାଶ କରେ ଯେ ପୁଞ୍ଜିବାଦ କିପରି କେବଳ ଆର୍ଥିକ ନ୍ୟାୟ ନୁହେଁ ବରଂ ନୈତିକ ମାନଦଣ୍ଡକୁ ମଧ ନଷ୍ଟ କରେ, ଜ୍ଞାନ ଏବଂ ସଂସ୍କୃତିକୁ ମଧ କ୍ଷମତାର ଉପକରଣରେ ପରିଣତ କରେ।

ଏହି ଦୁର୍ନୀତି ପୁଞ୍ଜିବାଦ ଅଧୀନରେ ନ୍ୟାୟର ଅସମାନତାକୁ ମଧ ଗୁରୁତ୍ୱାରୋପ କରେ। ସାଧାରଣ ଲୋକଙ୍କ ପାଇଁ, ଆଇନ ଏକ କଠୋର ଗଠନ, ଏହାର ଦଣ୍ଡରେ କ୍ଷମା ନକରେ। ଧନୀମାନଙ୍କ ପାଇଁ, ଏହା ଆଲୋଚନାଯୋଗ୍ୟ, ନମନୀୟ, ପ୍ରଭାବଶାଳୀ। ଏପିଷ୍ଟିନ୍ ଙ୍କ ପ୍ରାରମ୍ଭିକ ଦୋଷୀ ସାବ୍ୟସ୍ତ ହେବା ଫଳରେ ଏକ ଦଣ୍ଡ ଏତେ କୋମଳ ଥିଲା ଯେ ଏହା ପୀଡିତଙ୍କ ପାଇଁ ଏକ ଅପମାନ ଥିଲା। ଏପରି ଏକ ଚୁକ୍ତି ସୁରକ୍ଷିତ କରିବାର ତାଙ୍କର



କ୍ଷମତା ଆଇନଗତ ବ୍ୟବସ୍ଥାର ଏକ ବିଚିତ୍ରତା ନୁହେଁ ବରଂ ଏକ ପ୍ରଦର୍ଶନ ଥିଲା ଯେ ପୁଞ୍ଜିବାଦ କିପରି ନିଶ୍ଚିତ କରେ ଯେ ଧନ ସହ୍ୟ, ନୀରବତା ଏବଂ ମୁକ୍ତି ମଧ କିଣିପାରିବ। ଦୁର୍ବଳ ପୃଷ୍ଠଭୂମିରୁ ଆସିଥିବା ଅନେକ ପୀଡିତଙ୍କ ପାଖରେ ପ୍ରଭାବଶାଳୀ ଭାବରେ ଲଢ଼ିବା ପାଇଁ ସମ୍ବଳର ଅଭାବ ଥିଲା। ବିଶେଷାଧିକାରର ଯନ୍ତ୍ରପାତି ଦ୍ୱାରା ସେମାନଙ୍କର ସ୍ୱରକୁ ଦମନ କରାଯାଇଥିଲା। ଏହିପରି ଭାବରେ, ଫାଇଲଟି ଅନ୍ୟାୟର ଏକ ଖାତା, କେବଳ ଅପରାଧ ନୁହେଁ ବରଂ ଶକ୍ତିହୀନଙ୍କୁ ସୁରକ୍ଷା ଦେବାରେ ବ୍ୟବସ୍ଥିତ ବିଫଳତାକୁ ଲିପିବଦ୍ଧ କରୁଛି।

ପୁଞ୍ଜିବାଦକୁ ମଇଳା କହିବା ଅର୍ଥ ହେଉଛି ଏହା ଏହି ଗତିଶୀଳତା ଉପରେ ସଫଳ ହୁଏ ବୋଲି ସ୍ୱୀକାର କରିବା। ଏହା ଏକ ବ୍ୟବସ୍ଥା ଯାହା ଧନ କିପରି ପ୍ରାପ୍ତ ହୁଏ ତାହା ନ ପଚାରି ସଂଗ୍ରହକୁ ପାଳନ କରେ। ଏହା ନୈତିକ ଅଖଣ୍ଡତା ଅପେକ୍ଷା କ୍ଷମତାର ନିକଟତାକୁ ପୁରସ୍କୃତ କରେ। ଏହା ଶିକାରୀମାନଙ୍କୁ ଉପକାରୀ ଭାବରେ ଛଦ୍ମବେଶ କରିବାକୁ ଅନୁମତି ଦିଏ, ଏବଂ ଏହା ଟଙ୍କାର ଓଜନ ମାଧମରେ ବିରୋଧକୁ ନୀରବ କରେ। ଏପଷ୍ଟାଇନ ଫାଇଲ୍ ଏକ ଅସଙ୍ଗତି ନୁହେଁ ବରଂ ଏକ ଲକ୍ଷଣ, ଏକ କେସ୍ ଷ୍ଟଡି ଯେଉଁଥିରେ ପୁଞ୍ଜିବାଦର ଗଠନଗୁଡ଼ିକ ଶୋଷଣକୁ ସକ୍ଷମ କରିଥାଏ ଏବଂ ଶୋଷକମାନଙ୍କୁ ନିରୋଧ କରିଥାଏ। ଏହା ଏପରି ଏକ ବ୍ୟବସ୍ଥାର ତାର୍କିକ ଫଳାଫଳ ଯାହା ଲୋକଙ୍କ ଅପେକ୍ଷା ଲାଭକୁ, ବାସ୍ତବତା ଅପେକ୍ଷା ପ୍ରତିଷ୍ଠାକୁ ଏବଂ ନ୍ୟାୟ ଅପେକ୍ଷା ପ୍ରଭାବର ନେଟୱାର୍କକୁ ପ୍ରାଥମିକତା ଦିଏ।

ତଥାପି ଏହି ଫାଇଲ୍ ଆମକୁ ଆମର ସାମୂହିକ ସହଯୋଗର ସମ୍ମୁଖୀନ ହେବାକୁ ବାଧ କରେ। ପୁଞ୍ଜିବାଦ କେବଳ ଉଚ୍ଚବର୍ଗଙ୍କ ଦ୍ୱାରା ବଜାୟ ରଖାଯାଏ ନାହିଁ; ଏହା ସମାଜର ଦୃଷ୍ଟି ଦୂର କରିବା, ଧନ ଗୁଣ ସମାନ ବୋଲି ବର୍ଣ୍ଣନାକୁ ଗ୍ରହଣ କରିବା, ଧନୀମାନଙ୍କ ଶକ୍ତିର ମୂଳଦୁଆ ଉପରେ ପ୍ରଶ୍ନ ନକରି ସେମାନଙ୍କର ଚମକକୁ ଗ୍ରାସ କରିବା ଦ୍ୱାରା ସ୍ଥାୟୀ। ପ୍ରାୟତଃ ବିଜ୍ଞାପନଦାତା ଏବଂ ମାଲିକମାନଙ୍କ ପ୍ରତି ଦୃଷ୍ଟିପାତ କରୁଥିବା ଗଣମାଧ୍ୟମ, ଅତ୍ୟଧିକ ଗଭୀର ଭାବରେ ଖୋଳତାଡ଼ କରିବାକୁ ସଂକୋଚ କରିଥିଲା। ଦାନ ପାଇଁ ଭୋକିଲା ବିଶ୍ୱବିଦ୍ୟାଳୟଗୁଡ଼ିକ, ନୈତିକ ମୂଲ୍ୟକୁ ଅଣଦେଖା କରିଥିଲେ। ପ୍ରଭାବର ନେଟୱାର୍କ ଉପରେ ନିର୍ଭରଶୀଳ ରାଜନେତାମାନେ ନୀରବ ରହିଥିଲେ। ଏହି ସାମୂହିକ ବିଫଳତା ମଇଳାର ଏକ ଅଂଶ: ଏକ ସଂସ୍କୃତି ଯାହା ଏହାକୁ ସକ୍ଷମ କରୁଥିବା ଗଠନଗୁଡ଼ିକୁ ଚ୍ୟାଲେଞ୍ଜ କରିବାକୁ ମନା କରି ଶୋଷଣକୁ ସାଧାରଣ କରିଥାଏ।

ତେଣୁ, ଏପିଷ୍ଟିନ୍ ଫାଇଲର ଶିକ୍ଷା କେବଳ ଏହା ନୁହେଁ ଯେ ଜଣେ ବ୍ୟକ୍ତି ରାକ୍ଷସ ଥିଲେ, ବରଂ ବ୍ୟବସ୍ଥା ନିଜେ ରାକ୍ଷସ। ପୁଞ୍ଜିବାଦ, ଏହାର ବର୍ତ୍ତମାନର ରୂପରେ, ଏପରି ବ୍ୟକ୍ତିମାନଙ୍କୁ ସଫଳ ହେବା ପାଇଁ ପରିସ୍ଥିତି ସୃଷ୍ଟି କରେ। ଏହା ସେମାନଙ୍କର ଚତୁରତାକୁ ପୁରସ୍କୃତ କରେ, ସେମାନଙ୍କର ଅପରାଧକୁ ଢାଲ କରେ ଏବଂ ସେମାନଙ୍କୁ ବୈଧତାର ଢାଞ୍ଚାରେ ସଂକଳନ କରେ। ମଇଳାକୁ ଭାଙ୍ଗିବା ପାଇଁ ବ୍ୟକ୍ତିବିଶେଷଙ୍କୁ ଦଣ୍ଡ ଦେବା ଅପେକ୍ଷା ଅଧିକ ଆବଶ୍ୟକ; ଏଥିପାଇଁ ଏପରି ଏକ ବ୍ୟବସ୍ଥାର ପୁନଃକଳ୍ପନା ଆବଶ୍ୟକ ଯାହା ଲାଭ ଅପେକ୍ଷା ମାନବ ମର୍ଯ୍ୟାଦା, ଗୋପନୀୟତା ଅପେକ୍ଷା ସ୍ୱଚ୍ଛତା ଏବଂ ସୁବିଧା ଅପେକ୍ଷା ନ୍ୟାୟକୁ ମୂଲ୍ୟ ଦିଏ। ଏପରି ପରିବର୍ତ୍ତନ ବିନା, ପରବର୍ତ୍ତୀ ଏପିଷ୍ଟିନ୍ ଏକ ବିଭ୍ରାଟ ନୁହେଁ ବରଂ ଏକ ଅନିବାର୍ଯ୍ୟତା ହେବ।

ଏହି ଫାଇଲ୍ ପୁଞ୍ଜିବାଦର ଦୁର୍ନୀତିର ମାନବିକ ମୂଲ୍ୟର ଏକ ପ୍ରମାଣ। ଏହା ଜୀବନ ହ୍ରାସ, ସ୍ୱର ନୀରବତା ଏବଂ ପ୍ରତିଷ୍ଠାନଗୁଡ଼ିକୁ ଆଘାତର ଏକ ରେକର୍ଡ। ଏହାକୁ ପଢ଼ିବା ହେଉଛି କେବଳ ଜଣେ ବ୍ୟକ୍ତିଙ୍କ ଅପରାଧ ନୁହେଁ ବରଂ ଏକ ବ୍ୟବସ୍ଥାର ବିଫଳତାକୁ ସାମ୍ନା କରିବା ଯାହା ତାଙ୍କୁ ପ୍ରଫୁଲ୍ଲିତ ହେବାକୁ ଦେଇଥିଲା। ପୁଞ୍ଜିବାଦର ମଇଳା ଆବସ୍ଥ ନୁହେଁ; ଏହା ଶୋଷିତଙ୍କ ଦୁଃଖରେ, ଶକ୍ତିଶାଳୀଙ୍କ ଦଣ୍ଡମୁକ୍ତତାରେ ଏବଂ ଯେଉଁମାନେ କହିବା ଉଚିତ୍ ଥିଲା ସେମାନଙ୍କ ନୀରବତାରେ ଲେଖାଯାଇଛି। ଆମ ସମ୍ମୁଖରେ ଚ୍ୟାଲେଞ୍ଜ ହେଉଛି ଆମେ ଏହି ବ୍ୟବସ୍ଥା ମଧରେ ଅସ୍ତିତ୍ୱ ଜାରି ରଖିବୁ କି, ଏହାର ମଇଳାକୁ ସାଧାରଣ ଭାବରେ ଗ୍ରହଣ କରିବୁ କି, ନା ଆମେ କିଛି ସଫା, ନ୍ୟାୟପୂର୍ଣ୍ଣ ଏବଂ ଅଧିକ ମାନବୀୟ ଦାବି କରିବୁ। ଏପିଷ୍ଟିନ୍ ଫାଇଲ୍ ଆମକୁ ନିଷ୍ପତ୍ତି ନେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଛାଡି ନାହିଁ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
ମୋବାଇଲ: ୯୪୩୭୨୮୦୨୮**

# ଟ୍ରେଣ୍ଡର ମାୟାଜାଲ: ହର୍ଡ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା

ପ୍ରଫେସର ଡାକ୍ତର ସମ୍ରାଟ କର



ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା। ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି। ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି। ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି। ସାମାଜିକ ଗଣମାଧମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ। ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ। ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ। ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏକଥା ମନସ୍ତତ୍ତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ ଏକମତ। କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଲାନ୍ତି। ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗୀତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି। ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ। ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ। ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଣ୍ଡଟି ପ୍ରତିସ୍ଥାପିତ ହୋଇପାରେ। ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ। କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି। ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ। ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି। କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି। ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି। ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି। ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ ଅନେକ ସମୟରେ ଶୁଣିବାକୁ ପଡ଼ୁଛି।ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି। ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି। ନୂଆ ପିଢ଼ି ମଧରେ ହର୍ଡ଼ ମେଣ୍ଟାଲିଟି ବିକଶିତ ହେଉଛି। ମନସ୍ତାତ୍ତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି। ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି। ଲାଇକ, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି। ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡ଼ୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା। ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଯେ ସମ୍ଭବ ହେଉନାହିଁ। ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ। ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି। ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ। ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ ନଜରରୁ ରକ୍ଷା କରିଥାଏ। ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି। ସାମାଜିକ ଗଣମାଧମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ ଆମ୍ଭ ମାନଙ୍କୁ ଜଣାଇଥାଏ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡ଼ୁଛି। ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ ବାଧା ପ୍ରାପ୍ତ ହେଉଛି। ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଣ୍ଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ ହରାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ ଦେଖନ୍ତୁ। କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଷାଦ ଓ ଅବସାଦର କାରଣ ହୋଇଥାଏ। ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଣ୍ଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ। ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ମୋବାଇଲ: ୯୧୩୨୪୩୩୩୩୩**

## ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଅସ୍ତ୍ରବିରତି

# ୧୦୧ ମୁଣ୍ଡ ଗଡ଼ିଲାଣି, ୫୦ ଲକ୍ଷ ବିସ୍ଥାପିତ



ନୂଆଦିଲ୍ଲୀ, ୨୭।୧୨: ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ଶନିବାର ଏକ ଯୁଦ୍ଧବିରତି ବୁଝାମଣା ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ସହ କ୍ଷେତ୍ରୀୟ ସୀମାକୁ ନେଇ ଜାରି ରହିଥିବା ସଶସ୍ତ୍ର ସଂଘର୍ଷ ଶେଷ ହୋଇଛି। ସ୍ଥାନୀୟ ସମୟ ଅନୁସାରେ ଶନିବାର ମଧ୍ୟାହ୍ନ ୧୨ଟାରୁ ପ୍ରଭାବୀ ହୋଇସାରିଛି। ଥାଇଲ୍ୟାଣ୍ଡ ପ୍ରତିରକ୍ଷା ମନ୍ତ୍ରୀ ନାଥାଫୋନ୍ ନାକ୍ରାଫାନିଟ୍ ଏବଂ କାମ୍ବୋଡିଆ ପ୍ରତିପକ୍ଷ ଟି ସେହାଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ଚୁକ୍ତିନାମା ୨୦ ଦିନିଆ ସଂଘର୍ଷ ପରେ ଅନ୍ତ ଘଟାଇଛି। ଏହି ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ୧୦୧ ଜଣଙ୍କ ଜୀବନ ଯାଇଛି ଏବଂ ଉଭୟ ପକ୍ଷର ପାଞ୍ଚ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଚୁକ୍ତିନାମାରେ ଦୁଇ ଦେଶ କୌଣସି ସାମରିକ କାର୍ଯ୍ୟକଳାପ ନକରିବା ଏବଂ ସାମରିକ ଉଦ୍ଦେଶ୍ୟ ପାଇଁ ଉଭୟ ପକ୍ଷର ଆକାଶ ସୀମା ଉଲ୍ଲଂଘନ ନକରିବା ପାଇଁ ସହମତ ହୋଇଛନ୍ତି। ଏହା ବ୍ୟତୀତ ଥାଇଲ୍ୟାଣ୍ଡକୁ ଜୁଲାଇରେ ହୋଇଥିବା ୭୨ ଘଣ୍ଟାର ଯୁଦ୍ଧ ସମୟରେ ବନ୍ଦୀ ହୋଇଥିବା ୧୮ ଜଣ କାମ୍ବୋଡିଆନ୍ ସୈନିକଙ୍କୁ ମୁକ୍ତ କରିବାକୁ ପଡିବ।

ଉଭୟ ପକ୍ଷ ପୂର୍ବ ଯୁଦ୍ଧବିରତି ଏବଂ ଜୁଲାଇରେ ପାଞ୍ଚଦିନିଆ ସଂଘର୍ଷର ଅନ୍ତ କରିଥିବା ଚୁକ୍ତିନାମା ପ୍ରତି ପ୍ରତିଶ୍ରୁତିବଦ୍ଧ। ଜୁଲାଇରେ ହୋଇଥିବା ପ୍ରାରମ୍ଭିକ ଯୁଦ୍ଧବିରତି ମାଲେସିଆ ଦ୍ୱାରା ମଧ୍ୟସ୍ଥତା କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପ ପରେ ଏହି ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା। ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ରାଜି ନ ହେଲେ ବାଣିଜ୍ୟିକ ସୁବିଧାକୁ ରଦ୍ଦ କରିବାକୁ ଧମକ ଦେଇଥିଲେ।

# ବାଂଲାଦେଶରେ ପାର୍ଟି ଗଢ଼ିଲେ ହିନ୍ଦୁ

**ଢାକା, ୨୭।୧୨:** ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା କ୍ରୁର ଅତ୍ୟାଚାର ମଧ୍ୟରେ ଗତ ଏପ୍ରିଲ ମାସରେ ପଞ୍ଜିକୃତ ବାଂଲାଦେଶ ମାଇନରିଟି ଜନତା ପାର୍ଟି (ବିଏମଜେପି) ପ୍ରଥମ ଥର ବାଂଲାଦେଶ ସାଧାରଣ ନିର୍ବାଚନ

- ପ୍ରଥମ ଥର ଲଢ଼ିବେ ନିର୍ବାଚନ
- ଜିତିପାରନ୍ତି ୪୦-୪୫ ଆସନ
- ଫେବୃଆରୀରେ ହେବ ନିର୍ବାଚନ

ଲଢ଼ିବାକୁ ପ୍ରସ୍ତୁତି କରୁଛି ଓ ଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଭୋଟ ହାସଲ କରିବାକୁ ଉଦ୍ୟମ କରିବ। ଜାତୀୟ ସଂସଦର ୩୦୦ ଆସନ ମଧ୍ୟରୁ ବିଏମଜେପି ୯୧ଟି ଆସନରେ ନିର୍ବାଚନ ଲଢିବାକୁ ଯୋଜନା କରିଥିବା ବେଳେ ଦଳ ୪୦ରୁ ୪୫ଟି ଆସନ ଜିତିବ ବୋଲି ସଭାପତି ସ୍ୱୀକୃତି ମଣ୍ଡଳ ଆଶାପୋଷଣ କରିଛନ୍ତି।

ମଣ୍ଡଳ କହିଛନ୍ତି ଯେ, ଆମେ ସେହି ସବୁ ନିର୍ବାଚନ ମଣ୍ଡଳୀ ଉପରେ ଧ୍ୟାନ କେନ୍ଦ୍ରିତ କରିବୁ ଯେଉଁଠି ସଂଖ୍ୟା ଲଘୁ ବିଶେଷ କରି ହିନ୍ଦୁ




ଭୋଟ ବ୍ୟାଙ୍କ ୨୦ରୁ ୬୦% ମଧ୍ୟରେ ରହିଛି। ଫେବୃଆରୀରେ ହେବାକୁ ଥିବା ସାଧାରଣ ନିର୍ବାଚନ ଲାଗି ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ଏଣୁ ପ୍ରାର୍ଥୀପତ୍ର କାମରେ ଲାଗିଥିବା ମଣ୍ଡଳ କହିଛନ୍ତି ଯେ ହିନ୍ଦୁ ମାନଙ୍କୁ ଭୋଟ ଦେବା ଲାଗି ବାହାରକୁ ଆଣିବା ନିମନ୍ତେ ପ୍ରଥମେ ସେମାନଙ୍କୁ ସୁରକ୍ଷିତ ଅନୁଭବ କରାଇବା ଦରକାର। ତେବେ ଦେଶରେ ମେଣ୍ଟ ଗଠନ ପାଇଁ କୌଣସି ମୁଖ୍ୟ ଧାରାର ପାର୍ଟି ତାହା ହୁଏତ ତାରିକ ରହମାନଙ୍କ ବିଏନପି ହେଉ ଅଥବା ଜମାତ-ଏ-ଇସ୍ଲାମୀ ସହାୟକ ସାବ୍ୟସ୍ତ ହୋଇପାରନ୍ତି ବୋଲି ମଣ୍ଡଳ କହିଛନ୍ତି।

ଏହି ପାର୍ଟିଙ୍କ ସହ ମେଣ୍ଟ କରାଯିବା ଯୋଗୁ ସଂଖ୍ୟାଲଘୁ ପ୍ରତିଷୋଧ ଭୟ ବିନା ନିଜ ଘରୁ ଭୋଟ ଦେବାକୁ ଗୋଡ କାଢି ପାରନ୍ତି। ଆୱାମୀ ଲିଗ୍ ଏବେ ଚର୍ଚ୍ଚାରୁ ବାହାରେ ରହିଛି। ଏଥିରେ ବିଏମଜେପି ଏବେ ଦେଶରେ ପୀଡ଼ିତ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ପାଇଁ ଏକମାତ୍ର ସ୍ୱର ହୋଇପାରେ। ମଣ୍ଡଳ କହିଛନ୍ତି ଯେ, ପାର୍ଟିର ପ୍ରାର୍ଥୀ ତାଲିକା ଦିନେ ଦୁଇ ଦିନ ମଧ୍ୟରେ ଚୂଡ଼ାନ୍ତ ହୋଇଯିବ ଓ ଶନିବାର ସୁଦ୍ଧା ସବୁ ପ୍ରାର୍ଥୀପତ୍ର ଦାଖଲ ହୋଇଯିବ। ସେ କହିଛନ୍ତି ଯେ ବାଂଲାଦେଶକୁ ନେଇ ଭାରତର ଆଭିମୁଖ୍ୟ ବଦଳିବା ଦରକାର। ଏଥିରେ ଆୱାମୀ ଲିଗକୁ ସମର୍ଥନ କରିବା ବଦଳେ କେବଳ ହିନ୍ଦୁଙ୍କ ସ୍ୱାର୍ଥକୁ ସମର୍ଥନ କରିବା ଦରକାର।ସେ କହିଛନ୍ତି ଯେ, ଯଦି ଭାରତ ଆବାମୀ ଲିଗ୍ ସମର୍ଥନରୁ ପଛକୁ ହଟେ ତେବେ ବାଂଲାଦେଶର ମୁଖ୍ୟ ଧାରର ପାର୍ଟିମାନେ ସତର୍କ ହୋଇଯିବେ ଓ ଏହା ଉପରେ ଧ୍ୟାନ ଦେବେ। ଭାରତ ଜାଣିବା ଦରକାର ଯେ, ବାଂଲାଦେଶରେ ବିଏମଜେପି ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଏକମାତ୍ର ସ୍ୱର। ସେ କହିଛନ୍ତି ଯେ, ଆଭିମୁଖ୍ୟ ବଦଳାଇଲେ ଭାରତ ପ୍ରତି ବାଂଲାଦେଶ ମାନସିକତା ମଧ୍ୟ ବଦଳିବ। ଆୱାମୀ ଲିଗ୍ କେବଳ କ୍ଷମତା ହାସଲ କରିବା ପାଇଁ ଏ ପର୍ଯ୍ୟନ୍ତ ଭାରତକୁ ଉପଯୋଗ କରିଆସିଛି।

## କର୍ଣ୍ଣାଟକରେ କଂଗ୍ରେସ ସରକାରର କାର୍ଯ୍ୟାନୁଷ୍ଠାନ

# ୪୦୦ରୁ ଅଧିକ ମୁସଲିମଙ୍କ ଭାଙ୍ଗିଲେ ଘର

ବେଙ୍ଗାଲୁରୁ , ୨୭।୧୨: ୪୦୦ରୁ ଅଧିକ ମୁସଲିମଙ୍କ ଘର ଭାଙ୍ଗିବା ପରେ କର୍ଣ୍ଣାଟକ ସରକାର ବିବାଦ ଘେରକୁ ଆସିଛନ୍ତି। ସରକାରଙ୍କ ଏହି ଆକ୍ସନ ପରେ ମୁସଲିମ୍ ସମୁଦାୟ ବାସହରା ହୋଇଛନ୍ତି। ଚଳିତ ସପ୍ତାହ ଆରମ୍ଭରେ ହୋଇଥିବା ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ଶାସକ କଂଗ୍ରେସ ଓ କେରଳ ଲେଫ୍ଟ ଫ୍ରଣ୍ଟ ୟୁନିଟ୍ ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି।



ଖବର ଅନୁସାରେ ଡିସେମ୍ବର ୨୨ ସକାଳ ୪ଟାରେ କୋଗିଲୁ ଗାଁର ଫକୀର କଲୋନୀ ଓ ୱାସିମ ଲେଆଉଟରେ ଉଚ୍ଛେଦ କରାଯାଇଥିଲା। ଯେଉଁଥିରେ ୪୦୦ ପରିବାର ବାସହରା ହୋଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଏପରି ସମୟରେ ହୋଇଛି, ଯେତେବେଳେ ସହରରେ ବର୍ଷର ସବୁଠୁ ଅଧିକ ଶୀତ ପଡ଼ିଛି। ବେଙ୍ଗାଲୁରୁ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଲିମିଟେଡ୍ ପକ୍ଷରୁ ଏହି ଅଭିଯାନ କରାଯାଇଛି। ସପକ୍ଷରେ ଯୁକ୍ତି ରଖି କର୍ଣ୍ଣାଟକ ସରକାର କହିଛନ୍ତି ଯେ, ଏହି ଘର ଉର୍ଦ୍ଦୁ ସରକାରୀ ସ୍କୁଲ ପାଖରେ ଏକ ହ୍ରଦ କୂଳରେ ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣ କରାଯାଇଥିଲା। ତେବେ ଲୋକଙ୍କ ଯୁକ୍ତି ଯେ, ସେମାନଙ୍କୁ ପୂର୍ବରୁ କୌଣସି ନୋଟିସ୍ ଦିଆଯାଇ ନଥିଲା। ପୁଲିସ ସେମାନଙ୍କୁ ଜୋର କରି ଉଚ୍ଛେଦ କରିଛି। ଏହି କାର୍ଯ୍ୟାନୁଷ୍ଠାନରେ ଲୋକଙ୍କୁ ହାଡ଼ ଭଙ୍ଗା ଶୀତରେ ରାସ୍ତାରେ ଅସ୍ଥାୟୀ ଅଶ୍ରୟ ସ୍ଥଳ ତଳେ ରାତି ବିତାଇବାକୁ ପଡୁଛି।

ଲୋକଙ୍କ ଅଭିଯୋଗ, ସେମାନେ ୨୫ ବର୍ଷ ଧରି ଏହି ଅଞ୍ଚଳରେ ରହି ଆସୁଥିଲେ। ସେମାନଙ୍କର ବୈଧ ଆଧାର କାର୍ଡ ଏବଂ ଭୋଟର ପରିଚୟପତ୍ର ଅଛି। ଉଚ୍ଛେଦ ହୋଇଥିବା ଅଧିକାଂଶ ପ୍ରବାସୀ ଥିଲେ ଏବଂ ଶ୍ରମିକ ଭାବରେ କାମ କରୁଥିଲେ। ଏହି ପ୍ରସଙ୍ଗ ଏବେ କଂଗ୍ରେସ ସରକାରଙ୍କ ପାଇଁ ଏକ ବଡ଼ ବିବାଦ ପାଲଟିଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ କଂଗ୍ରେସ ଦଳର କାର୍ଯ୍ୟକୁ ନିନ୍ଦା କରି ଏହାକୁ ସଂଖ୍ୟାଲଘୁ ବିରୋଧୀ ରାଜନୀତି ବୋଲି କହିଛନ୍ତି। ଯେତେବେଳେ ଗୋଟିଏ ସରକାର ଭୟ ଏବଂ ବଳପୂର୍ବକ ଶାସନ କରେ, ସେତେବେଳେ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ମାନବିକ ମର୍ଯ୍ୟାଦା ପ୍ରଥମେ ଶିକାର ହୁଏ। କେରଳ ମନ୍ତ୍ରୀ ଭି. ଶିବନକୁଟ୍ଟି କହିଛନ୍ତି ଯେ, କଂଗ୍ରେସ ସରକାରଙ୍କ ଅମାନବୀୟ କାର୍ଯ୍ୟ ଜରୁରୀକାଳୀନ ସମୟର ସ୍ମୃତିକୁ ମନେ ପକାଇ ଦେଉଛି। ଧର୍ମନିରପେକ୍ଷତା ଏବଂ ଗଣତନ୍ତ୍ର ନାମରେ କ୍ଷମତାକୁ ଆସିଥିବା ଲୋକମାନେ ପୁଣି ଥରେ ଗରିବ ଲୋକଙ୍କ ଘର ଭାଙ୍ଗି ଛଳନା କରୁଛନ୍ତି।

# ଜେମ୍ସଙ୍କ କନସର୍ଟ ଉପରେ ଆକ୍ରମଣ: ୨୫ ଆହତ

ଢାକା, ୨୭।୧୨: ଷ୍ଟେଜ୍ ଉପରେ ବର୍ଷିଲା ଇଟା ପଥର। ବାଂଲାଦେଶର ଏକ କନସର୍ଟ ଉପରେ ଆକ୍ରମଣ। ବନ୍ଦ ରହିଲା ଲୋକପ୍ରିୟ ବାଂଲାଦେଶୀ ସିଙ୍ଗର ଜେମସଙ୍କ କନସର୍ଟ। ଢାକା ଠାରୁ ପ୍ରାୟ ୧୨୦ କିଲୋମିଟର ଦୂରରେ ଫରିଦପୁରରେ ଘଟିଛି ଘଟଣା। ଶୁକ୍ରବାର ରାତିରେ ଏକ ସ୍କୁଲର ବାର୍ଷିକ କାର୍ଯ୍ୟକ୍ରମ ଅବସରରେ ବାଂଲାଦେଶୀ ସିଙ୍ଗର ଜେମସଙ୍କ କନସର୍ଟ ଚାଲିଥିଲା। ସେତିକିବେଳେ କିଛି ଲୋକ ଷ୍ଟେଜରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। କାର୍ଯ୍ୟକ୍ରମ ବନ୍ଦ କରିବାକୁ କହିଥିଲେ। ଛାତ୍ରମାନେ ତାଙ୍କୁ ବିରୋଧ କରିଥିଲେ। ତା ପରେ ଆରମ୍ଭ ହୋଇଥିଲା ଆକ୍ରମଣ।

କଳାକାରଙ୍କ ଉପରକୁ ଇଟା ପଥର ମାଡ଼ ହୋଇଥିଲା। ଷ୍ଟେଜ୍ ଉପରେ ପଥର ବର୍ଷା କରିଥିଲେ ଦୁର୍ବୃତ୍ତ। ବନ୍ଦ ହୋଇଥିଲା କନସର୍ଟ। ଏଥିରେ ୨୫ ଜଣ ଆହତ ହୋଇଛନ୍ତି। ଜିହାଦୀ ମାନଙ୍କର ଏହି କାଣ୍ଡ ବୋଲି କୁହାଯାଉଛି। ଏଭଳି ହିଂସାକୁ ବିରୋଧ କରିଛନ୍ତି ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସରିନ। ବଲିଉଡ ମୁଭିରେ ଭିଗି ଭିଗି ଓ ଅଲବିଦା ଭଳି ହିଟ୍ ଗୀତ ଗାଇଛନ୍ତି ଜେମ୍ସ। ଜେମ୍ସ ଜଣେ ବାଂଲାଦେଶୀ ଗାୟକ ଏବଂ ଗୀତିକାର।

# ତ୍ରିପୁରା ଛାତ୍ରଙ୍କୁ ଛୁରି ଭୁସି ହତ୍ୟା



ଡେରାଡୁନ, ୨୭।୧୨: ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନରେ ତ୍ରିପୁରାର ଜଣେ ଛାତ୍ରଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମଦ୍ୟପ ଯୁବକମାନଙ୍କ ଦ୍ୱାରା କରାଯାଇଥିବା ଏହି ହିଂସାତ୍ମକ ଘଟଣାରେ ଏମବିଏ ଛାତ୍ର ଆଞ୍ଜେଲ ଚକମା ଗୁରୁତର ଆହତ ହୋଇଥିଲେ। ଡିସେମ୍ବର ୯ରେ ଘଟିଥିବା ଏହି ଘଟଣା ପରେ ସେ ୧୭ ଦିନ ଧରି ଆଇସିୟୁରେ ଜୀବନ ପାଇଁ ସଂଘର୍ଷ କରିଥିଲେ, କିନ୍ତୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଜ୍ଞାସା ବିଶ୍ୱବିଦ୍ୟାଳୟର ଶେଷ ବର୍ଷର ଏମବିଏ ଛାତ୍ର ଆଞ୍ଜେଲ ଚକମା ତାଙ୍କ ସାନ ଭାଇ ମାଇକେଲ ଚକମାଙ୍କ ସହିତ ବଜାରକୁ ଯାଇଥିଲେ। ଯେତେବେଳେ କିଛି ଯୁବକ ସେମାନଙ୍କ ପାଖକୁ ଯାଇ ସେମାନଙ୍କ ରୂପ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଆକ୍ରମଣ କରିଥିଲେ। ସେମାନେ ନେପାଳୀ, ଚାଇନିଜ୍, ଚିଙ୍କି ଏବଂ ମୋମୋ ପରି ଜାତିଗତ ଅପମାନ କରିଥିଲେ। ଆଞ୍ଜେଲଙ୍କ ଭାଇ ମାଇକେଲ ଚକମା ପୁଲିସକୁ ଏକ ଲିଖିତ ଅଭିଯୋଗ କରିଥିଲେ। ମାଇକେଲଙ୍କ ମୁଣ୍ଡକୁ ଏକ ହାତୁଡ଼ିରେ ସେମାନେ ଆକ୍ରମଣ କରି ପରେ ଛୁରୀ ସାହାଯ୍ୟରେ ଆଞ୍ଜେଲଙ୍କୁ ଆକ୍ରମଣ କଲେ। ତାଙ୍କ ବେକ ଏବଂ ପେଟରେ ଅନେକ ଥର ଛୁରି ମାରିଥିଲେ। ସେଲାକିର ପୁଲିସ ଏହି ମାମଲାରେ ଏପର୍ଯ୍ୟନ୍ତ ପାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ଅନୁଯାୟୀ, ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମଣିପୁରର ଛାତ୍ର।

# ଆଇଏସ୍ ଆଡ୍ଡାରେ ଆମେରିକାର ଏୟାର୍ ଷ୍ଟ୍ରାଇକ୍

ଆବୁଜା,୨୭।୧୨: ଗୁରୁବାର ଉତ୍ତର-ପଶ୍ଚିମ ନାଇଜେରିଆରେ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରି ଆମେରିକା ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ କହିଛନ୍ତି ଯେ, ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କ ବିରୋଧରେ ଏହି ଶକ୍ତିଶାଳୀ ଆକ୍ରମଣ କରାଯାଇଥିଲା, ଯେଉଁମାନେ ମୁଖ୍ୟତଃ ନିରୀହ ଖ୍ରୀଷ୍ଟିଆନମାନଙ୍କୁ ଟାର୍ଗେଟ୍ କରି ହତ୍ୟା କରୁଥିଲେ। ଏକାଧିକ ସଶସ୍ତ୍ର ଗୋଷ୍ଠୀ ସହ ଲଢୁଥିବା ନାଇଜେରିଆ କହିଛି ଯେ, ଆମେରିକାର ଆକ୍ରମଣ ଦୁଇ ଦେଶ ମଧ୍ୟରେ ଗୁଇନ୍ଦା ଓ ରଣନୀତିକ ସମନ୍ୱୟର ଏକ ଅଂଶ। ଆଫ୍ରିକାର ସବୁଠାରୁ ଜନବହୁଳ ଦେଶର ସଶସ୍ତ୍ର ଗୋଷ୍ଠୀରେ ଇସଲାମିକ୍ ଷ୍ଟେଟ୍ ସହିତ ଜଡ଼ିତ ଅତି କମ୍‌ରେ ଦୁଇଟି ଗୋଷ୍ଠୀ ଅଛନ୍ତି। ଉତ୍ତର-ପୂର୍ବରେ ଇସଲାମିକ୍ ଷ୍ଟେଟ୍ ପଶ୍ଚିମ ଆଫ୍ରିକା ପ୍ରଦେଶ ଭାବରେ ଜଣାଶୁଣା ବୋକୋ ହାରାମ ଉଗ୍ରବାଦୀ ଗୋଷ୍ଠୀର ଏକ ଶାଖା ଏବଂ ସ୍ଥାନୀୟ ଭାବରେ ଲକୁରାୱା ଭାବରେ ଜଣାଶୁଣା ଉତ୍ତର-ପଶ୍ଚିମରେ ପ୍ରମୁଖ ଇସଲାମିକ୍ ଷ୍ଟେଟ୍ ସାହେଲ ପ୍ରଦେଶ (ଆଇଏସ୍ଏସ୍‌ପି)। ଯଦିଓ ଅଧିକାରୀମାନେ କେଉଁ ଗୋଷ୍ଠୀକୁ ଟାର୍ଗେଟ୍ କରାଯାଇଥିଲା ତାହା କହି ନାହାନ୍ତି। ତେବେ ସଂପୃକ୍ତ ଗୋଷ୍ଠୀ ଲକୁରାୱାର ସଦସ୍ୟ ହୋଇପାରନ୍ତି, ଯେଉଁମାନେ ଗତ ବର୍ଷ ସୋକୋଟୋ ଓ କେବି ପରି ସୀମାବର୍ତ୍ତୀ ରାଜ୍ୟରେ ଅଧିକ ଘାତକ ହେବା ସହ ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିଥିଲେ।



# ଚେନାବରେ ଜଳବିଦ୍ୟୁତ୍ ପ୍ରକଳ୍ପକୁ ଭାରତର ମଞ୍ଜୁରୀ

ନୂଆଦିଲ୍ଲୀ, ୨୭।୧୨: ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନକୁ ଦୋହରା ଆଘାତ ଦେଇଥିଲା। ଭାରତୀୟ ସେନା ପିଓକେ ଏବଂ ପାକିସ୍ତାନରେ ଥିବା ଆତଙ୍କବାଦୀ



ଶିବିରଗୁଡ଼ିକୁ ନଷ୍ଟ କରି ସିନ୍ଦୁର ଅପରେସନ୍ ଆରମ୍ଭ କରିଥିଲା। ଏହା ସହିତ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା। ଏହା ପରେ, ପାକିସ୍ତାନ ଅନ୍ତର୍ଜାତୀୟ ମଞ୍ଚରେ ଭାରତକୁ ବାରମ୍ବାର ପାଣି ପାଇଁ ନିବେଦନ କରିଥିଲା। ଏପରିକି ବିଲାୱଲ ଭୁଟ୍ଟୋଙ୍କ ସମେତ ଅନେକ ପାକିସ୍ତାନୀ ନେତା ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇ ଚାଲିଥିଲେ। କିନ୍ତୁ ଭାରତ ଶୁଣିନଥିଲା। ଏବେ, ଭାରତ ଆଉ ଏକ ବଡ଼ ପ୍ରକଳ୍ପକୁ ମଞ୍ଜୁର କରିଛି, ଯାହା ପାକିସ୍ତାନକୁ ଶିକ୍ଷା ଦେଇଛି। ଭାରତର ପରିବେଶ ମନ୍ତ୍ରଣାଳୟର ଏକ କମିଟି ଜମ୍ମୁ ଏବଂ କାଶ୍ମୀରର କିସ୍ତୱାର ଜିଲ୍ଲାରେ ଚେନାବ ନଦୀ ଉପରେ ୨୬୦ ମେଗାୱାଟ ଦୁଲହସ୍ତି ଜଳବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ କରିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ପୃଷ୍ଠଭୂମିରେ ଏହି ଅନୁମୋଦନ ଆସିଛି।

ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହି ମାସର ପ୍ରାରମ୍ଭରେ ଏହାର ୪୫ତମ ବୈଠକରେ ପ୍ରକଳ୍ପକୁ ଅନୁମୋଦନ କରିଛି। ଏଥିରେ ପ୍ରାୟ ୩୨୦୦ କୋଟି ଟଙ୍କା ବ୍ୟୟ ହେବ। 'ନଦୀ ପ୍ରବାହ' ଜଳବିଦ୍ୟୁତ୍ ପ୍ରକଳ୍ପ ଏପରି ଏକ ପ୍ରକଳ୍ପକୁ ବୁଝାଏ ଯାହା ନଦୀରେ ଜଳ ପ୍ରବାହକୁ ବାଧା ନ ଦେଇ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କରେ। ଏଥିରେ ନଦୀର ଗତିପଥରେ ବଡ଼ ବନ୍ଧ ନିର୍ମାଣ ନକରି ପ୍ରବାହିତ ଜଳକୁ ବ୍ୟବହାର କରାଯାଏ।

## ବାଂଲାଦେଶରେ ହିନ୍ଦୁଙ୍କୁ ଟାର୍ଗେଟ

# ଭାରତ ତୁରନ୍ତ ସୀମା ଖୋଲିବାକୁ ଗୁହାରି

ନୂଆଦିଲ୍ଲୀ,୨୭।୧୨; ବାଂଲାଦେଶରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରାଯାଉଛି। ଦୀପୁ ଚନ୍ଦ୍ର ଦାସ ଏବଂ ଅମୃତ ମଣ୍ଡଳଙ୍କୁ ଭୟଙ୍କର ଭାବରେ ହତ୍ୟା କରାଯାଇଥିଲା। ଏଷବ ହିନ୍ଦୁଙ୍କୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଉଛି ଓ ସେମାନଙ୍କ ଘର ଜାଳି ଦିଆଯାଉଛି। ପରିସ୍ଥିତି ଦିନକୁଦିନ ବିଗିଡ଼ିବାରେ ଲାଗିଛି। ଏହି ସମୟରେ, ବାଂଲାଦେଶରେ ଫସି ରହିଥିବା ଏବଂ ନିର୍ଯାତିତ ହିନ୍ଦୁ ନାଗରିକମାନେ ଆତଙ୍କରୁ ରକ୍ଷାପାଇବା ପାଇଁ ଭାରତକୁ ସୀମା ଖୋଲିବାକୁ ଅନୁରୋଧ କରୁଛନ୍ତି। ଏହି ସମୟରେ, ନିର୍ବାସିତ ବାଂଲାଦେଶ ସନାତନ ଜାଗରଣ ମଞ୍ଚ ନେତା ନିହାର ହାଲଦରଙ୍କ ସହାୟତାରେ, ରଙ୍ଗପୁର, ଚିଟାଗଙ୍ଗ, ଢାକା ଏବଂ ମୈମନସିଂରେ ରହୁଥିବା ହିନ୍ଦୁ ନାଗରିକଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଏହି ଲୋକମାନେ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ କଥାବାର୍ତ୍ତା କରୁଛନ୍ତି।

ସଂଖ୍ୟାଲଘୁ ହିନ୍ଦୁମାନେ କୁହନ୍ତି ଯେ, ସେମାନେ ଫସି ରହିଛନ୍ତି ଏବଂ ସେମାନଙ୍କର ଯିବାକୁ କୌଣସି ସ୍ଥାନ ନାହିଁ। ଆମେ ଅପମାନ ସହ୍ୟ କରୁଛୁ କାରଣ ଆମେ ଭୟ କରୁଛୁ ଯେ, ଦୀପୁ କିମ୍ବା ଅମୃତଙ୍କ ସହିତ ଯାହା ଘଟିଥିଲା



### ତାରିକ୍ ଫେରିବା ପରେ ବଢ଼ିଲା ବାଂଲାଦେଶୀ ହିନ୍ଦୁଙ୍କ ଭୟ

ତାହା ଆମ ସହିତ ହୋଇପାରେ। ଢାକାର ଆଉ ଜଣେ ହିନ୍ଦୁ ବାସିନ୍ଦା କହିଛନ୍ତି ଯେ ଦୀପୁ ଦାସଙ୍କ ହତ୍ୟା ଭୟ ସୃଷ୍ଟି କରିଥିବା ବେଳେ, ପୂର୍ବତନ ରାଷ୍ଟ୍ରପତି ଖଲିଦା ଜିଆଙ୍କ ପୁଅ ତାରିକ ରହମାନଙ୍କ ବାଂଲାଦେଶ ଫେରିବା ସେମାନଙ୍କୁ ଆହୁରି ଚିନ୍ତିତ କରିଛି। ଯଦି ବିଏନପି କ୍ଷମତାକୁ ଆସେ, ତେବେ ଆମେ ଆହୁରି ଅଧିକ ନିର୍ଯାତନାର ସମ୍ମୁଖୀନ ହୋଇପାରୁ। ଶେଖ ହସିନାଙ୍କ ଆୱାମୀ ଲିଗ୍ ଆମର ଏକମାତ୍ର ରକ୍ଷକ ଥିଲା। ଏହି ସମୟରେ, ମୈମନସିଂର ଜଣେ ବାସିନ୍ଦା କହିଛନ୍ତି ଯେ, ସୀମା ଖୋଲିବା ପରେ ହିନ୍ଦୁମାନେ ପଳାୟନ କରିବେ ତାହା ନୁହେଁ, କିନ୍ତୁ ଅତି କମରେ ହିଂସାରୁ ସୁରକ୍ଷିତ ରହିବେ। ଏହି ସମୟରେ, ଢାକାର ଜଣେ ହିନ୍ଦୁ କହିଛନ୍ତି, ଆମେ ଏଠାରେ ସବୁଠାରୁ ଖରାପ ସ୍ୱପ୍ନ ପରି ଜୀବନ ବିତାଉଛୁ। ଭାରତୀୟ ସୀମା ଖୋଲିବା ଦ୍ୱାରା ଅତି କମରେ ନିର୍ଯାତନାର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ଏକ ସୁରକ୍ଷିତ ପଥ ମିଳିବ।

## ଉତ୍ତରପ୍ରଦେଶରେ ଏସ୍ଆଇଆର୍ ଶେଷ

# ୨.୮୯ କୋଟି ଭୋଟର୍‌ଙ୍କ ନାଁ କଟିଲା

ଲକ୍ଷ୍ନୌ,୨୭।୧୨: ଉତ୍ତରପ୍ରଦେଶରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍) ଅଧୀନରେ ପ୍ରାୟ ୨.୮୯ କୋଟି ମତଦାତାଙ୍କ ନାମ କଟାଯାଇଛି। ମୃତ ଓ ଅନୁପସ୍ଥିତ ଭୋଟର୍‌ଙ୍କ ନାମ ହଟାଇ ଦିଆଯାଇଥିବା ନିର୍ବାଚନ କମିସନଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରକ୍ରିୟା ଆଜି ଶେଷ ହୋଇଥିବା ବେଳେ ୩୧ ଡିସେମ୍ବରରେ ଡ୍ରାଫ୍ଟ ମତଦାତା ତାଲିକା ପ୍ରକାଶ ପାଇବ। ନିର୍ବାଚନ କମିସନଙ୍କ ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ନଭେମ୍ବର ୪ରୁ ଚାଲିଛି। ରାଜ୍ୟରେ ମୋଟ୍ ୧୫.୪୪ କୋଟି ମତଦାତା ଥିବା ବେଳେ ୯୯%ରୁ ଅଧିକ ରେକର୍ଡର ଡିଜିଟାଇଜେସନ ହୋଇଛି। ଏଥିରୁ ୧୮.୮୫% ଅର୍ଥାତ୍ ପ୍ରାୟ ୨.୮୯ରୁ ୨.୯୫ କୋଟି ମତଦାତା ଅନୁପସ୍ଥିତ, ମୃତ, ସ୍ଥାନାନ୍ତରିତ ବା ଡୁପ୍ଲିକେଟ୍ ବର୍ଗରେ ରହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ, ଏହି ନାମଗୁଡ଼ିକର ପୁନଃ ଯାଞ୍ଚ କରାଯାଇ ସଠିକ୍ ତାଲିକା ପ୍ରସ୍ତୁତ କରାଯିବ। ଫର୍ମ ନ ଭରିବା ବା ଅନୁପସ୍ଥିତ ରହିବା ଯୋଗୁଁ



### ୩୧ ଡିସେମ୍ବରରେ ଡ୍ରାଫ୍ଟ ମତଦାତା ତାଲିକା ପ୍ରକାଶ

ଡ୍ରାଫ୍ଟ ଲିଷ୍ଟରୁ ନାମ ହଟିପାରେ, କିନ୍ତୁ ଆବେଦନ କରି ନାମ ଯୋଡ଼ାଯାଇପାରିବ। ଏହି ପ୍ରକ୍ରିୟାରେ ବୁଥ୍ ଲେଭଲ୍ ଅଧିକାରୀ (ବିଏଲ୍ଓ) ଘରକୁ ଘର ଯାଇ ଫର୍ମ ପୂରଣ କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ମଧ ନିଜ କର୍ମୀଙ୍କୁ ଲଗାଇ ସମର୍ଥକଙ୍କ ନାମ କାଏମ ରଖିବାକୁ ଚେଷ୍ଟା କରିଛନ୍ତି।

ପୂର୍ବରୁ ଦେଶର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଅଧୀନରେ ପ୍ରାୟ ୩.୬୯ କୋଟି ନାମ ଡ୍ରାଫ୍ଟ ଲିଷ୍ଟରୁ ହଟାଯାଇଛି। ଏଥିରେ ତାମିଲନାଡୁରୁ ୯୭ ଲକ୍ଷ, ଗୁଜରାଟରୁ ୭୩ ଲକ୍ଷ, ମଧ୍ୟପ୍ରଦେଶରୁ ୪୨ ଲକ୍ଷ ଓ ପଶ୍ଚିମବଙ୍ଗରୁ ୫୮ ଲକ୍ଷ ନାମ ହଟିଛି। ୟୁପିରେ ଡ୍ରାଫ୍ଟ ପ୍ରକାଶ ପରେ ଭୋଟର୍ ତାଲିକାରେ ବଡ଼ ପରିବର୍ତ୍ତନ ସମ୍ଭାବନା ରହିଛି। ୩୧ ଡିସେମ୍ବରରେ ଡ୍ରାଫ୍ଟ ଲିଷ୍ଟ ପ୍ରକାଶ ପରେ ଜାନୁଆରିରେ ଦାବି ଓ ଆପତ୍ତି ଦାଖଲ କରିବାର ସୁଯୋଗ ରହିବ। ଫେବ୍ରୁଆରିରେ ଅନ୍ତିମ ତାଲିକା ପ୍ରକାଶ ପାଇବ। ମତଦାତାମାନଙ୍କୁ ଏନ୍‌ଭିଏସ୍‌ପି ପୋର୍ଟାଲ୍ ବା ଭୋଟର ହେଲ୍ପଲାଇନ୍ ଆପ୍ ମାଧ୍ୟମରେ ନିଜ ନାମ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି। ଏହି ପ୍ରକ୍ରିୟା ମତଦାତା ତାଲିକାକୁ ସଠିକ୍ ଓ ତ୍ରୁଟିରହିତ କରିବ ବୋଲି ନିର୍ବାଚନ କମିସନ କହିଛନ୍ତି।

## ଜି ରାମ ଜି ଅଧିନିୟମକୁ ବିରୋଧ

# ୫ରୁ କଂଗ୍ରେସର ଦେଶବ୍ୟାପୀ ଆନ୍ଦୋଳନ

ନୂଆଦିଲ୍ଲୀ, ୨୭।୧୨: କେନ୍ଦ୍ର ସରକାର ଗ୍ରାମୀଣ ରୋଜଗାର ଯୋଜନା ଏମଜିଏନଆରଇଜିଏ କୁ ଭିବି ଜି-ରାମ-ଜି ଆଇନରେ ବଦଳାଇବା ବିରୋଧରେ କଂଗ୍ରେସ ଦେଶବ୍ୟାପୀ ପ୍ରଦର୍ଶନ କରିବ। ଶନିବାର ଅନୁଷ୍ଠିତ କଂଗ୍ରେସ ୱାର୍କିଂ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ, ମହାତ୍ମା ଗାନ୍ଧିଙ୍କ ନାମରେ କରାଯାଇଥିବା ଯୋଜନାକୁ ବଦଳାଇବା ରାଷ୍ଟ୍ରପିତାଙ୍କ ପ୍ରତି ଅପମାନ। ଆମେ ଏମଜିଏନଆରଇଜିଏ ଯୋଜନା ଲାଗି ଦେଶବ୍ୟାପୀ ବ୍ୟାପକ ଆନ୍ଦୋଳନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛୁ। ଏହି ନିଷ୍ପତ୍ତି ଅନୁସାରେ ଜାନୁୟାରୀ ୫ ତାରିଖରୁ ସାରା ଦେଶରେ ଏମଜିଏନଆରଇଜିଏ ବଚାଓ ଅଭିଯାନ ଆରମ୍ଭ କରିବୁ। ଖଡଗେ କହିଛନ୍ତି ଆମେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା ଗ୍ୟାରେଣ୍ଟି ଅଧିନିୟମ (ଏମଜିଏନଆରଇଜିଏ)କୁ ଯେ କୌଣସି



ମୂଲ୍ୟରେ ରକ୍ଷା କରିବୁ। କାରଣ ଏହା କେବଳ ଏକ ଯୋଜନା ନୁହେଁ ବରଂ ଭାରତର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ରୋଜଗାରର ଅଧିକାର। ଏଣୁ ଆମେ ଗାନ୍ଧିଜୀଙ୍କ ନାମକୁ ଯୋଜନାରୁ ହଟାଇବା ଲାଗି ସବୁ ଷଡ଼ଯନ୍ତ୍ରକୁ ଗଣତାନ୍ତ୍ରିକ ଉପାୟରେ ବିରୋଧ କରିବାକୁ ସଂକଳ୍ପ କରିଛୁ।

ଖଡଗେ କହିଛନ୍ତି ଯେ, ଦେଶରେ ମନରେଗାକୁ ରଦ୍ଦ କରାଯିବା ଯୋଗୁ ଲୋକେ ଅସନ୍ତୁଷ୍ଟ ଅଛନ୍ତି ଓ ସରକାରଙ୍କୁ ଏହାର ପରିଣାମ ଭୋଗ କରିବାକୁ ପଡିବ। ଏଥି ମଧ୍ୟରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ

### ଏକତରଫା ନିଷ୍ପତ୍ତି ନେଇଛନ୍ତି ପିଏମ୍ଓ

ନରେନ୍ଦ୍ର ମୋଦି ମନ୍ତ୍ରୀ ଅଥବା କେନ୍ଦ୍ର ମନ୍ତ୍ରିମଣ୍ଡଳ ସହ କୌଣସି ପରାମର୍ଶ ବିନା ଏମଜିଏନଆରଇଜିଏ କୁ ବଦଳାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ବର୍ତ୍ତମାନର ସ୍ଥିତିକୁ ପ୍ରଦର୍ଶିତ କରୁଛି। ଏଥିରେ ଶାସନ ଏବେ ଜଣେ ବ୍ୟକ୍ତିଙ୍କ ହାତକୁ ଚାଲି ଯାଇଛି ଓ ନରେନ୍ଦ୍ର ମୋଦି ଯାହା ଚାହୁଁଛନ୍ତି ତାହା କରାଯାଉଛି।

ରାହୁଲ କହିଛନ୍ତି ଯେ, ଯେପରି ଖଡଗେ କହିଲେ ଆମେ ଏହାକୁ ବିରୋଧ କରିବୁ, ଆମେ ଏହା ବିରୋଧରେ ଲଢ଼ିବୁ ଓ ମୋର ପୂରା ବିଶ୍ୱାସ ସମଗ୍ର ବିପକ୍ଷ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକଜୁଟ ହେବ। ଉଲ୍ଲେଖଯୋଗ୍ୟ ଯେ, ୟୁପିଏ ଯୁଗର ମନରେଗା ଯୋଜନା ସ୍ଥାନରେ ବିକଶିତ ଭାରତ-ରୋଜଗାର ଓ ଅଜିବିକା ମିସନ (ଗ୍ରାମୀଣ) ଗ୍ୟାରେଣ୍ଟି ବିଧେୟକକୁ ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ ଗୃହୀତ କରାଯାଇଛି। ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମତି ମଧ୍ୟ ମିଳିଛି।

କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ମନରେଗାର ସ୍ଥାନ ନେଉଥିବା ନୂଆ ଆଇନକୁ ନେଇ କଡ଼ା ଆପତ୍ତି କରିଥିଲେ। କହିଥିଲେ ଏହା ମହାତ୍ମା ଗାନ୍ଧିଙ୍କ ଅପମାନ। କାରଣ ତାଙ୍କ ନାମରେ ଅନେକ ଶୀର୍ଷକ ହଟାଇ ଦିଆଗଲାଣି। ନୂଆ ଆଇନରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଯାହାର ବୟଷ୍କ ସଦସ୍ୟ ଅକୁଶଳ ଶାରୀରିକ ଶ୍ରମ ନିମନ୍ତେ ସ୍ୱେଚ୍ଛାରେ ଆଗକୁ ଆସିଲେ ଏକ ଆର୍ଥିକ ବର୍ଷରେ ୧୨୫ ଦିନର ବେତନଭୋଗୀ ରୋଜଗାରର ବୈଧାନିକ ଗ୍ୟାରଣ୍ଟି ଦିଆଯାଇଛି। ନୂଆ ଆଇନ ଅନୁସାରେ ଯଦିଓ ଏହା କେନ୍ଦ୍ରୀୟ ଯୋଜନା କେନ୍ଦ୍ର ଓ ରାଜ୍ୟଙ୍କୁ ଏହି ଯୋଜନା ନିମନ୍ତେ ୬୦-୪୦ ଅନୁପାତରେ ରାଶି ଆବଣ୍ଟନ କରିବେ।

SANCHAR ସଂଚାର

ଭିମସାରରେ ଅତ୍ୟାଧୁନିକ ସୁବିଧାର ଲୋକାର୍ପଣ

# 'ଡାକ୍ତରଙ୍କ ହସ ଓ ଆଶ୍ୱାସନା ରୋଗୀଙ୍କୁ ସୁସ୍ଥ କରିଥାଏ'

- ୩ ଟେସଲା ଏମଆରଆଇ କକ୍ଷ ସହ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ର ଉଦ୍‌ଘାଟିତ
- ଭିମସାରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣାକୁ ସ୍ୱାଗତ
- ଖୁବଶୀଘ୍ର ସୁଶାସନ ମଡେଲ, ନିଯୁକ୍ତି ପଲିସି, ପରୀକ୍ଷା ପଲିସି ଅଟୋନୋମସ ହେବ



**ବୁର୍ଲା, ୨୭।୧୨(ସଂଚାର ବ୍ୟୁରୋ):** ଜଣେ ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀଙ୍କୁ ପ୍ରକୃତରେ ସୁସ୍ଥ କରିଥାଏ ବୋଲି ଶନିବାର ବୁର୍ଲା, ଭିମସାରରେ ଅତ୍ୟାଧୁନିକ ସୁବିଧା ଗୁଡ଼ିକର ଲୋକାର୍ପଣ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭିମସାରରେ ପ୍ରଥମେ ୩ ଟେସଲା ଏମଆରଆଇ କକ୍ଷର ଉଦଘାଟନ କରିବା ସହ ୮୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ରଭବନର ଉଦଘାଟନ କରିଥିଲେ। ସେ କହିଛନ୍ତି, ଏମଆରଆଇ ମେସିନ ଦ୍ୱାରା ରୋଗୀଙ୍କର ଅତି ସୂକ୍ଷ୍ମ ପରୀକ୍ଷା ଓ ସଠିକ୍ ରୋଗ ନିରୂପଣ ସହଜ ହୋଇପାରିବ। ନବଜାତ ଶିଶୁମାନଙ୍କ ପାଇଁ ଯତ୍ନ କେନ୍ଦ୍ର ଶିଶୁ ମୃତ୍ୟୁହାର ହ୍ରାସକରିବା ସହ ନବଜାତଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇବାରେ ସହାୟକ ହେବ। ଆୟୋଜିତ ସାଂସ୍କୃତିକ ମହାକୁମ୍ଭ ଲୁମିଭକ୍ସ-୨୦୨୫ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଆଜିର ଯୁଗରେ ଅତ୍ୟାଧୁନିକ ମେସିନ ସଠିକ୍ ରୋଗ ନିରୂପଣ କରୁଛି, କିନ୍ତୁ ଜଣେ ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀଙ୍କୁ ପ୍ରକୃତରେ ସୁସ୍ଥ କରିଥାଏ। ଆମର ଲକ୍ଷ୍ୟ କେବଳ ରୋଗ ହେବା ପରେ ଚିକିତ୍ସା କରିବା ନୁହେଁ, ବରଂ ରୋଗକୁ ରୋକିବା। ଡାକ୍ତରମାନେ ସଶକ୍ତ ହେଲେ ହିଁ ସମାଜ ସଶକ୍ତ ହେବ। ଭିମସାରର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ପାଖାପାଖି ୧୬୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ, ଖୁବ ଶୀଘ୍ର ଏଠାରେ ନୂଆ ସୁଶାସନ ମଡେଲ, ନିଯୁକ୍ତି ପଲିସି, ପରୀକ୍ଷା ପଲିସି ଅଟୋନୋମୋସ ମାଧମରେ ହେବ।



## ପଶ୍ଚିମବଙ୍ଗରେ ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧନା

**କୋଲକାତା, ୨୭।୧୨(ସଂଚାର ବ୍ୟୁରୋ):** ଶୁକ୍ରବାର ରାତ୍ରିରେ ଓଡିଶା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ପହଞ୍ଚିଛନ୍ତି। ଶୁକ୍ରବାର ରାତ୍ରୀ ୧୧ଟା ସମୟରେ ତାଙ୍କୁ କୋଲକାତା ବିମାନବନ୍ଦରରେ ସ୍ୱାଗତ କରିଛନ୍ତି ପଶ୍ଚିମବଙ୍ଗ ଯୁବ ସଂଗଠକ ତଥା ଓଡିଶା ପ୍ରଗତି ସଂଘର ପୂର୍ବତନ ସଂପାଦକ ନରେନ୍ଦ୍ର କୁମାର ରାଉତ। ସେ ରାଜ୍ୟ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କଲେ। ତାଙ୍କ ସହିତ ପ୍ରକାଶ କୁମାର ସିଂ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଓଡିଶାରେ ସମ୍ପ୍ରତି ବଙ୍ଗଳା ଭାଷାରେ କଥା କହିବାରୁ ଶ୍ରମିକ, ଫେରିବାଲାଙ୍କୁ ବାଂଲାଦେଶୀ କହି ମାରଧର ଘଟଣା ସହ ଏକ ମୃତ୍ୟୁ ଘଟଣାକୁ ନେଇ ଏଠାକାର ଓଡିଆମାନଙ୍କ ବିଷୟରେ ଚିନ୍ତା କରିବାକୁ କହିଲେ ନରେନ୍ଦ୍ର ବାବୁ।

## କଶ୍ମୀର ଘାଟିରେ ୩୫ ଆତଙ୍କବାଦୀ ସକ୍ରିୟ

● ସେନାର ସର୍ଚ୍ଚ ଅପରେସନ ଆରମ୍ଭ

**ଶ୍ରୀନଗର, ୨୭।୧୨:** ଜମ୍ମୁ-କାଶ୍ମୀରର ଡୋଡା ଏବଂ କିସ୍ତୱାର ଅଞ୍ଚଳରେ ୩୦-୩୫ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁଇନ୍ଦା ଏଜେନ୍ସିମାନେ ସତର୍କ କରାଇଛି। ଏହାପରେ ଭାରତୀୟ ସେନା ଓ ପୁଲିସ ସତର୍କ ହୋଇଉଠିଛନ୍ତି ଓ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। କଠିନ ପାଗ ସତ୍ତ୍ୱେ ଭାରତୀୟ ସେନା ଏହି ବରଫାବୃତ ଅଞ୍ଚଳରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ କମ୍ବିଂ ଅପରେସନ ଆରମ୍ଭ କରିଛି। ଗୁଇନ୍ଦା ସଂସ୍ଥାଗୁଡ଼ିକ ଏହି ଅଞ୍ଚଳଗୁଡ଼ିକରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସେନା ସହିତ ସୂଚନା ବାଣ୍ଟିଛନ୍ତି। ଭାରତୀୟ ସେନା ସୂତ୍ର ଅନୁସାରେ, ଶୀତ ଋତୁରେ ସାଧାରଣତଃ ଆତଙ୍କବାଦୀ ଘଟଣା କମ୍ ଦେଖାଯାଏ, କିନ୍ତୁ ଏଥର ସେନା ତା'ର ରଣନୀତି ପରିବର୍ତ୍ତନ କରିଛି ଏବଂ ଶୀତ ଋତୁରେ ମଧ ତା'ର ଅଭିଯାନକୁ ତୀବ୍ର କରିଛି। ଏଥିପାଇଁ, ସେନା, ଜମ୍ମୁ-କାଶ୍ମୀର ପୁଲିସ ଏବଂ ସିଆରପିଏଫର ସହାୟତା ଲୋଡ଼ାଯାଇଛି। ଗୁଇନ୍ଦା ସୂଚନା ଅନୁଯାୟୀ, ଆତଙ୍କବାଦୀମାନେ ଡୋଡା ଏବଂ କିସ୍ତୱାରର ଉଚ୍ଚତା ବିଶିଷ୍ଟ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି। ଫଳସ୍ୱରୂପ, ଭାରତୀୟ ସେନାର ରାଷ୍ଟ୍ରୀୟ ରାଇଫଲ୍ସର ୟୁନିଟଗୁଡ଼ିକୁ ଆତଙ୍କବାଦ ବିରୋଧୀ କାର୍ଯ୍ୟ ପାଇଁ ଏହି ଉଚ୍ଚତା ବିଶିଷ୍ଟ ଏବଂ ଅତ୍ୟନ୍ତ ବିପଜ୍ଜନକ ଅଞ୍ଚଳରେ ନିୟୋଜିତ କରାଯାଇଛି। ଏହି ୟୁନିଟଗୁଡ଼ିକ ଡ୍ରୋନ ଏବଂ ଥର୍ମାଲ୍ ଇମେଜିଂ ଉପକରଣ ସହିତ ସଜ୍ଜିତ।

## ଏମ୍ସରେ ଗ୍ୟାଙ୍ଗଷ୍ଟର ବିନୟ ତ୍ୟାଗୀ ମୃତ



**ନୂଆଦିଲ୍ଲୀ, ୨୭।୧୨:** ଋଷିକେଶ ଏମ୍ସରେ ଭର୍ତ୍ତି ହୋଇଥିବା ଗ୍ୟାଙ୍ଗଷ୍ଟର ବିନୟ ତ୍ୟାଗୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଲକ୍ସରରେ ତାଙ୍କୁ ଦୁଇ ଜଣ ଅପରାଧୀ ଗୁଳି କରିଥିଲେ। ଗ୍ୟାଙ୍ଗଷ୍ଟର ବିନୟ ତ୍ୟାଗୀର ଅସ୍ତ୍ରୋପଚାର ଏମ୍ସ ଋଷିକେଶରେ କରାଯାଇଥିଲା। ଡାକ୍ତରଙ୍କ ଏକ ଦଳ ତାଙ୍କ ଛାତି, ବେକ ଏବଂ ହାତରେ ଲାଗିଥିବା ଗୁଳିଗୁଡ଼ିକୁ ବାହାର କରିଥିଲେ। ଗୁଳିର ଆଘାତ ଯୋଗୁଁ ତାର ଅନ୍ତନଳୀ ଫାଟି ଯାଇଥିଲା। ଗ୍ୟାଙ୍ଗଷ୍ଟରକୁ ଆଇସିୟୁର ଭେଣ୍ଟିଲେଟରରେ ରଖାଯାଇଥିଲା। ବରିଷ୍ଠ ପୋଲିସ ଅଧୀକ୍ଷକ (ହରିଦ୍ୱାର) ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି ଯେ, ତ୍ୟାଗୀ ମୃତ୍ୟୁ ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩ (ହତ୍ୟା) ମାମଲାରେ ଯୋଡ଼ିଛି। ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ସେମାନେ ନ୍ୟାୟିକ ହେପାଜତରେ ଅଛନ୍ତି। ସେମାନେ ପୁଲିସକୁ କହିଛନ୍ତି ଯେ, ଆର୍ଥିକ ବିବାଦକୁ ନେଇ ଗୁଳି ମାରିଥିଲେ। ମୁଜାଫରନଗରର ଖଇଖେରୀ ଗ୍ରାମର ବାସିନ୍ଦା ବିନୟ ତ୍ୟାଗୀକୁ ଲକ୍ଷ ଲକ୍ଷ ଟଙ୍କାର ନଗଦ ଏବଂ ଅଳଙ୍କାର ଚୋରି ମାମଲାରେ ଅକ୍ଟୋବର ୧ ତାରିଖରେ ଡେରାଡୁନ ପୁଲିସ ଗିରଫ କରିଥିଲା। ହରିଦ୍ୱାରରେ ପୂର୍ବରୁ ପଞ୍ଜିକୃତ ମାମଲା ଯୋଗୁଁ ତାକୁ ଡିସେମ୍ବର ୧୨ ତାରିଖରେ ରୁରକି ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଅପରାହ୍ନରେ, ଏକ ପୁଲିସ ଟିମ ତାକୁ ଶୁଣାଣି ପାଇଁ ଲକ୍ସର କୋର୍ଟକୁ ନେଇ ଯାଉଥିଲା। ବିନୟ ତ୍ୟାଗୀ ସହିତ ଏକ ଟାଟା ସୁମୋ ଗାଡ଼ିରେ ଛଅ ଜଣ ପୋଲିସ କର୍ମଚାରୀ ଯାତ୍ରା କରୁଥିଲେ। ଲକ୍ସରର ଏକ ରେଳ ଓଭରବ୍ରିଜ୍ ଉପରେ ପୋଲିସ ଗାଡ଼ିଟି ଟ୍ରାଫିକ୍ ଜାମରେ ଫସି ଯାଇଥିଲା। ସେହି ମୁହୂର୍ତ୍ତରେ, ଏକ ମୋଟର ସାଇକେଲରେ ଦୁଇଜଣ ମୁଖାପିନ୍ଧା ଅପରାଧୀ ପୁଲିସ ଗାଡ଼ି ଉପରେ ଗୁଳି ଚଳାଇ କୁଖ୍ୟାତ ବିନୟ ତ୍ୟାଗୀକୁ ଗୁରୁତର କରାଯାଇଥିଲା।

## ଭାଲୁ ଆକ୍ରମଣରେ ବୃଦ୍ଧା ମୃତ

**ନୂଆପଡ଼ା, ୨୭।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଗଣ୍ଡାବାହାଲି ଠାରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ଗଣ୍ଡାବାହାଲି ନିବାସୀ ଦ୍ରୌପଦୀ ମେହେର (୬୩) ବୋଲି ସୂଚନା ମିଳିଛି। ପୁଣି ଆଜି ଗଣ୍ଡାବାହାଲୀ ଗ୍ରାମର ଗାଁ ବସ୍ତି ମୁଖ୍ୟରାସ୍ତା ଉପରେ ଭାଲୁ ବୁଲୁଥିବା ବେଳେ ଭୟର ଆତଙ୍କ ଲାଗିରହିଥିବା ଜଣାପଡିଛି। ଶୁକ୍ରବାର ରାତିରେ କୌଣସି ପ୍ରକାରରେ ଦ୍ରୌପଦୀ ଭାଲୁର ହାବୁଡ଼ରେ ପଡ଼ିଥିଲେ। ଭାଲୁ ଆକ୍ରମଣରେ ଲହୁଲୁହାଣ ହୋଇ ଗୁରୁତର ହୋଇପଡ଼ିଥିଲେ। ଦ୍ରୌପଦୀଙ୍କ ଛାତି ଓ ଗଳାରେ ଗଭୀର ଦାନ୍ତ, ନଖର କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ କେହି ଜାଣିପାରି ନଥିବାରୁ ଏହା ପ୍ରାୟ ମଧରାତ୍ରୀର ଘଟଣା ହୋଇଥିବା ଅନୁମାନ କରାଯାଉଛି।

● ଏସ୍‌ଆଇଆର୍ ଶୁଣାଣି ଆରମ୍ଭ

## କ୍ଷୁଦ୍ର ପର୍ଯ୍ୟବେକ୍ଷକଙ୍କୁ ଶୋ କଜ୍ ନୋଟିସ

**କୋଲକାତା, ୨୭।୧୨(ସଂଚାର ବ୍ୟୁରୋ):** ଶନିବାରଠାରୁ ରାଜ୍ୟବ୍ୟାପୀ ଏସ୍‌ଆଇଆର୍‌ର ଶୁଣାଣି ଆରମ୍ଭ ହୋଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କ୍ଷୁଦ୍ର ପର୍ଯ୍ୟବେକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ମିଳିଛି। କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ କ୍ଷୁଦ୍ର ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରାଯାଇଛି। ଅନେକ ତାଲିମରେ ଅଂଶଗ୍ରହଣ କରିନାହାଁନ୍ତି। ସେମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ପଡିବ। ଯଦି ନୋଟିସର ସଠିକ୍ ଉତ୍ତର ନ ଦିଆଯାଏ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ସୂଚନା ବିଏଲ୍‌ଓ ଆପ୍‌ରେ ଅପଲୋଡ୍ କରିବାକୁ ପଡିବ।

## ଟ୍ରକ୍ ଓ ସ୍କୁଟି ମଧରେ ଧକ୍କା: ୨ ମୃତ

**କୋଲକାତା, ୨୭।୧୨(ସଂଚାର ବ୍ୟୁରୋ):** ଶିଲିଗୁଡ଼ିର ଇଷ୍ଟର୍ଣ୍ଣ ବାଇପାସରେ ପୁଣି ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଶୁକ୍ରବାର ରାତିରେ ଆଶିଘର ମୋଡ ନିକଟରେ ଏକ ଟ୍ରକ୍ ଓ ସ୍କୁଟିର ମଧରେ ଧକ୍କା ହେବା ଫଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂତ୍ର ଅନୁଯାୟୀ, ଏକ ସ୍କୁଟିରେ ତିନି ଜଣ ଆରୋହୀ ଥିଲେ। ସେମାନେ ଆମ୍ବାରୀ ଅଭିମୁଖେ ଯାଉଥିଲେ। ସେହି ସମୟରେ ହଠାତ୍ ଏକ ଟ୍ରକ୍ ପଛରୁ ସ୍କୁଟିକୁ ଧକ୍କା ଦେଇଥିଲା। ପ୍ରବଳ ଧକ୍କା ଯୋଗୁଁ ଦୁଇଜଣଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଘଟଣାସ୍ଥଳରୁ ପଳାଇଯାଇଛି। ପୁଲିସ ଟ୍ରକ୍ ପାଇଁ ତଲାସି ଆରମ୍ଭ କରିଛି। ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

# କୋଟପା ଆଇନ୍, ଜରିମାନା ଆଦାୟରେ ସୀମିତ

**ଭୁବନେଶ୍ୱର, ୨୭।୧୨:** ଶିକ୍ଷାନୁଷ୍ଠାନ ନିକଟରେ କୌଣସି ପ୍ରକାର ତମାଖୁ ଦ୍ରବ୍ୟ ବିକ୍ରିକୁ ନିଷେଧ ପାଇଁ କେନ୍ଦ୍ର ସରକାର ୨୨ ବର୍ଷ ତଳେ ଲାଗୁ କରିଥିବା କୋଟପା ଆଇନ୍ ବଳରେ ନିୟମ ଉଲ୍ଲଙ୍ଘନକାରୀମାନେ ଜୋରିମାନା ଗଣିବା ସହ ଜେଲ ମଧ ଯାଉଛନ୍ତି। ହେଲେ ଏଭଳି କାରବାରକୁ ସରକାର ସମ୍ପୂର୍ଣ୍ଣ ପ୍ରତିହତ କରିପାରୁନାହାନ୍ତି।

କୋଟପା ଆଇନ୍‌ର ଧାରା-୬ ଅନୁଯାୟୀ ୧୮ ବର୍ଷରୁ କମ୍ ଏବଂ ଶିକ୍ଷାନୁଷ୍ଠାନର ୧୦୦ ଗଜ ପରିଧି ମଧରେ କୌଣସି ପ୍ରକାର ତମାଖୁ ଦ୍ରବ୍ୟ ବିକ୍ରୟ କରିବାକୁ ବାରଣ କରାଯାଇଛି। କାଳେ କିଏ କେଉଁଠି ବିକ୍ରି କରୁଥିବ, ସେଥିଘେନି ଚଢ଼ାଉ ବି ହେଉଛି।

ମିଳିଥିବା ସୂଚନାନୁଯାୟୀ, କୋଟପା ଆଇନର ଧାରା ୬(କ) ଆଧାରରେ ୨୦୨୧-୨୨ ବର୍ଷରେ ୨୦୧ ଜଣ ଉଲ୍ଲଙ୍ଘନକାରୀଙ୍କୁ ଧରାଯାଇ ୩୬ ହଜାର ଟଙ୍କାର ଜୋରିମାନା ଆଦାୟ ହୋଇଥିବା ବେଳେ ଧାରା ୬-(ଖ) ଆଧାରରେ ୩୯୧୮ ଜଣଙ୍କ ଠାରୁ ଲକ୍ଷ ୧୦ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିଲା। ଆଇନ୍‌ରେ ଥିବା ଧାରା ୬(ଗ) ବଳରେ ଉକ୍ତ ବର୍ଷ ୨ ଜଣ ଆଇନ୍ ଉଲ୍ଲଙ୍ଘନକାରୀ ଜେଲ୍ ଯାଇଥିଲେ। ପ୍ରତିବର୍ଷ ଏଭଳି ଚଢ଼ାଉ ଓ ଜରିମାନା ଆଦାୟ ପ୍ରକ୍ରିୟା ଜାରି ରହିଛି। ୨୦୨୪-୨୫ ବର୍ଷରେ ଏହି ଆଇନ୍ ବଳରେ ୧୫ ଲକ୍ଷରୁ ଅଧିକ ଟଙ୍କାର ଜରିମାନା ଆଦାୟ ହୋଇଛି। ତେବେ ୨୦୨୧-୨୨ ପରଠାରୁ ଆଉ କେହି ଜେଲ୍ ଦଣ୍ଡ ଭୋଗିନାହାନ୍ତି। ଚଳିତ ଆର୍ଥିକ ବର୍ଷରେ ଗତ ସେପ୍ଟେମ୍ବର ସୁଦ୍ଧା ଜରିମାନା ଆଦାୟ ୨ ଲକ୍ଷ ଟଙ୍କାକୁ ଟପିସାରିଛି। ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କ କହିବା କଥା ଯେ ପ୍ରଶାସନ ଆଇନ୍ ବଳରେ ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ବଦଳରେ ଜରିମାନା ଆଦାୟରେ ମାତୁଛି। ଜେଲ୍ ଭୟ ରହୁ ନ ଥିବାରୁ ବ୍ୟବସାୟୀମାନେ ଜରିମାନା ଦେଇ ଖସିଯାଉଛନ୍ତି। ଚଢ଼ାଉ କରୁଥିବା ଦଳ ବର୍ଷକୁ ବର୍ଷ କେଉଁ କେଉଁ ସ୍ଥାନରୁ କେତେ ଅଧିକ ଜରିମାନା ଆଦାୟ କରୁଛନ୍ତି, ତା'ର ହିସାବ ସରକାରଙ୍କୁ ଧରାଇ ଖୁସି ହେଉଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶା ସରକାର ମଧ ଗତ ୨୦୧୩ରୁ ରାଜ୍ୟର ଗୁଟ୍‌ଖା, ତମାଖୁଯୁକ୍ତ ପାନମସଲା ଆଦିର ପ୍ରସ୍ତୁତି, ମହଜୁଦ, ବିପଣନ ଓ ବିକ୍ରୟ ଆଦି ଉପରେ କଡ଼ା କଟକଣା ଜାରି କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ରାଜ୍ୟର ଏହିସବୁ ସାମଗ୍ରୀର କୋଟି କୋଟି ଟଙ୍କାର ବ୍ୟବସାୟ ହେଉଛି ଓ ସରକାର ମଧ ଏଥିରୁ ଟିକସ ଆଦାୟ କରୁଛନ୍ତି। ସରକାରୀ କଳର ଏଭଳି ଉଦାସୀନା ଓ ଦୋମୁହାଁ କାର୍ଯ୍ୟ ଯୋଗୁଁ ରାଜ୍ୟରେ ଏବେ ବଡ ଲୋକ ତ ଦୂରରକଥା ଛୋଟ ଛୋଟ ପିଲା ବି ଗୁଟ୍‌ଖା ଖାଇ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛନ୍ତି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୁବକଙ୍କୁ...

ଜଣେ ବନ୍ଧୁଙ୍କ ଘରକୁ ଯାଇ ଅପରାହ୍ନ ୪ଟା ବେଳେ ଘରକୁ ଫେରିଥିଲେ। ପରେ ରାତିରେ ସେ ସାଙ୍ଗମାନଙ୍କ ସହ ଗ୍ରାମରେ ଏକ ମଣ୍ଡପରେ ଭୋଜି କରି ରାତି ୧୧ଟା ବେଳେ ବାପା ଅରକ୍ଷିତ ମଲ୍ଲିକଙ୍କୁ କିଛି ମାଂସ ତରକାରୀ ଦେଇ କଳାବୁଦା ବାରୁଣୀ ବଜାରରେ ଥିବା ତାଙ୍କ ଦୋକାନକୁ ଶୋଇବା ପାଇଁ ଆସିଥିଲେ। ତେବେ ଆଜି ଭୋର ୪ଟା ସମୟରେ ଗ୍ରାମର ମହାଦେବ ମନ୍ଦିର ପୂଜକ ନଳିନୀକାନ୍ତ ପଣ୍ଡା ମର୍ଣ୍ଣିଂ ୱାକ୍‌ରେ ଯାଇଥିବା ସମୟରେ ଦୋକାନ ଜଳୁଥିବା ଦେଖିବାକୁ ପାଇ ତୁରନ୍ତ ସୁବାସଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ଅରକ୍ଷିତ, ସୁବାସଙ୍କ ଦାଦା ଗଣେଶ, ପୁଅ ଓମ୍ ପ୍ରକାଶ ଓ ପତ୍ନୀ ଜୟଶ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଦୋକାନର ଲୁହା କବାଟ ବାହାରୁ ପଟୁ ଦିଆଯାଇଥିବା ଦେଖିଥିଲେ। ସେମାନେ ଉକ୍ତ କବାଟ ଖୋଲି ଭିତରେ ପଶିବା ପରେ ସେଠାରେ ସୁବାସଙ୍କ ପୋଡ଼ା ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସଙ୍ଗେ ସଙ୍ଗେ ନିକଟସ୍ଥ ଥାନାକୁ ସୂଚନା ଦିଆଯାଇଥିଲା। କିନ୍ତୁ ପାଖାପାଖି ୩ ଘଣ୍ଟା ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବାରୁ ଏହାକୁ ନେଇ ଗ୍ରାମବାସୀଙ୍କ ସହ ବାକ୍‌ବିତଣ୍ଡା ହୋଇଥିଲା। ସେହିପରି ସୁବାସଙ୍କ ମୃତଦେହର ବ୍ୟବଚ୍ଛେଦ ପାଇଁ ବି ପୁଲିସ୍ ଅହେତୁକ ବିଳମ୍ବ କରିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ପୂର୍ବାହ୍ନ ୧୦ଟା ସମୟରେ ପୁଲିସ୍ ବ୍ୟବଚ୍ଛେଦ ସକାଶେ ମୃତଦେହ ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିନ୍ତୁ ସେଠାରେ ପୁନର୍ବାର ବିଳମ୍ବ ହେବାରୁ ଗ୍ରାମବାସୀ ମୃତଦେହ ସହ ରାସ୍ତା ଅବରୋଧ କରିଥିଲେ। ଏନେଇ ଖବର ପାଇ ପାଟକୁରାର ବିଜେପି ନେତା ତେଜେଶ୍ୱର ପରିଡ଼ା ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଉପସ୍ଥିତିରେ ଏସ୍‌ପିଙ୍କ ସହ ଆଲୋଚନା ପରେ ମାମଲାର ତଦନ୍ତ ଡିଏସ୍‌ପି କରିବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେଣୁ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

ଅନ୍ୟପକ୍ଷରେ ସୁବାସଙ୍କୁ କେହି ନିଆଁ ଲଗାଇ ଜୀଅନ୍ତା ଜାଳିଦେଇଥିବା ଅଭିଯୋଗ କରିଛନ୍ତି ତାଙ୍କ ପୁଅ ଓମ୍ ପ୍ରକାଶ ଓ ପତ୍ନୀ ଜୟଶ୍ରୀ। ଜୟଶ୍ରୀ କହିଛନ୍ତି ଯେ ୮ ଦିନ ତଳେ ଜଣେ ଯୁବକଙ୍କର ସୁବାସଙ୍କ ସହ କଳିଝଗଡ଼ା ହୋଇଥିଲା। ତା'ଛଡ଼ା ସୁବାସ ଯେଉଁ ଜାଗାରେ ଦୋକାନ କରିଥିଲେ, ତାକୁ ବି ଅନେକ ବିରୋଧ କରୁଥିଲେ। ତେଣୁ ସେମାନଙ୍କ ମଧରୁ ଏହି ଆକ୍ରୋଶ ରଖି ସୁବାସଙ୍କ ଜୀବନ ନେଇଥାଇପାରନ୍ତି ବୋଲି ଜୟଶ୍ରୀ ସନ୍ଦେହ ପ୍ରକାଶ କରିଛନ୍ତି। ତେଣୁ ପୁଲିସ୍ ସଠିକ୍ ତଦନ୍ତ କରି ତୁରନ୍ତ ମାମଲାର ସତ୍ୟାସତ୍ୟ ପଦାକୁ ଆଣିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ସୁବାସ ରାତିରେ ଭୋଜି କରିବା ସମୟରେ ସେଠାରେ କୌଣସି ଗଣ୍ଡଗୋଳ ହୋଇଥିଲା କି ନାହିଁ, ସେ ଦିଗରୁ ମଧ ତଦନ୍ତ କରିବା ପାଇଁ ଗ୍ରାମବାସୀ ପରାମର୍ଶ ଦେଇଛନ୍ତି।

## ସ୍କୁଲ୍...

ପାଇଁ ମଧ ଉଦ୍ୟମ କରାଯାଇଛି। ଏହି ଜ୍ଞାନର ସଂସ୍କୃତିକୁ ଜନକଲ୍ୟାଣରେ ଲଗାଇବା ପାଇଁ ମେଧାବୀ ପିଲା ଓ ଯୁବକମାନେ ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି। ଆଜିକାଲି ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ବହୁତ ପ୍ରକାର ସାଧନ ଅଛି। ପାଠ୍ୟ ପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରୀ ଓ ବିଭିନ୍ନ ଅନ୍‌ଲାଇନ୍ ମାଧମରେ ଅନେକ ନୂଆ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ହେଉଛି। ଏହାକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ଅଧିକ ଗବେଷଣା କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶକୁ ଆତ୍ମନିର୍ଭର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦୃଢ଼ ପ୍ରତିଜ୍ଞା ନେଇଛନ୍ତି। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ବଡ ଭୂମିକା ରହିବ। ନୂଆ ନୂଆ ଜ୍ଞାନ ପାଇଁ ଆବଶ୍ୟକ ହେଉଛି ଗବେଷଣା। ତେଣୁ ଆଜିକାର ଛାତ୍ରଛାତ୍ରୀ ପ୍ରତିଭାବାନ୍ ପିଲାମାନେ ଆଗାମୀ ଦିନରେ ବ୍ୟାପକ ଗବେଷଣା କରିବା ଉଚିତ। ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ଆଜିକାର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍‌ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିଇବାକୁ ପରାମର୍ଶ ଦେଇଥିଲେ।

ସେ କହିଥିଲେ, ବର୍ତ୍ତମାନ ଓଡିଶାରେ ଆମ ସରକାର ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯାଇଛି। ଏଥିରେ ବିଶେଷକରି ସ୍କୁଲ ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆମର ଲକ୍ଷ୍ୟ ହେଉଛି ଗୁଣାତ୍ମକ ଶିକ୍ଷା। ସେଥିପାଇଁ ପ୍ରାଥମିକ ସ୍ତରରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟ ରେ ୧୨ ହଜାର କୋଟି ଟଙ୍କାରେ ୨୨ ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ପ୍ରାଥମିକ ସ୍ତରରେ ଭଲ ଶିକ୍ଷାପାଇଲେ ହାଇସ୍କୁଲ ଓ କଲେଜ୍ ସ୍ତରରେ ମଧ ତୁମର ପ୍ରତିଭାର ବିକାଶ ଘଟିବ। ଆଗାମୀ ଦିନରେ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଆହୁରି ଅନେକ ପରିବର୍ତ୍ତନ କରାଯିବ। ମୌଳିକ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ଉପରେ ବ୍ୟାପକ ଗୁରୁତ୍ୱ ଦେବା ଆରମ୍ଭ କରାଯାଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ରୟ ନାୟକ, କେନ୍ଦୁଝରଗଡ ପୌର ପରିଷଦର ଅଧକ୍ଷକ୍ଷା ନିକୁ ସାହୁ ଜିଲ୍ଲପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ପିୟୁସିସି...

ମୋଟର ଯାନର ପିୟୁସିସି ଯାଞ୍ଚ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧାନ କରି ମନ୍ତ୍ରୀ ଶ୍ରୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଗାଡ଼ିର ବୈଧ କାଗଜପତ୍ର କରାଇବା ପାଇଁ ଅବଧିକୁ ମାସେ ବୃଦ୍ଧି କରାଯାଇଛି। ଏହି ଅବଧି ମଧରେ ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିଚାଳକମାନେ ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ଆସନ୍ତା ଫେବ୍ରୁଆରୀ ୧ ପୂର୍ବରୁ କୌଣସି ପେଟ୍ରୋଲ ପମ୍ପରେ କାହାକୁ ମଧ ପିୟୁସିସି ପାଇଁ ଇନ୍ଧନ ଦେବାକୁ ମନା କରାଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା।

## ଏବେ...

ସରପଞ୍ଚ ପୂର୍ବତନ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କୁ ଜିଲ୍ଲା ସଭାପତି କରିବାକୁ ଦାବି କରିଛନ୍ତି। ସେମାନଙ୍କ ଯୁକ୍ତି ଯଦି ସୁପ୍ରିମୋ ଜ୍ୟୋତିଙ୍କୁ ସଭାପତି କରିବାକୁ ଚାହୁଁନାହାଁନ୍ତି, ତେବେ ରବି ଜେନାଙ୍କ ବ୍ୟତୀତ ଅନ୍ୟ କାହାକୁ ଜିଲ୍ଲା ଦାୟିତ୍ୱ ଦେଲେ ସେମାନେ ସମର୍ଥନ କରିବେ। ନହେଲେ ଏକକାଳୀନ ସମସ୍ତେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେବେ। ପୂର୍ବତନ ସାଂସଦ ରବି ଜେନା ବି ତାଙ୍କୁ ସଭାପତି କରାନଗଲେ ସେ ବିଜେଡି ଛାଡ଼ି ବିଜେପିରେ ଯୋଗଦେବାକୁ ଧମକ ଦେଉଛନ୍ତି। ଏଭଳି ଦୁଇ ପକ୍ଷର ଧମକରେ ସଭାପତି ଦ୍ୱନ୍ଦ୍ୱରେ ଥିବା ବେଳେ ପୂର୍ବରୁ ଜିଲ୍ଲା ଦାୟିତ୍ୱ ନେଇଥିବା ପ୍ରତାପ ଦେବ କି ବବି ଦାସ ବିବାଦ ତୁଟାଇବାରେ ଅସମର୍ଥ ପରି ମନେ ହେଉଛି।

ସେହିଭଳି ଖୋର୍ଦ୍ଧାରେ ମଧ କାହାକୁ ଜିଲ୍ଲା ଦାୟିତ୍ୱ ଦିଆଯିବ, ସେନେଇ ସୁପ୍ରିମୋ ନିଷ୍ପତ୍ତି ନେଇପାରୁନାହାଁନ୍ତି। ନିର୍ବାଚନମଣ୍ଡଳୀ ଯେତିକି, ଜିଲ୍ଲା ସଭାପତି ପଦ ପାଇଁ ସେତିକି ଦାବିଦାର ଉତ୍କଣ୍ଠିତ ଅବସ୍ଥାରେ ଅଛନ୍ତି। ସୁପ୍ରିମୋଙ୍କ କାର୍ଯ୍ୟାଳୟ ରାଜେନ୍ଦ୍ର ସାହୁଙ୍କୁ ସଭାପତି କରିବାକୁ ଆଗ୍ରହୀ ଥିବା ବେଳେ ଏହାକୁ ବିରୋଧ କରୁଛନ୍ତି ପୂର୍ବତନ ସଭାପତି ବିଭୁତି ବଳବନ୍ତରାୟ। ସେପଟେ ପ୍ରଥମ ଥର ବିଧାୟକ ହୋଇଥିବା ପ୍ରଦୀପ ସାହୁ ଓ ପୂର୍ବତନ ବିଧାୟକ ରଘୁ ସାହୁ ବି ରେସରେ ଅଛନ୍ତି। ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ ଜିଲ୍ଲା ସଭାପତି ହେବାକୁ ପ୍ରବଳ ଚାପ ପକାଉଛନ୍ତି। ତେବେ ସୁପ୍ରିମୋଙ୍କ ପାଇଁ ସବୁଠୁ ଚିନ୍ତାର ବିଷୟ ହେଉଛି, ସବୁ ଆଶାୟୀ ସଭାପତି ନ ହେଲେ ବିକଳ୍ପ ଖୋଜିବେ ବୋଲି ମଧ ଧମକ ଦେଉଛନ୍ତି।

ଏଭଳି ସ୍ଥିତିରେ ତୃଣମୂଳ ସ୍ତରରେ ବିଜେଡିକୁ କ୍ରିୟାଶୀଳ କରିବାକୁ ଆଜି ନବୀନ ସୁନ୍ଦରଗଡ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଜପତି, ଅନୁଗୁଳ, ମାଲକାନଗିରି, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ ପରି ୧୧ ଜିଲ୍ଲାର ଜିଲ୍ଲା କମିଟି ପୁନର୍ଗଠନ କରିଛନ୍ତି। ଗଠନ ହୋଇଥିବା କମିଟିକୁ ନେଇ ମଧ ଆରମ୍ଭରୁ ବିବାଦ ଦେଖାଦେଲାଣି। ଅଭିଯୋଗ ହେଉଛି, ନିର୍ବାଚନ ପୂର୍ବରୁ ଓ ପରେ ଦଳରୁ ନିଲମ୍ବିତ ହୋଇଥିବା ଯୁବ ନେତାଙ୍କୁ କମିଟିରେ ରଖାଯାଇଛି। ଏଯାଏଁ କିଛି ନେତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହୋଇନି।

## ଅଫଲାଇନରେ...

ବ୍ୟବସ୍ଥାରେ ମଧ ଅର୍ଥ ଗ୍ରହଣ ପାଇଁ ବିଗତ କିଛି ଦିନ ଧରି ଜନସାଧାରଣ ଦାବି କରିଆସୁଛନ୍ତି। ଜନସାଧାରଣଙ୍କ ଏହି ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆରଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ ପାଇଁ ଦାୟିତ୍ୱ ପ୍ରଦାନ କରାଯିବ। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କ ଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ମନି ରିସିପ୍ଟ ବା ରସିଦ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେବା ନେଇ ଅନଲାଇନରେ ମଧ ଅପଡେଟ୍ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥ ରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ। ସେହିପରି ଅଫଲାଇନ ବ୍ୟବସ୍ଥାରେ ସାଧୁତା ଓ ପାରଦର୍ଶିତାକୁ ସର୍ବୋତ୍ତମ ପ୍ରାଧାନ୍ୟ ସହ ଜନସାଧାରଣଙ୍କୁ ଉତ୍ତମ ସହାୟତା ପ୍ରଦାନ ପାଇଁ ଆରଟିଓମାନଙ୍କୁ ଏସଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଯାଜପୁରରେ...

ଅସଙ୍ଗତି ହୋଇନଥାନ୍ତା। ୫ଟି ପ୍ରକଳ୍ପରେ ଟେଣ୍ଡର୍ ମୂଲ୍ୟଠାରୁ ୧୨୭.୦୯ କୋଟି ଅଧିକରେ କାମ ହାତେଇବା କିଛି ଛୋଟ ଘଟଣା ନୁହେଁ। ସେହି ସମୟରେ ବିଜେଡିର ସର୍ବଶକ୍ତିଶାଳୀ ନେତା ବବି ଦାସଙ୍କ ନୀରବ ସମ୍ମତି ବିନା ଏଭଳି ମେଗା ଘୋଟାଲା ସମ୍ଭବ ଥିଲା କି ବୋଲି ପ୍ରଶ୍ନ ଉଠୁଛି? ସୁକିନ୍ଦାର ଖଣି ପ୍ରଭାବିତ ୧୦୫ଟି ଗ୍ରାମ ପାଇଁ ୨୩୨.୭୫ କୋଟି ଖର୍ଚ୍ଚ ହେଲା। ୧୪୭୮ଟି ଜଳ ଅପହଞ୍ଚ ଗ୍ରାମ ପାଇଁ ୩ଟି ପ୍ରକଳ୍ପ 'ସମ୍ପୂର୍ଣ୍ଣ' ଘୋଷଣା ହେଲା। ଆଜି ବି ସେଥିରୁ ଦୁଇଟି ଗ୍ରାମ ପିଇବା ପାଣି ଦେଖିନାହାଁନ୍ତି। ଯେଉଁଠି ପାଣି ଯୋଗାଇ ଦିଆଯାଇଛି ବୋଲି କୁହାଯାଉଛି, ସେଠି ପାଇପ ଫାଟୁଛି, ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗୁଛି ଅର୍ଥାତ କମିଶନ ମଜବୁତ, କାମ ଦୁର୍ବଳ। ବଡ଼ଚଣା, ଧର୍ମଶାଳା, ଦଶରଥପୁର, ଯାଜପୁର, ବିଞ୍ଝାରପୁର ସବୁଠି ଗୋଟିଏ କାହାଣୀ। ଟଙ୍କା ଉଠିଗଲା, ସମୟ ସରିଗଲା, କିନ୍ତୁ କାମ ସରିଲାନି।

ଗତ ୨୦୧୯ରେ ଆରମ୍ଭ ହୋଇ ୨୦୨୧ରେ ସରିବାକୁ ଥିବା ପ୍ରକଳ୍ପ ୨୦୨୪ ଯାଏଁ ବି ସରିଲାନି। ଏହିସବୁ ଘଟଣା ଏକଥା ସ୍ପଷ୍ଟ କରୁଛି ଯେ ଯାଜପୁରର ପାନୀୟ ଜଳ ପ୍ରକଳ୍ପ ଗରିବଙ୍କ ପାଇଁ ଯୋଜନା ନୁହେଁ, ବରଂ ବବି-ଯୁଗର ଠିକାଦାରୀ ସାମ୍ରାଜ୍ୟ ପାଇଁ ଏକ ଭଲ ରୋଜଗାରର ଉତ୍ସ ଥିଲା। କାହା ଆଶୀର୍ବାଦରେ ଅଣଓଡ଼ିଆ ଠିକାସଂସ୍ଥାକୁ ଟେଣ୍ଡର ମୂଲ୍ୟଠାରୁ ଅଧିକ ଟଙ୍କାରେ କାମ ଦିଆଗଲା ଓ କାହା ସୁରକ୍ଷାରେ ଠିକା ସଂସ୍ଥା ଲୁଟ କରି ଓଡ଼ିଶା ଛାଡି ପଳାଇଲା? ବବି ଓ ସେତେବେଳର ବିଜେଡି ସରକାର ଏହାର ଉତ୍ତରଦାୟିତ୍ୱ ନେବେ କି?

## ଭିଜିଲାନ୍ସ...

ଅଫିସ୍ ଓ ପୈତୃକ ଘର ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ତାଙ୍କ ନାମରେ ୮ଟି ଦାମୀ ପ୍ଲଟ୍ ଠାବ ହୋଇଛି। ମାଲକାନଗିରିର ଜୟନଗରଠାରେ ଥିବା ପାଖାପାଖି ୨ କୋଟିର ତିନି ମହଲା କୋଠା, କାଲିମେଳାସ୍ଥିତ ପୈତୃକ ଘର, ନବରଙ୍ଗପୁରସ୍ଥିତ ସମ୍ପର୍କୀୟଙ୍କ ଘର ଓ ମାଲକାନଗିରି ବିଡିଓ ଅଫିସ୍‌ସ୍ଥିତ ଚାମ୍ବରରେ ଭିଜିଲାନ୍ସ ଅଧିକାରୀମାନେ ତନାଘନା କରିଥିଲେ। ଏହି ଚଢ଼ାଉ ସମୟରେ ଶ୍ରୀ ସରକାରଙ୍କ ଘରୁ ୨.୧୧ ଲକ୍ଷ ନଗଦ ଟଙ୍କା ସହ ଗୋଟିଏ ଚାରିଚକିଆ ଠାବ କରାଯାଇଛି। ଏସବୁ ସମ୍ପତ୍ତି ଠୁଳ କରିବା ନେଇ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

## ଓମ୍‌ସା...

ସଦସ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ଏହି କମିଟି ଓମ୍‌ସା ପକ୍ଷରୁ ଉପସ୍ଥାପିତ ବିଭିନ୍ନ ଦାବିର ତର୍ଜମା କରିବା ସହ ସେଗୁଡ଼ିକର ବିଭିନ୍ନ ଦିଗ ବିଚାରକୁ ନେଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ରାଜ୍ୟ ସରକାର ଚିକିତ୍ସକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଓ ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ସବୁବେଳେ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଏନଆଇଟି...

ହେବ। ଏହି ତିନିଟି ପ୍ରାସାଦ ନିର୍ମାଣ ପାଇଁ ଆଜି କେନ୍ଦ୍ର ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଉରକେଲା କେବଳ ଏକ ସହର ନୁହେଁ, ଏହା ଲୋକଙ୍କ ଭାବାବେଗ ସହ ଜଡ଼ିତ। ଓଡ଼ିଶା ତଥା ଦେଶର ଶିଳ୍ପ ଓ ଶିକ୍ଷାର ଏକ ପ୍ରମୁଖ ସ୍ତମ୍ଭ। ଏଠାରେ ସ୍ଥାପିତ ଏନଆଇଟି ଏନଆଇଆରଏଫ ରାଙ୍କିଂରେ ଦେଶର ଶ୍ରେଷ୍ଠ ୧୦୦ ଇଞ୍ଜିନିୟରିଂ ଅନୁଷ୍ଠାନ ମଧରେ ୧୩ଶ ସ୍ଥାନରେ ରହିଛି। ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ)ର ପ୍ରତିଷ୍ଠିତ ପେୟାର କାର୍ଯ୍ୟକ୍ରମ ଅଧୀନରେ ଏନଆଇଟି ରାଉରକେଲାକୁ ଦେଶର ୭ଟି ହବ୍ ଅନୁଷ୍ଠାନ ମଧରୁ ଅନ୍ୟତମ ଭାବେ ଚୟନ କରାଯାଇଛି। ଏହି ଅନୁଷ୍ଠାନର ପୁରାତନ ଛାତ୍ର ଦେବେନ୍ଦ୍ର ପ୍ରଧାନ ଏବଂ ବିଶ୍ୱଜିତ୍ ସ୍ୱାଇଁଙ୍କ ଦ୍ୱାରା ପ୍ରତିଷ୍ଠିତ 'କୋରାଟିଆ ଟେକ୍ନୋଲୋଜି' ପ୍ରତିରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରୁଛି। ଅଣ୍ଡର-ୱାଟର ରୋବୋଟିକ୍ସରେ ବିଶେଷଜ୍ଞତା ହାସଲ କରିଥିବା ଏହି ଷ୍ଟାର୍ଟଅପ୍ ଏମଜିଏଫ କବଚରୁ ୧୭ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହାସଲ କରିଛି। ଏହି କମ୍ପାନୀ ଭାରତୀୟ ନୌସେନାକୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅଣ୍ଡର ୱାଟର ରିମୋଟଲି ଅପରେଟେଡ ଭେଇକିଲ (ୟୁଡବ୍ଲ୍ୟୁଆରଓଭି) ଯୋଗାଇବା ପାଇଁ କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ପାଇଛି।

ଶିକ୍ଷାନୁଷ୍ଠାନର ଆଲୁମନି ଜୀବନ୍ତ ଓ ଏନଆଇଟି ଓ ଆର୍‌ଏସ୍‌ପି ରାଉରକେଲାର ଗ୍ରୋଥ୍ ଇଞ୍ଜିନ। ଏହି ଶିକ୍ଷାନୁଷ୍ଠାନରେ ଏଆଇ ଓ ରୋବୋଟିକ୍ସ ଭଳି ଆଧୁନିକ ବିଷୟ ଯୋଡ଼ାଯାଇଛି। ଆଗାମୀ ଦିନରେ ଦେଶରେ ଏକ ପ୍ରମୁଖ ଜ୍ଞାନ ଆଧାରିତ ଅର୍ଥନୀତିର କେନ୍ଦ୍ର ଏନଆଇଟି ରାଉରକେଲା ହେବ ବୋଲି ଆଶା କରାଯାଉଛି। ଆର୍‌ଏସ୍‌ପିରେ ଏବେ ପ୍ରାୟ ୫ ମିଲିୟନ ଟନ ଷ୍ଟିଲ୍ ଉତ୍ପାଦିତ ହେଉଥିବା ବେଳେ ଏହାକୁ ୨୦୩୦ ସୁଦ୍ଧା ଏହାକୁ ୯.୮ ମିଲିୟନ ଟନରେ ପହଞ୍ଚାଇବାର ଲକ୍ଷ୍ୟ ରହଛି। ଏହାଦ୍ୱାରା ପାଖାପାଖି ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ, ଯାହାକି ରୋଜଗାର ସୁଯୋଗ ବୃଦ୍ଧି କରିବ। ସେହିପରି ଆସନ୍ତା ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଓ ୨୦୪୭ରେ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବାକୁ ଥିବା ବେଳେ ଏ ଦିଗରେ ଏନଆଇଟି ରାଉରକେଲା ଓ ଆର୍‌ଏସ୍‌ପିର ଭୂମିକା ନିର୍ଣ୍ଣାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

● ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

## ୨ ବିଦେଶୀ ପିସ୍ତଲ ଓ ଗୁଳି ଜବତ

**କୋଲକାତା, ୨୭।୧୨(ସଂଚାର ବ୍ୟୁରୋ):** ନଦିଆର ଚାପଡାରେ ବ୍ୟବସାୟୀ ୟାସିନ ମଣ୍ଡଳଙ୍କୁ ଗୁଳି କାଣ୍ଡରେ ପୁଲିସ ଏକ ବଡ଼ ସଫଳତା ପାଇଛି। ଗିରଫ ବ୍ୟକ୍ତିମାନଙ୍କୁ ପଚରାଉଚରା କରିବା ଏବଂ ସେମାନଙ୍କ ସହିତ ତଲାସୀ କରିବା ପରେ, ତଦନ୍ତକାରୀମାନେ ଦୁଇଟି ବିଦେଶୀ ବନ୍ଧୁକ ଏବଂ ଜୀବନ୍ତ ଗୁଳି ଜବତ କରିଛନ୍ତି। ଘଟଣାଟି ସାତଦିନ ପୂର୍ବେ ହୋଇଥିଲା, ଯେତେବେଳେ ୟାସିନ ମଣ୍ଡଳ ଏକ ବ୍ୟବସାୟିକ କାରବାର ପାଇଁ ଟଙ୍କା ମାଗିବାକୁ ଚାପଡା ଥାନାର ହାତ୍ରା ଅଞ୍ଚଳକୁ ଯାଇଥିଲେ। ଅଭିଯୋଗ ଯେ, ସେଠାରେ କିଛି ଦୁର୍ବୃତ୍ତ ହଠାତ୍ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ୟାସିନ ଏବଂ ତାଙ୍କ ସାଥୀମାନେ ଭୟଭୀତ ହୋଇ ଖସିଯିବାକୁ ଚେଷ୍ଟା କରିବା ସମୟରେ ଦୁର୍ବୃତ୍ତମାନେ ସେମାନଙ୍କ ଉପରେ ଅତର୍କିତ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ସିଧାସଳଖ ୟାସିନଙ୍କ ହାତରେ ବାଜିଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା ପୀଡିତ ବ୍ୟବସାୟୀଙ୍କ ଲିଖିତ ଅଭିଯୋଗ ଆଧାରରେ, ଚାପଡା ଥାନାର ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପାଞ୍ଚ ଜଣଙ୍କୁ ଇତିମଧରେ ଗିରଫ କରାଯାଇଛି।



କୋଣାର୍କ ସୂର୍ଯ୍ୟ ମନ୍ଦିର ଭାରତର ଗର୍ବ ଓ ଗୌରବ: ପରିବାର ସହ ସୂକ୍ଷ୍ମ କାରୁକାର୍ଯ୍ୟ ବୁଲି ଦେଖିଲେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର

# ଓପିଡି ଘଣ୍ଟାଏ ବନ୍ଦ: ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ



**କାକଟପୁର/ଅସ୍ତରଙ୍ଗ,୨୭।୧୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବା ସହ ଅନ୍ୟାନ୍ୟ ଦାବୀ ନେଇ ବାରମ୍ବାର ଅନୁରୋଧ କଲେ ମଧ ସରକାର ଏହାକୁ ଅଣଦେଖା କରୁଛନ୍ତି। ଯାହାକି ଡାକ୍ତରମାନଙ୍କୁ ଆନ୍ଦୋଳନ କରିବା ପାଇଁ ବାଧ କରୁଛି। ତଥାପି ରୋଗୀ ସେବାକୁ ଗୁରୁତ୍ୱ ଦେଇ ପ୍ରତୀକାତ୍ମକ ଭାବେ ମାତ୍ର ଏକ ଘଣ୍ଟା ବର୍ହି ବିଭାଗ (ଓପିଡି)ବନ୍ଦ କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଣ୍ଟାଏ ପାଇଁ ଓପିଡିରେ ରୋଗୀ ପରାମର୍ଶ ବନ୍ଦ ରହିଥିଲା। ଫଳରେ ରୋଗୀ ମାନଙ୍କୁ ହନ୍ତସନ୍ତ ହେବାକୁ ପଡିଛି।

କେନ୍ଦ୍ର ସରକାରଙ୍କ ଦରମା ଢାଞ୍ଚା ଅନୁଯାୟୀ ଓଡିଶା ସରକାରଙ୍କ ଅଧୀନରେ ଥିବା ଅନ୍ୟ ଶ୍ରେଣୀ ଅଧିକାରୀଙ୍କ କ୍ଷେତ୍ରରେ ବିନା ସର୍ତ୍ତରେ ଦରମା ଲାଗୁ କରିବା ସହିତ ସମସ୍ତ ଗ୍ରେଡ଼ର ସମାନୁପାତିକ କ୍ୟାଡର, ପୁନଃଗଠନ, ସୁପରବିଶେଷଜ୍ଞ, ଡିପ୍ଲୋମାଧାରୀ ପ୍ରଶାସକଙ୍କ ବର୍ଦ୍ଧିତ ପ୍ରୋତ୍ସାହନ, ପୋଷ୍ଟ ମର୍ଟମ୍ ଭତ୍ତା, ଦନ୍ତ କ୍ୟାଡର ମାନଙ୍କୁ ଡିଏସିପି, ବିଶେଷଜ୍ଞ ଭତ୍ତା, ସମସ୍ତ ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଭଳି ବିଭିନ୍ନ ଦାବୀ ପୂରଣ ପାଇଁ ଓମ୍‌ସା ପକ୍ଷରୁ ଏପରି ନିଷ୍ପତି ନିଆଯାଇଛି। ଯାହାକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୂର ଦୁରାନ୍ତରୁ ଆସିଥିବା ରୋଗୀ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଇତି ମଧରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ବନ୍ଦ ହେବା ଘଟଣା ରୋଗୀଙ୍କ ପାଇଁ ଅଧିକ ଚିନ୍ତା ବଢ଼ାଇ ଦେଇଛି।

ଏ ସମ୍ପର୍କରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି, ଶୁକ୍ରବାର ଠାରୁ ଓମ୍‌ସା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ବର୍ହିବିଭାଗ ବନ୍ଦ ରହୁଛି। ଓପିଡି ବନ୍ଦ ସମୟରେ ଜରୁରୀ କାଳୀନ ବିଭାଗରେ ରୋଗୀ ପରାମର୍ଶ କରାଯାଉଛି। ଦିନ ୧୧ଟା ପରେ ସ୍ୱାଭାବିକ ଭାବେ ବର୍ହିବିଭାଗ ଖୋଲା ରହୁଥିବା ଶ୍ରୀ ପ୍ରଧାନ କହିଛନ୍ତି।

## ବେଆଇନ ଭାବେ ଚାଲାଣ ହେଉଥିବା ୭୨୦ କିଲୋ ମହୁଲ ଫୁଲ ଜବତ, ଜଣେ ଗିରଫ



**ଫୁଲବାଣୀ,୨୭।୧୨ (ସଂଚାର ବ୍ୟୁରୋ):** ଏକ ବୋଲେରୋ ପିକ ଅପ ଭ୍ୟାନରେ ବେଆଇନ ଭାବରେ ଚାଲାଣ ହେଉଥିବା ୭୨୦ କିଲୋ ମହୁଲ ଫୁଲକୁ ଜବତ କରିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ଅବକାରୀ ବିଭାଗ। ସୂଚନା ଅନୁସାରେ ଜିଲ୍ଲାର ଖଜୁରୀପଡା ଥାନା ଅନ୍ତର୍ଗତ ଗାଡିଆପଡା ଘାଟିରେ ବେଆଇଆନ ଭାବେ ନୟାଗଡ଼ ଅଂଚଳକୁ ପିକ ଅପ ଭ୍ୟାନରେ ମହୁଲ ଫୁଲ ଚାଲାଣ ହେଉଥିବା ଅବକାରୀ ବିଭାଗକୁ କୌଣସି ସୂତ୍ରରୁ ଖବର ମିଳିଥିଲା । ଖବର ମିଳିବା ପରେ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ରାଙ୍କନିଧି ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଫୁଲବାଣୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଖଜୁରୀପଡା ଥାନା ଅଧୀନରେ ଥିବା ଗାଡ଼ିଆପଡା ଘାଟିରେ ଜଗି ରହି ଗାଡିଟିକୁ ଧରିବାରେ ସଫଳ ହୋଇଥିଲେ । ଘଟଣାରେ ଗିରଫ ହୋଇଥିବ ଗାଡିର ଡ୍ରାଇଭର ଜଣକ ନୟାଗଡ଼ ଜିଲ୍ଲାର ବାଣିଗୋଚ୍ଛାର ଦନକଧର ମାଝୀ ବୋଲି ଜଣାପଡିଥିବା ବେଳେ ଘଟଣାକୁ ନେଇ ଫୁଲବାଣୀ ଅବକାରୀ ବିଭାଗରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛି ଅବକାରୀ ବିଭାଗ ।

## ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶାଶୂ ଗୁରୁତର



**ଫୁଲବାଣୀ,୨୭।୧୨ (ସଂଚାର ବ୍ୟୁରୋ):** ପାରିବାରିକ କଳହର କରୁଣ ପରିଣତି । ନିଶାସକ୍ତ ଜ୍ୱାଇଁର ଉନ୍ମୁକ୍ତ କାଣ୍ଡ । ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରି ବୃଦ୍ଧା ଶାଶୁଙ୍କୁ ଲହୁଲୁହାଣ କଲା ଜ୍ୱାଇଁ । କନ୍ଧମାଳ ଜିଲ୍ଲା କ.ନୁଆଗାଁ ଥାନା ଅନ୍ତର୍ଗତ ସିର୍ତ୍ତିଗୁଡ଼ା ଗାଁ ରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗୁରୁତର ଅବସ୍ଥାରେ ପରିବାର ଲୋକେ ବୃଦ୍ଧାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ସୂଚନା ପ୍ରକାରେ ସିର୍ତ୍ତିଗୁଡ଼ା ଗ୍ରାମର ପେଟି ମଳିକଙ୍କ ଜ୍ୱାଇଁ ସୁରତ ପ୍ରଧାନ ସବୁବେଳେ ନିଶାସକ୍ତ ହୋଇ ପରିବାରରେ ଝଗଡ଼ା କରେ । ଆଜି ସକାଳେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା । ସ୍ତ୍ରୀ ସହ ବଚଶାରୁ ସୁରତ ଉତ୍ୟକ୍ତ ହୋଇ ସ୍ତ୍ରୀ କୁ ଏକ ଟାଙ୍ଗିଆରେ ଆକ୍ରମଣ କରିବା ବେଳେ ସୁରତଙ୍କ ବୃଦ୍ଧା ଶାଶୁ ପେଟି ମଳିକ ଛଡ଼ାଇବାକୁ ଯାଇଥିବା ବେଳେ ସୁରତ ବୃଦ୍ଧା ଶାଶୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା । ଫଳରେ ବୃଦ୍ଧା ଜଣକ ଗୁରୁତର ଆହତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଯାଇଥିଲେ । ସେପଟେ ଆକ୍ରମଣ କାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପରିବାର ପକ୍ଷରୁ ଏନେଇ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଅଭିଯୋଗ କରିନଥିବା ଜଣାପଡ଼ିଛି ।

### ଗୃହପାଳିତ ପ୍ରାଣୀଙ୍କ ଯତ୍ନ ନିମନ୍ତେ

## ସୋଆ ଆଇଭିଏସ୍ଏଏଚ୍‌ରେ ଖୋଲିଲା ସ୍ପା ଏବଂ ଗ୍ରୁମିଂ ସେଣ୍ଟର




**ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ):** ଘରେ ରହୁଥିବା ପୋଷା ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଏବଂ ସ୍ୱାସ୍ଥ୍ୟ ପରିଚାଳନା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍)ରେ ଖୋଲିଛି ସ୍ପା ଏବଂ ଗ୍ରୁମିଂ ସେଣ୍ଟର। ପ୍ରାଣୀ ବିଜ୍ଞାନୀ ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତ୍ୟାଧୁନିକ କୁଶଳୀ ଏବଂ ପ୍ରଶିକ୍ଷତ ବୃତ୍ତିଗତ ଗ୍ରୁମର ଏହି ସେଣ୍ଟରରେ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ଆଇଭିଏସ୍ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ।

ଏହି ସେଣ୍ଟରର ସବୁ ୟୁନିଟ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଠାରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସେବା ଓ ଚିକିତ୍ସା ପ୍ରଦାନ କରାଯିବ।

ଏହି ସେବା ସପ୍ତାହର ପ୍ରତ୍ୟେକ ଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଉପଲବ୍ଧ। ଗୃହପାଳିତ ପ୍ରାଣୀମାନଙ୍କର ତତ୍ତ୍ୱାବଧାରକମାନେ କୌଣସି ପ୍ରକାର ସେବା ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ, କ୍ୟାମ୍ପସ-୪ ସୋଆ ବିଶ୍ୱବିଦ୍ୟାଳୟକୁ ଆସିପାରିବେ। ଏଥି ସହିତ ମୋବାଇଲ ନମ୍ବର ୭୬୦୮୯୨୧୭୭୭ରେ ଯୋଗାଯୋଗ କରିପାରିବେ ବୋଲି ଆଇଭିଏସ୍ଏଏଚ୍‌ର ଚିଫ୍ ମେଡିକାଲ୍ ଅଫିସର ପ୍ରଫେସର ନିରଞ୍ଜନ ସାହୁ କହିଛନ୍ତି।

## ଅଜଣା ରୋଗରେ ଗଲାଣି ୧୦ ମୁଣ୍ଡ

### ବେଫିକର ସ୍ୱାସ୍ଥ୍ୟ ବିଭାଗ, ଅଞ୍ଚଳରେ ହାହାକାର

**ନୀଳଗିରି,୨୭।୧୨ (ସଂଚାର ବ୍ୟୁରୋ):** ଏକ ଅଜଣା ରୋଗରେ ଗତ ୧୫ ଦିନ ଭିତରେ ପଞ୍ଚାୟତ ରେ ଥିବା ଏକ ଗ୍ରାମ ରେ ୧୦ ଜଣ ଆଦିବାସୀ ଙ୍କ ମୁଣ୍ଡ ଗଡ଼ିଗଲାଣି। କିଏ କହୁଛି ଡେଙ୍ଗୁ ତ କିଏ କହୁଛି ଅଜଣା ରୋଗ ତ ଆଉ କିଏ କହୁଛି ପାଣି ଦୂଷିତ କାରଣରୁ ଲୋକେ ରୋଗରେ ପଡ଼ି ଏଭଳି ମୃତ୍ୟୁ ଘଟୁଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କିଛି ଖବର ନଥିବା ବେଳେ ବେଫିକର ହୋଇ ବସିଛି। ଏଭଳି ଉଦବେଗଜନକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ରେ। ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଭାଗିରଥି ସିଂଙ୍କ ସ୍ତ୍ରୀ କଳ୍ପନା ସିଂ ଗରଡ଼ିହି ପ୍ରାଇମେରୀ ସ୍କୁଲ ରେ ଶିକ୍ଷକତା କରୁଥିଲେ। ତାଙ୍କୁ ୧୫ ଦିନ ପୂର୍ବରୁ ଜ୍ୱର ହୋଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିଲା। ରୋଗ ଚିହ୍ନଟ ହୋଇନଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ।

ଆମ୍ବଝର ଯୋଗେନ୍ଦ୍ର ସିଂ, ଡୁମା ସିଂ, ବାଲିଚୁଆ ଗାଁ ର ହରେକୃଷ୍ଣ ସିଂ, ଲକ୍ଷ୍ମୀଧର ସିଂ, ସିଆଡ଼ିମାଳ ଗ୍ରାମର ସାରସ୍ୱତୀ ସିଂ ଙ୍କୁ ଜ୍ୱର ହୋଇଥିବା ବେଳେ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତି ହେବା ସହିତ ନିୟମିତ ଔଷଧ ସେବନ କରୁଥିବା ବେଳେ ଏ ସମସ୍ତଙ୍କର ମୃତ୍ୟୁ ହୋଇ ଯାଇଥିଲା। ତେବେ ୧୫ ଦିନ ଭିତରେ ଗ୍ରାମର ୧୦ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଅଦ୍ୟାବଧି ବେଫିକର ହୋଇ ରହିଥିବା ନେଇ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ତେବେ ଏଇ ବଣ ପାହାଡ଼ ଘେରା ଇଲାକାରେ ୧୦,୧୫ ଦିନ ଭିତରେ ଜ୍ୱରରେ ଆକ୍ରାନ୍ତ ହୋଇ ୧୦ ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇ ଯାଇଛି। ଅଞ୍ଚଳରେ ସ୍ୱାସ୍ଥ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଦଳ ଆସି ଅନୁଧ୍ୟାନ କରି ରକ୍ତ ଓ ପାନୀୟ ଜଳର ନମୁନା ପରୀକ୍ଷା କରି ବିହିତ ପଦକ୍ଷେପ ନେବାକୁ ନୀଳଗିରି ପୂର୍ବତନ ବିଧାୟକ ଦାବୀ କରିଛନ୍ତ

## କନ୍ଧମାଳ ଓ ନୟାଗଡ଼ ଜିଲ୍ଲା ଗୃହରକ୍ଷୀ ସଂଘର ବନ୍ଧୁମିଳନ

**ଫୁଲବାଣୀ, ୨୭।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଏବଂ ନୟାଗଡ଼ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ଗୃହରକ୍ଷୀ ମହାସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ସଂଘ ଆବାହକ ତଥା ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ସହ ସମ୍ପାଦକ ବିରାଜ କୁମାର ପ୍ରଧାନ, ନୟାଗଡ଼ ଜିଲ୍ଲା ଗୃହରକ୍ଷୀ ସଂଘ ଆବାହକ ତଥା କମ୍ପାନୀ କମାଣ୍ଡର ଅଶୋକ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଉଭୟ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା ପ୍ରକାର ନୟାଗଡ଼ ଜିଲ୍ଲା କୁଆଁରିଆ ପର୍ଯ୍ୟଟନସ୍ଥଳୀ ଠାରେ ଏକ ଶାନ୍ତିପୂର୍ଣ୍ଣ ମିଳିତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ଗୃହରକ୍ଷୀ ବିଭାଗର ବିଭିନ୍ନ ସମସ୍ୟାର ସରଳ ସମାଧାନ କିପରି ଆଇନ୍‌ଗତ ମାଧମରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ମାଧମରେ କରାଯାଇଛି ସେ ବିଷୟରେ ଆଲୋଚନା କରାଯାଇଥିଲା ।



## ୧୦ ଦଫା ଦାବିରେ ଓମ୍‌ସାର ଆନ୍ଦୋଳନ



**ରାଇଘର,୨୭।୧୨ (ସଂଚାର ବ୍ୟୁରୋ):** ୧୦ ଦଫା ଦାବି ନେଇ ଓମ୍‌ସା ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି ।ରାଜ୍ୟରେ ମଞ୍ଜୁରିପ୍ରାପ୍ତ ଡାକ୍ତରଙ୍କ ମଧରୁ ଅଧାରୁ ଅଧିକ ସ୍ଥାନରେ ପଦବୀ ଖାଲିପଡ଼ିଛି । ଏହି ପଦବୀ ପୂରଣ ସହ ଅନ୍ୟାନ୍ୟଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଓମସା ପକ୍ଷରୁ ଅନୁରୋଧ କରାଯାଇଥିଲା ବେଳେ ଏହାକୁ ଏହାକୁ ଅଣଦେଖାକରାଯାଇଛି। ଏହି ପ୍ରତିବାଦରେ ସଂଘ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛି। ରାଇଘର ବ୍ଲକରେ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡି ଦେଲେ ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡାକ୍ତର ଅଭାବ ସହ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଜାରି ରହିଛି । ଶୁକ୍ରବାର ଠାରୁ ଅନିର୍ଦ୍ଦିଷ୍ଟକାଳପର୍ଯ୍ୟନ୍ତ ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତସରକାରୀ ଡାକ୍ତରଖାନାରେ ବର୍ହି ବିଭାଗ (ଓପିଡି) ବନ୍ଦ ରହିବା ସହ ଘଣ୍ଟାଏ ପର୍ଯ୍ୟନ୍ତ ଡାକ୍ତରମାନେ ଓପିଡିରେ ରୋଗୀ ଦେଖୁନାହାନ୍ତି। ଏହାସହ ଜାତୀୟ ସ୍ୱାସ୍ଥ୍ୟମିଶନ ପକ୍ଷରୁ ହେଉଥିବା କାର୍ଯ୍ୟକୁ ମଧ ବନ୍ଦ କରାଯିବ ବୋଲି ଓଡ଼ିଶା ମେଡିକାଲସେବା ସଂଘ (ଓମ୍) ପକ୍ଷରୁ ଘୋଷଣାକରାଯାଇଥିଲା। ଯାହାଦ୍ୱାରା ଆଜି ଓଡିଶା ସୀମାନ୍ତ ଉପାନ୍ତ ରାଇଘର ବ୍ଲକ ଓ ଛତିଶଗଡ଼ ସୀମାନ୍ତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି।

## ମିଟୁ ଓ ପିଣ୍ଟୁ ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ହିଞ୍ଜିଳିକାଟୁ, ୨୭।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ମିନି ଷ୍ଟାଡିୟମ ପରିସରରେ ପ୍ରତିବର୍ଷ ପରି ଚଳିତ ଥର ହିଞ୍ଜିଳିକାଟୁ ଇଗଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ମିଟୁ ଓ ପିଣ୍ଟୁ ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ ଓ ସମ୍ମାନିତ ଅତିଥି ରୂପେ ସମାଜସେବୀ ପ୍ରଦୀପମହାରଣା ଓ ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ଷ୍ଟାର ଇଲେଭେନ ଶେରଗଡ଼ ବନାମ ନର୍ମଦେଶ୍ୱର କ୍ରିକେଟ କ୍ଲବ କର୍ଣ୍ଣୁଲି ମଧ୍ୟରେ ଆୟୋଜିତ ହୋଇଥିଲା। ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ଶେରଗଡ଼ ୨୦ଓଭରରେ ୬ ଓ୍ୱିକେଟ ବିନିମୟରେ ୨୭୨ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ କର୍ଣ୍ଣୁଲି ୨୦ଓଭରରେ ମାତ୍ର ୮ ଓ୍ୱିକେଟ ବିନିମୟରେ ୧୬୬ ରନ୍ କରି ପରାଜୟବରଣ କରିଥିଲା। ସୁନୀଲ ପାଣିଗ୍ରାହୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।

## ବିଧାୟକ ଏକାଦଶକୁ ମାତ୍ ଦେଲା ପ୍ରଶାସନ ଏକାଦଶ



**ଭଦ୍ରକ, ୨୭।୧୨ (ସଂଚାର ବ୍ୟୁରୋ):** ଚରମ୍ପା ଆରସିବିଏଲ୍ ହାଇସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି ଚିତାକର୍ଷକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍। ଚରମ୍ପା ଯୁବକସଂଘ ଆନୁକୂଲ୍ୟରେ ଆୟଜିତ ଏହି ମ୍ୟାଚରେ ଖେଳି ଥିଲା ବିଧାୟକ ଏକାଦଶ ଓ ପ୍ରଶାସନ ଏକାଦଶ ଟିମ୍। ତେବେ ବିଧାୟକ ଏକାଦଶକୁ ୫୭ ରନରେ ମାତ ଦେଇ ମ୍ୟାଚଟି ହାତେଇ ନେଇଥିଲା ପ୍ରଶାସନ ଏକାଦଶ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଓ୍ୱିକେଟ ହରାଇ ୨୭୮ ରନ କରିଥିଲା ପ୍ରଶାସନ ଏକାଦଶ। ପ୍ରତି ଜବାବରେ ୨୦ ଓଭରରେ ୯ ଓ୍ୱିକେଟ ହରାଇ ୨୨୧ ରନ କରିଥିଲା ବିଧାୟକ ଏକାଦଶ। ବ୍ୟକ୍ତିଗତ ଭାବେ ୫୨ଟି ବଲରେ ୧୨୪ ରନ କରି ମ୍ୟାନ ଅଫ୍ ଦ ମ୍ୟାଚ୍ ହୋଇଛନ୍ତି ପ୍ରଶାସନ ଏକାଦଶର ବ୍ୟାଟ୍ସ ମ୍ୟାନ ବୁଦନ ମାଝୀ। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରଶାସନ ଏକଦାଶ ଓ ବିଧାୟକ ସିତାଂଶୁ ଶେଖର ମହାପାତ୍ର ବିଧାୟକ ଏକାଦଶ ଟିମର ନେତୃତ୍ୱ ନେଇଥିଲେ। ଖେଳ ଶେଷରେ ଉଭୟ ଟିମକୁ ପୁରସ୍କୃତ କରାଯାଇଥିଲା।

## ସନ୍ତରଗଡ଼ିଆରେ ୨ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ନୀଳଗିରି, ୨୭।୧୨ (ସଂଚାର ବ୍ୟୁରୋ):** ଚଳିତ ବର୍ଷ କାଣ୍ଡଗରଡି ପଞ୍ଚାୟତ ପକ୍ଷରୁ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ସନ୍ତରାଗଡ଼ିଆ ପଡିଆରେ ୨ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଉଦ୍‌ଘାଟିତ ହୋଇ ଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ,ସମ୍ମାନିତ ଅତିଥି ଭାବେ ୨ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉଷାରାଣୀ ରାଉଳ, ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ଓ ଶ୍ରୀ ପ୍ରଶାନ୍ତ କୁମାର ବେହେରା ଅଧକ୍ଷ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ, ସନ୍ତରଗଡିଆ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିଗଣ ନିଜ ନିଜ ବକ୍ତବ୍ୟରେ ଦିନକୁ ଦିନ କ୍ରିକେଟ ଲୋକଙ୍କୁ ମାନିଆ କରୁଥିଲା ବେଳେ ସ୍ଥାନୀୟ ସରପଞ୍ଚ ନିଜ ପଞ୍ଚାୟତରେ ୧୧ଗୋଟି ଦଳକୁ ବିଭକ୍ତ କରି ସେମାନଙ୍କ ମଧରେ ପ୍ରତିଯୋଗିତା କରି ଗ୍ରାମାଞ୍ଚଳରେ ଏପରି ନିଆରା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାରୁ ସମସ୍ତ ଅତିଥି ସରପଞ୍ଚ ଶ୍ରୀଯୁକ୍ତ ରାଉତଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା କାଲି ସେମିଫାଇନାଲ ଓ ଫାଇନାଲ ଖେଳ ହେବ ବୋଲି ସରପଂଚ ଶ୍ରୀଯୁକ୍ତ ରାଉତ ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ମଙ୍ଗଳା କପ୍

## ସେମି ଫାଇନାଲରେ ଆଦିତ୍ୟ ଇଲେଭେନ



**କାକଟପୁର/ଅସ୍ତରଙ୍ଗ, ୨୭।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ମିନିଷ୍ଟାଡ଼ିୟମରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ନିମପୁର କଟକକୁ ହରାଇ ଆଦିତ୍ୟ ଇଲେଭେନ, ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ଖବର ମୁତାବକ, ପ୍ରଥମେ ଟସ ଜିତି ନିମପୁର କଟକ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭର ଖେଳରେ ୨୦.୪ ଓଭର ଖେଳି ୮୯ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ୯୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆଦିତ୍ୟ ଇଲେଭେନ ଭୁବନେଶ୍ୱର ୧୧.୪ ଓଭରରେ ୬ଉକେଟ ହରାଇ ବିଜୟୀ ଲାଭ କରିଥିଲା। ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ନୟନ ଗୁପ୍ତାଙ୍କୁ ମଙ୍ଗଳା ଆଥେଲେଟିକ ଆସୋସିୟସନର କୋଷାଧକ୍ଷ ଇଂ ସୂର୍ଯ୍ୟକାନ୍ତ ଦୀକ୍ଷିତ ଏବଂ କ୍ରୀଡା ସମ୍ପାଦକ ଭାଗବତ ସ୍ୱାଇଁ ପୁରସ୍କାର ପ୍ରଧାନ କରିଥିଲେ। ରବିବାର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ଆଲଫା ଇଲେଭେନ ବ୍ରହ୍ମପୁର ଏବଂ ମଙ୍ଗଳା କ୍ଲବ ମଧରେ ଅନୁଷ୍ଠିତ ହେବ ବୋଲି ସଭାପତି ପ୍ରଦୀପ୍ତ ଦୀକ୍ଷିତ ସୂଚନା ଦେଇଛନ୍ତି।

## ରାତିଅଧିଆ ଗାଁ'ରେ ହାତୀ ଉପଦ୍ରବ: ଭାଙ୍ଗିଲା ଘର, ଖାଇଲା ଧାନ



**ନୀଳଗିରି,୨୭।୧୨ (ସଂଚାର ବ୍ୟୁରୋ):** କୁଲଡିହା ଜଙ୍ଗଲରୁ ଏକ ଦନ୍ତା ହାତୀ ଭୋର ସମୟରେ ଗାଁରେ ପସି ଘର ଭାଙ୍ଗିବା ସହିତ ଧାନ ଖାଇ ଉପଦ୍ରବ ରଚିଥିଲା। ଏନେଇ ପରିବାର ବର୍ଗ ଏବଂ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ବେଳେ ବନବିଭାଗ ପହଞ୍ଚି ନଥିବାରୁ ଗ୍ରାମରେ ଉତ୍ତେଜନା ଲାଗିରହିଛି।

ଘଟଣାରୁ ପ୍ରକାଶ ଆଜି ଭୋର ଅର୍ଥାତ ଶନିବାର ଭୋର ୪ଟା ସମୟରେ କୁଲଡିହା ଜଙ୍ଗଲରୁ ଏକ ଦନ୍ତା ହାତୀ ପଳାଇ ଆସି ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମରେ ପଶିଥିଲା। ଗ୍ରାମର ଶାନ୍ତନୁ ପୁଟିଙ୍କ ଗ୍ରିଲ ଓ ଆଜବେଷ୍ଟ ଛପର ଭାଙ୍ଗି ଘର ଭିତରେ ଥିବା ଧାନ ଖାଇଥିଲା। ପରେ କାର୍ତ୍ତିକ ଚନ୍ଦ୍ର ପୁଟିଙ୍କ ଘର ଝରକା ଭାଙ୍ଗି ଘରଭିତରେ ଥିବା ଧାନ ବସ୍ତା ବାହାରକୁ ଟାଣିଆଣି

### ଭୟଭୀତ ଅବସ୍ଥାରେ ଗ୍ରାମବାସୀ

ଖାଇବା ସହିତ ନଷ୍ଟ କରିଥିଲା। ହାତୀର ଉପଦ୍ରବ ଏକ ଘଣ୍ଟା ଧରି ଚାଲିଥିବା ବେଳେ ପରିବାର ଲୋକ ଭୟଭୀତ ହୋଇ ପଡ଼ିଥିଲେ। ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ହାତୀ ଉପଦ୍ରବ କରିଥିଲା। ପରେ ଗ୍ରାମବାସୀ ଏକଜୁଟ ହୋଇ ଆସି ହାତୀଟିକୁ ଘଉଡ଼ାଇବା ପରେ ହାତୀ ଟି ନିକଟ କୁଲଡିହା ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା।

ହାତୀ ଉପଦ୍ରବ ଭୟଙ୍କର ଥିବା ବେଳେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ବନବିଭାଗ ସଠିକ ସମୟରେ ଆସୁନଥିବା ଏବଂ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁନଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିଲା ବେଳେ ହାତୀ ଉପଦ୍ରବରେ କ୍ଷୟ କ୍ଷତି ଆକଳନ କରି ବନବିଭାଗ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି।

### ମାଛ ବେପାରରୁ ବାଲି ସାମ୍ରାଜ୍ୟ

## ବାଲିଘାଟ ଟଙ୍କାରେ ଦେବେନ୍ଦ୍ର ଘଡ଼ାଇଙ୍କ କଳା ସାମ୍ରାଜ୍ୟ



**ଯାଜପୁର,୨୭।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଏବେ ଗୋଟିଏ ନମ୍ବର ୧୦୧୧କୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲା ଏସ୍‌ପି, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ, କୋରେଇ ବିଡିଓ ଓ ଘସିପୁରା ତହସିଲଦାର ଏହି ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏକାଭଳି ୧୦୧୧ ନମ୍ବର ଥିବା ସ୍କୋର୍ପିଓ ଗାଡ଼ି ବ୍ୟବହାର କରୁଥିବା ଘଟଣା ଏବେ ସାଧାରଣ ଲୋକଙ୍କୁ ଚକିତ କରିଛି।

ଯାଜପୁର ଏସ୍‌ପି ବ୍ୟବହାର କରୁଥିବା ଓଡି–୦୧–ବିବି–୧୦୧୧ (ସ୍କୋର୍ପିଓ) ଗାଡ଼ିର ମାଲିକ ଦେବେନ୍ଦ୍ର ଘଡ଼ାଇ। ସେହିପରି କଳିଙ୍ଗନଗର ଏଡିଏମ୍‌ଙ୍କ ଗାଡ଼ି ଓଡି–୦୫–ବିଜେଡ୍–୧୦୧୧, କୋରେଇ ବିଡିଓଙ୍କ ଗାଡ଼ି ଓଡି–୦୫–ବିଏସ୍–୧୦୧୧—ସମସ୍ତେ ଏକା ନମ୍ବର ଶୃଙ୍ଖଳାର। ଘସିପୁରା ତହସିଲଦାର ମଧ ସମାନ ମାଲିକାନାର ଗାଡ଼ି ବ୍ୟବହାର କରୁଥିବା ସୂଚନା ମିଳିଛି। ଅଧିକାରୀମାନେ ବ୍ୟବହାର କରୁଥିବା ଏହି ଗାଡ଼ିଗୁଡ଼ିକ କିପରି ଟେଣ୍ଡର ମାଧମରେ ନିଆଯାଇଛି, ସେଥିପାଇଁ ମଧ ଗଭୀର ସନ୍ଦେହ ଉଠୁଛି। ଅନ୍ୟ ଟ୍ରାଭେଲ ଏଜେନ୍ସିମାନେ ନିର୍ଦ୍ଧାରିତ ଦରରେ ଟେଣ୍ଡର ପକାଇଥିବାବେଳେ, ଦେବେନ୍ଦ୍ର ଘଡ଼ାଇ ଅପେକ୍ଷାକୃତ କମ୍ ଦର ଦେଇ ଏକାଧିକ ଟେଣ୍ଡର ହାତେଇଥିବା ଅଭିଯୋଗ ହେଉଛି। ଫଳରେ ଜିଲ୍ଲାରେ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗମ୍ଭୀର ପ୍ରଶ୍ନବାଚୀ ଚିହ୍ନ ଲାଗିଛି।

କିନ୍ତୁ ଜିଲ୍ଲାରେ ଦେବେନ୍ଦ୍ର ଘଡ଼ାଇଙ୍କ ନାମ କେବଳ ମାଛ ବେପାରୀ କିମ୍ବା ଗାଡ଼ି ବ୍ୟବସାୟୀ ଭାବେ ନୁହେଁ, ବାଲି ମାଫିଆ ଭାବେ ମଧ ବେଶ୍ ଚର୍ଚ୍ଚିତ। ଅଭିଯୋଗ ଅନୁସାରେ, କୋରେଇ ଅଞ୍ଚଳର ମୁକୁନ୍ଦପୁର, ସାଆଁଲା ଓ ମଥୁରାପୁର ଏହି ୩ଟି ବେଆଇନ ବାଲି ଘାଟରୁ ଦୀର୍ଘ ୩ ବର୍ଷ ଧରି ବାଲି ଉଠାଣି ହେଉଛି। ଏହି ବାଲି ପଶ୍ଚିମବଙ୍ଗକୁ ଲକ୍ଷ ଲକ୍ଷ ଟଙ୍କାରେ ଚାଲାଣ ହୋଇ ଏକ ବିଶାଳ କଳା ସାମ୍ରାଜ୍ୟ ଗଢ଼ାଯାଇଥିବା ଅଭିଯୋଗ ରହିଛି। ସବୁଠୁ ଗମ୍ଭୀର ପ୍ରଶ୍ନ ଯେଉଁ ଅଧିକାରୀମାନେ ବାଲି ଚୋରି, ବେଆଇନ ଘାଟ ଓ ବାଲି ମାଫିଆଙ୍କୁ ରୋକିବା ଦାୟିତ୍ୱ ନେଇଛନ୍ତି, ସେମାନେ କିପରି ବାଲି ମାଫିଆ ଭାବେ ଅଭିଯୁକ୍ତ ଲୋକଙ୍କ ଗାଡ଼ିରେ ଚଢ଼ି ଚଳାଚଳ କରୁଛନ୍ତି? ୧୦୧୧ ନମ୍ବର ଏବେ କେବଳ ଗାଡ଼ି ନମ୍ବର ନୁହେଁ, ବରଂ ଯାଜପୁରରେ ବେଆଇନ ବାଲି ବ୍ୟବସାୟ, ଟେଣ୍ଡର ରାଜନୀତି ଓ ପ୍ରଶାସନିକ ଗଡ଼ଯୋଗ ନେଇ ଉଠୁଥିବା ଗଭୀର ସନ୍ଦେହର ପ୍ରତୀକ ହୋଇଉଠିଛି। ସାଧାରଣ ଲୋକ ଏବେ ସ୍ପଷ୍ଟ ତଦନ୍ତ ଓ ସତ୍ୟର ଉନ୍ମୋଚନ ଦାବି କରୁଛନ୍ତି।

● ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ

# ଛାତ୍ରଛାତ୍ରୀମାନେ ବିକଶିତ ଭାରତର ସୂତ୍ରଧର



**କେନ୍ଦୁଝର,୨୭।୧୨(ସଂଚାର ବ୍ୟୁରୋ):** ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଏହି ପାହାଚ ଚଢ଼ି ଭାରତ ବିକଶିତ ହେବ ଏବଂ ଆମେ ଆତମ ନିର୍ଭରଶୀଳ ହୋଇ ପାରିବା। ତେଣୁ ଛାତ୍ରଛାତ୍ରୀମାନେ ଜୀବନରେ ସବୁବେଳେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମଇଦାନକେଲସ୍ଥିତ ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ସୂତ୍ରଧର। ତେବେ ଛାତ୍ରଛାତ୍ରୀମାନେ କେବଳ ପାଠରେ ଗୁରୁତ୍ୱ ନୁହେଁ ବରଂ ସବୁଦିଗରୁ ପ୍ରତିଭାବାନ ହେବା ଆବଶ୍ୟକ। ନିଜ ଭିତରେ ଥିବା ପ୍ରତିଭାକୁ ଜାଣିବା, ଚିହ୍ନିବା। ନିଜ ପ୍ରତିଭା ଅନୁଯାୟୀ ଆଗକୁ ବଢ଼ିବାର ପ୍ରୟାସ କରିବ, ତେବେ ତୁମକୁ କେହି ରୋକିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି ଆଧୁନିକ ଯୁଗରେ ଶିକ୍ଷାରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ନୂତନ ଶିକ୍ଷାନୀତି-୨୦୨୦ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ନୂତନ ଶିକ୍ଷାନୀତି ଫଳରେ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶ ହେବା ସହ, ସେମାନେ ଜୀବନରେ ଉତ୍ତମ ମଣିଷ ମଧ ହୋଇପାରିବେ ବୋଲି ସେ କହିଥିଲେ। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ, ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବରେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନା ଥାଉଯେ, କେନ୍ଦୁଝର ସଦର ବ୍ଲକର ମଇଦାନକେଲସ୍ଥିତ ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଜି ସମାରୋହରେ ପାଳିତ ହୋଇଛି।

'ଏବିଭିପି, ଓଡ଼ିଶା ପଶ୍ଚିମ'ର ୫୦ତମ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ

# ବ୍ୟକ୍ତିତ୍ୱ ଗଠନର ସର୍ବବୃହତ ମୁକ୍ତ ବିଶ୍ୱବିଦ୍ୟାଳୟ 'ଏବିଭିପି'

● ଏବିଭିପି ଛାତ୍ରଛାତ୍ରୀଙ୍କୁ ୭ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ

● ୨୦୩୬ରେ ସମୃଦ୍ଧ ଓଡ଼ିଶାର ସଂକଳ୍ପ ନେଇ ଆଗକୁ ବଢ଼ିବା



**ରାଉରକେଲା, ୨୭।୧୨ (ସଂଚାର ବ୍ୟୁରୋ) :** ୧୯୪୯ ମସିହାରୁ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏବିଭିପି ଏକ ସର୍ବଶ୍ରେଷ୍ଠ 'ମୁକ୍ତ ବିଶ୍ୱବିଦ୍ୟାଳୟ' ଭାବେ ବୈଚାରିକ ସ୍ପଷ୍ଟତାକୁ ନେଇ ସଫଳ ନେତୃତ୍ୱ ଗଠନ କରିବା ସହ ଏକ ଯୁବ ଆନ୍ଦୋଳନ ସୃଷ୍ଟି କରିଛି ବୋଲି ରାଉରକେଲା ଠାରେ 'ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡିଶା ପଶ୍ଚିମ'ର ୫୦ତମ ରାଜ୍ୟ ଅଧିବେଶନରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଥିଲେ ଭାରତବର୍ଷରେ ଏବିଭିପି ଗଠନର ୭୬ ବର୍ଷ ପୂରଣ ହୋଇଥିବା ବେଳେ ଓଡ଼ିଶାର ସାମାଜିକ ଜୀବନରେ ଏହା ଏକ ଗଭୀର ପ୍ରଭାବ ପକାଇଛି। ଆଜିଠାରୁ ଠିକ୍ ୩୪ ବର୍ଷ ପୂର୍ବେ ମୁଁ ରାଉରକେଲା ପ୍ରାଦେଶିକ ଅଧିବେଶନରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ଯୋଗ ଦେଇଥିଲି। ସେହି ସମୟରୁ ଆଜି ଭାରତର ଶିକ୍ଷା ମନ୍ତ୍ରୀ ଦାୟିତ୍ୱରେ ରହି ଅତିଥିଭାବେ ଯୋଗଦେବା ମୋ ପାଇଁ ସମ୍ମାନର ବିଷୟ ।୧୯୮୩ ମସିହାରୁ ୨୦୨୫ ପର୍ଯ୍ୟନ୍ତ ଏହି ଯାତ୍ରା କେବଳ ମୋର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ଏବିଭିପିର କାର୍ଯ୍ୟପଦ୍ଧତି ଏବଂ ବୈଚାରିକ ପ୍ରତିବଦ୍ଧତାର ଏକ ପ୍ରତିଫଳନ। ଏବିଭିପିର ବିଚାର କୌଣସି ନୂଆ ବିଚାର ନୁହେଁ, ବରଂ ଏହା ଅନନ୍ତ କାଳରୁ ଥିବା ଭାରତୀୟ ସଭ୍ୟତା, ସଂସ୍କୃତି ଓ ଶିକ୍ଷା ପ୍ରଣାଳୀକୁ ନୂଆପିଢ଼ି ପାଖରେ ପହଞ୍ଚାଇବାର ଏକ ମାଧମ।

ଶ୍ରୀ ପ୍ରଧାନ କହିଛନ୍ତି, ୧୯୪୯ ମସିହାରୁ ଏବିଭିପି ସେହି ଦେଶପ୍ରେମର ବହ୍ନିକୁ ଯୁବକମାନଙ୍କ ମଧ୍ୟରେ ନିରନ୍ତର ପ୍ରଜ୍ୱଳିତ କରି ରଖିଛି। ରାଷ୍ଟ୍ର ପୁନର୍ନିର୍ମାଣର ଏହି ଆନ୍ଦୋଳନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହେଉଛି ବଟବୃକ୍ଷ, ଯାହାର ଏକ ଶାଖା ରୂପେ କାମ କରୁଥିବା ଏବିଭିପିର ଦାୟିତ୍ୱ ବହୁତ ଅଧିକ। ଦେଶକୁ ସମୃଦ୍ଧ କରିବା ପାଇଁ ଦାୟିତ୍ୱ ନେବାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କୌଣସି ବିକଳ୍ପ ନାହିଁ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ଏବିଭିପି ଛାତ୍ରଛାତ୍ରୀଙ୍କୁ ୭ଟି ପ୍ରମୁଖ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ କେନ୍ଦ୍ରମନ୍ତ୍ରୀ।

## ରାଜ୍ୟରେ ଖୁବ୍‌ଶୀଘ୍ର ଏମ୍‌ବିଏସ୍

**ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ମୁଖ୍ୟମନ୍ତ୍ରୀ ବସ ସେବା ବା ଏମ୍‌ବିଏସ୍। ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ଆଲୋଚନା ସରିଥିବା ମନ୍ତ୍ରୀ କହିଛନ୍ତି। ପରିବହନ ବିଭାଗ ଯେମିତି କ୍ଷତି ନ ସହିବ ସେନେଇ ମଧ ଆଲୋଚନା ହୋଇଛି। ୧୪୨୨ଟି ଉଭୟ ଏସି ଓ ନନ୍ ଏସି ବସ୍ ଯୋଗେ ସ୍କୁଲ ପିଲାଙ୍କୁ ମାଗଣା ସେବା ଯୋଗାଇ ଦିଆଯିବ। ବସ୍‌ରେ ଯାତ୍ରା ବେଳେ ୟୁନିଫର୍ମରେ ରହିବା ସହ ଆଇକାର୍ଡ ପକାଇବେ ଛାତ୍ରଛାତ୍ରୀ। କେଉଁ ରୁଟ୍‌ରେ କେତେ ବସ୍ ଚାଲିବ ତାହା ଓଏସ୍‌ଆର୍‌ଟିସି ସ୍ଥିର କରିବ। ଏଥିସହିତ ମନ୍ତ୍ରୀ କହିଛନ୍ତି, ଏଣିକି ଅନ୍‌ଲାଇନ୍ ସହ ଅଫ୍‌ଲାଇନ୍‌ରେ ବି ଇ-ଚାଲାଣ ପୈଠ କରିହେବ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନଗଦ ଅର୍ଥ ଗ୍ରହଣ ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସିଇସି ଜ୍ଞାନେଶ କୁମାରଙ୍କ ପୁରୀ ଓ କୋଣାର୍କ ପରିଦର୍ଶନ

● ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭଲ କାମ ଲାଗି ପ୍ରୋତ୍ସାହିତ କରିବ

● ଶ୍ରୀମନ୍ଦିର ଓ ସୂର୍ଯ୍ୟ ମନ୍ଦିର ସାରା ଭାରତର ମାନ ଓ ସମ୍ମାନ



**ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ):** ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତିନିଦିନିଆ ଓଡିଶା ଗସ୍ତରେ ଆସି ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି।

ମୁଖ୍ୟ ନିର୍ବାଚନ କମିଶନର ଭୁବନେଶ୍ୱରରେ ପହଞ୍ଚିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିବା ସହିତ ଓଡିଶାବାସୀଙ୍କୁ ଓଡ଼ିଆରେ ସମ୍ବୋଧନ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଆର ଏସ ଗୋପାଳନ ଏବଂ ବରିଷ୍ଠ ଅଧିକାରୀମାନେ ତାଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ପୁରୀ ଶ୍ରୀମନ୍ଦିରର ସମ୍ମୁଖରେ ଶ୍ରୀ କୁମାରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ କୁମାର ସିଂ ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅନ୍ୟ ଦେବାଦେବୀଙ୍କ ଦର୍ଶନ କରାଇଥିଲେ।

ଏହି ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ତାଙ୍କୁ ସାମ୍ବିଧାନିକ ଗୁରୁଦାୟିତ୍ୱ ଆହୁରି ଭଲ ଭାବରେ ସମ୍ପାଦିତ କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଆଶାବ୍ୟକ୍ତ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ମୁଖ୍ୟ ନିର୍ବାଚନ କମିଶନର ସମୁଦ୍ର ପାର୍ଶ୍ୱ ମାର୍ଗରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। ସେ କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ ଅଟେ। କୋଣାର୍କ ଓ ପୁରୀର ଶ୍ରୀମନ୍ଦିର ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନ ଏହି ସ୍ଥାନର ଦିବ୍ୟ ଅନୁଭୂତି ମୋର ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ କୁମାର ପ୍ରକାଶ କରିଛନ୍ତି।

ଶ୍ରୀମନ୍ଦିର ସେବକଙ୍କ ବିରୋଧରେ ହେବ ଆକ୍ସନ

# 'ମହିଳା ଭକ୍ତଙ୍କୁ ଅସଦାଚରଣ ବରଦାସ୍ତ କରାଯିବନି'



**ପୁରୀ,୨୭।୧୨(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ ଅଭିଯୋଗ ହୋଇଛି। ଗତ ୨୪ ତାରିଖରେ ଘଟିଛି ଏହି ଘଟଣା। ଶ୍ରୀମନ୍ଦିର ଭିତରେ ପଶ୍ଚିମ ଦ୍ୱାର ପଟେ ଥିବା ନିଶା ନୃସିଂହ ମନ୍ଦିରରେ ଭକ୍ତଙ୍କ ସହ ଅସଦାଚରଣ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଘଟଣାକୁ ନେଇ ମଧ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଏବେ ଆକ୍ସନ ମୋଡରେ ଶ୍ରୀମନ୍ଦିର ପ୍ରଶାସନ। ସ୍ଥାନୀୟ ଥାନାରେ ତୁରନ୍ତ ଏତଲା ଦେବା ପାଇଁ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଏକ ଘୃଣ୍ୟ ଏବଂ ନିନ୍ଦନୀୟ କାର୍ଯ୍ୟ। ଏଭଳି ଘଟଣାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସାମାଜିକ ଗଣମାଧମରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ନିଶା ନୃସିଂହ ମନ୍ଦିରରେ ସେବକଙ୍କ ଦ୍ୱାରା ନିୟୋଜିତ ଜଣେ କିଶୋର ଦ୍ୱାରା ଜଣେ ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ କରାଯାଇଥିବା ସଂପର୍କରେ ଅଭିଯୋଗ ଆସିଛି। ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏହି ଘଟଣାକୁ ମନ୍ଦିର ପ୍ରଶାସନ ଗୁରୁତର ସହ ଗ୍ରହଣ କରିଛି। ସୁପରଭାଇଜରଙ୍କୁ ସ୍ଥାନୀୟ ଥାନାରେ ଏକ ଏଫଆଇଆର ଦାଖଲ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ପାଢ଼ୀ କହିଛନ୍ତି, ନିଜେ ସେବାପୂଜା କରିବା ପରିବର୍ତ୍ତେ ଅନ୍ୟଜଣଙ୍କୁ ନିୟୋଜିତ କରିଥିବା ସଂପୃକ୍ତ ସେବକଙ୍କ ବିରୁଦ୍ଧରେ ସେବକ ନିଯୋଗ ମାଧମରେ ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନ ଅନୁଯାୟୀ ଦଣ୍ଡ ଦିଆଯିବ। ନିଶା ନୃସିଂହ ମନ୍ଦିରରେ ସେବାପୂଜାରେ ନିୟୋଜିତ ସେବକମାନଙ୍କ ବ୍ୟତୀତ, ଅନ୍ୟ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିରର ଗରିମା ଓ ପବିତ୍ରତା ଉପରେ ଆଞ୍ଚ ଆଣୁଥିବା କାହାକୁ ମଧ କ୍ଷମା କରାଯିବ ନାହିଁ। ମହାପ୍ରଭୁ ଏମାନଙ୍କୁ ସଦ୍ ବୁଦ୍ଧି ପ୍ରଦାନ କରନ୍ତୁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

## ୨୮ ଗ୍ରାମ ବ୍ରାଉନସୁଗର ଜବତ: ୨ ଗିରଫ

**ଖୋର୍ଦ୍ଧା,୨୭।୧୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ମଡେଲ ପୁଲିସ ଅଞ୍ଚଳରେ ବଢ଼ୁଥିବା ଡ୍ରଗ୍ସ ମାଫିଆଙ୍କ ବିରୁଦ୍ଧରେ ଏକ ବଡ଼ ଝଟକା ଲାଗିଛି, ୨.୮୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ୨୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି ଏବଂ ବେଆଇନ ନିଶା କାରବାରରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଲିସ ଏସଡିପିଓ, ଖୋର୍ଦ୍ଧା ନିହାର ରଞ୍ଜନ ପ୍ରଧାନ ଏବଂ ଆଇଆଇସି, ମଡେଲ ପିଏସ୍, ଇନ୍ସପେକ୍ଟର ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସୁଚିନ୍ତିତ ସୂଚନା ପାଇ ଏସ୍‌ଆଇ ବସନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଦଳ ଗଠନ କରି ଖୋର୍ଦ୍ଧାର ଗୁରୁଜଙ୍ଗାର ନ୍ୟୁ ଏନଏଚ ରୋଡରେ ଚଢ଼ାଉ କରି ଦୁଇ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨୮ ଗ୍ରାମ ବ୍ରାଉନସୁଗର, ଗୋଟିଏ ବାଇକ୍ ଏବଂ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ନିହାର ରଞ୍ଜନ ହାତୀ (୩୨) ଗ୍ରାମ ମୁକୁନ୍ଦପ୍ରସାଦ ଏବଂ ସୁଶାନ୍ତ କୁମାର ପ୍ରଧାନ (୩୨) ଗ୍ରାମ ଗୁରୁଜଙ୍ଗା, ଉଭୟ ଖୋର୍ଦ୍ଧା ସହରର। ମଡେଲ ପିଏସ୍ ରେ ଏକ ମାମଲା ରୁଜୁ କରା ଉଭୟଙ୍କୁ କୋର୍ଟକୁ ପଠାଯାଇଛି। ମଡେଲ ପିଏସ୍ ଖୋର୍ଦ୍ଧାରେ ଏକ ପ୍ରେସ୍ ମିଟ୍‌ରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ଯେ, ଖୋର୍ଦ୍ଧା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇଛି। ପୁଲିସ ଶାନ୍ତି ଫେରାଇ ଆଣିବା ଏବଂ ଖୋର୍ଦ୍ଧାରେ ନିଶା କାରବାରକୁ ରୋକିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛି ଏବଂ ତଦନ୍ତ ଘନିଷ୍ଠ ହେବା ସହିତ ଆହୁରି ଗିରଫଦାର ଏବଂ ଜବତକାରୀଙ୍କ ଆଶା କରାଯାଉଛି। ଏହି ଅଭିଯାନ ଖୋର୍ଦ୍ଧାରେ ନିଶା କାରବାର ଏବଂ ପଦାର୍ଥ ଅପବ୍ୟବହାର ବିରୁଦ୍ଧରେ ଚାଲିଥିବା ଅଭିଯାନର ଏକ ଅଂଶ।

● ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟଣା

## ସମ୍ବଲପୁରରେ ତଦନ୍ତ କରିବ ପଶ୍ଚିମବଙ୍ଗ ପୁଲିସ୍

**ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟଣାର ଅଧିକ ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୁଲିସର ଏକ ଦଳକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ଓଡ଼ିଶାର ସମ୍ବଲପୁରକୁ ପଠାଇଛନ୍ତି। ଡିସେମ୍ବର ୨୪ ତାରିଖରେ ଘଟିଥିବା ଏହି ଘଟଣା ବିବାଦ ସୃଷ୍ଟି କରିଛି ଏବଂ ଉଭୟ ରାଜ୍ୟର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି। ସମ୍ବଲପୁର ପୁଲିସ ଏହି ମାମଲାରେ ପୂର୍ବରୁ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି ଏବଂ ୩୦ ବର୍ଷୀୟ ଶ୍ରମିକଙ୍କ ମୃତ୍ୟୁ ନେଇ ଅଧିକ ତଦନ୍ତ ଜାରି ରହିଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମମତା କହିଛନ୍ତି, ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ହେଉଥିବା ନିର୍ମମ ଅତ୍ୟାଚାର, ଉତ୍ପୀଡ଼ନ ଏବଂ ହିଂସାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଆମେ ସେହି ପ୍ରବାସୀ ବଙ୍ଗାଳୀ ଭାଷାଭାଷୀ ପରିବାରମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହେଉଛୁ, ଯେଉଁମାନେ ଭୟଭୀତ, ପୀଡ଼ିତ ଏବଂ ଅମାନବୀୟ ବ୍ୟବହାରର ଶିକାର ହୋଇଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯିବ। ସମ୍ବଲପୁର ଘଟଣା ସମ୍ପର୍କରେ ଉଲ୍ଲେଖ କରି ସେ ଅଭିଯୋଗ କରିଛନ୍ତି ଯେ ମୁର୍ଶିଦାବାଦର ଜାଙ୍ଗିପୁର ଅଞ୍ଚଳର ପ୍ରବାସୀ ଶ୍ରମିକମାନେ ଓଡ଼ିଶାରେ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ମୁର୍ଶିଦାବାଦର ଜାଙ୍ଗିପୁରର ସୁତି ଅଞ୍ଚଳର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କୁ ସମ୍ବଲପୁରରେ ପୁଣି ଥରେ ପିଟି ପିଟି ହତ୍ୟା କରାଯାଇଛି। ଓଡ଼ିଶା ପୁଲିସ ଏହି ହତ୍ୟାକାଣ୍ଡ ବିଡ଼ି ପାଇଁ ହୋଇଥିବା କହିଥିବା ବେଳେ ଶ୍ରମିକମାନେ ଦାବି କରିଛନ୍ତି, ସେମାନଙ୍କୁ ବାଂଲାଦେଶୀ ସନ୍ଦେହରେ ଆକ୍ରମଣ କରାଯାଇଥିଲା।

## ଲୁଟେରା ଶ୍ୱଶୁର-ଜ୍ୱାଇଁ ଗିରଫ

**ବଲାଙ୍ଗିର,୨୭।୧୨(ସଂଚାର ବ୍ୟୁରୋ):** ବଲାଙ୍ଗିର ପୁଲିସକୁ ମିଳିଛି ବଡ଼ ସଫଳତା। ଶ୍ୱଶୁର- ଜ୍ୱାଇଁଙ୍କୁ ଧରି ଏସ୍‌ପି ଅଭିଲାଷ ଜି କଲେ ବଡ଼ ଖୁଲାସା। ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ଅନ୍ୟ ଜିଲ୍ଲା ଗୁଡ଼ିକରେ କିଛି ଲୁଟେରା ଲୁଟ୍ କରିଥିବା ନେଇ ପୁଲିସ ପାଖରେ ଖବର ରହିଥିଲା। ପଶ୍ଚିମ ଓଡ଼ିଶାରେ ଅଧିକାଂଶ ଲୁଟ ଘଟଣାରେ ପୋଲିସ ହାତରେ ଧରାପଡ଼ିଥିବା ଏହି ଦୁଇ ଲୁଟେରାଙ୍କ ହିଁ ହାତ ରହିଛି। ଗିରଫ ଦୁଇ ଲୁଟେରା ଛତିଶଗଡ଼ ରାୟଗଡ଼ର ପ୍ରମୋଦ ସିଂ ନାଥ (୪୬) ଓ ପ୍ରିନ୍ସ ସିଂ (୨୯) ହୋଇଥିବା ବେଳେ ଏମାନେ ଦୁହେଁ ସମ୍ପର୍କରେ ଶ୍ୱଶୁର- ଜ୍ୱାଇଁ। ଏମାନେ ବ୍ୟାଙ୍କଗୁଡ଼ିକୁ ଟଙ୍କା ପାଇଁ ଆସୁଥିବା ଲୋକମାନଙ୍କୁ ଟାର୍ଗେଟକରି ଟଙ୍କା ଲୁଟୁଥିଲେ। ଏହି ଘଟଣାରେ ତିନି ଜଣଙ୍କ ହାତ ରହିଥିବା ବେଳେ ଆଉ ଜଣେ ଫେରାର ରହିଛି।

# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୩ ଗିରଫ





**ଦେଶୀ ବନ୍ଧୁକ, ବାଇକ୍ ଜବତ**

**ବଲାଙ୍ଗୀର,୨୭।୧୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଟାଉନ ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଶନିବାର ଏକ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଧରିଛି । ଏ ନେଇ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ସ୍ଥାନୀୟ ଏସପି ଅଫିସରେ ଏକ ଖବରଦାତା ସମ୍ମିଳନୀ କରି ଏନେଇ ସୂଚନା ଦେଇଛନ୍ତି। ବଲାଙ୍ଗୀର ଗେଟ୍ ସରୋବର ପଡାର ତରଣୀସେନ କୁମ୍ଭାର ଗତ ୪ ଅଗଷ୍ଟ ୨୦୨୫ରେ ସ୍ଥାନୀୟ ଏଚ୍‌ଡିଏଫସି ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖି ନେଟ୍ ଶପ୍‌କୁ ଯାଇଥିଲେ। ଉକ୍ତ ଦୋକାନ ସମ୍ମୁଖରେ ସ୍କୁଟି ରଖିଥିବା ସମୟରେ ଅଭିଯୁକ୍ତମାନେ ଡିକି ଖୋଲି ନଗଦ ଟଙ୍କା ନେଇ ଚମ୍ପଟ ମାରିଥିଲେ । ପରେ ପୁଲିସ କେସ ନମ୍ବର ୫୧୪/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଟାଉନ ଥାନା ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଉକ୍ତ ଲୁଟେରା ଦଳର ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରମୋଦ ସିଂ, ପ୍ରିନ୍ସ ସିଂ ଓ ରଞ୍ଜନ। ପୁଲିସ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଡିକି ଭାଙ୍ଗିବା ଉପକରଣ, ଅନେକ ଆଧାର କାର୍ଡ, ମୋଟର ସାଇକେଲ ଓ ୧୦ଟି ମୋବାଇଲ ଜବତ କରିଛ। ଏହି ଗ୍ୟାଙ୍ଗ ବଲାଙ୍ଗୀର, ଟିଟଲାଗଡ ଓ କଳାହାଣ୍ଡି ଜିଲା ସମେତ ଛତିଶଗଡ଼ର ମହାସମୁନ୍ଦ ଜିଲା ଅଞ୍ଚଳରେ ଅନେକ ଚୋରି, ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା କହିଛନ୍ତି। ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ ଓ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିକାରୀ ଫାଶରେ କଲରାପତରିଆ



**ନୂଆପଡ଼ା ୨୭।୧୨(ସଂଚାର ବ୍ୟୁରୋ):** ଶିକାରୀ ଫାଶରେ ଫସିଗଲା ବାଘ। ୭ ଦିନ ପରେ ଉଦ୍ଧାର କଲା ବନ ବିଭାଗ। ଏଭଳି ଘଟଣା ଘଟିଛି ଓଡ଼ିଶା-ଛତିଶଗଡ ସୀମାନ୍ତବର୍ତ୍ତୀ ଗାରିଆବନ୍ଧ ଜିଲ୍ଲା ଉଦନ୍ତୀ ସୀତାନଦୀ ଜଙ୍ଗଲ ଭିତରେ ଥିବା ତୌରଙ୍ଗା ବଫର ଜୋନର କୋକୋଡ଼ି ଗାଁରେ। ସୂଚନାଯୋଗ୍ୟ ଯେ, ଶିକାର ଆଶାରେ ଜଣେ ଶିକାରୀ ବାଇକର କ୍ଲଚ୍ ଓ୍ୱାୟାରରେ ଫାଶ କରି ଜଙ୍ଗଲ ଭିତରେ ରଖିଥିଲେ। ଶିକାର ଲୋଭରେ ସେହି ବାଟ ଦେଇ ଯାଉଥିବା ବାଘଟି ଫାଶରେ ପଡ଼ିଯାଇଥିଲା। ଫଳରେ ବାଘଟି ଆଉ କେଉଁଆଡ଼େ ଯାଇପାରି ନଥିଲା। ଗାଁ ଲୋକେ ଦେଖିବା ପରେ ବନ ବିଭାଗକୁ ଏନେଇ ଖବର ଦେଇଥିଲେ। ଖବର ପାଇବା ପରେ ବନ ବିଭାଗ ଡ୍ରୋନ୍ ସାହାଯ୍ୟରେ ବାଘର ସ୍ଥିତି ଅନୁଧ୍ୟାନ କରିଥିଲେ। ବନ ବିଭାଗର ଏସଡିଓ ଗୋପାଳ କଶ୍ୟପଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ପରେ ଏବେ ଜଙ୍ଗଲ ସଫାରୀ ହସ୍ପିଟାଲରେ କଲରାପତରିଆ ବାଘକୁ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ବର୍ତ୍ତମାନ ବାଘର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସେପଟେ ଶିକାରୀଙ୍କୁ ଧରାଇଦେଲେ ୧୦ ହଜାର ଟଙ୍କାର ପୁରସ୍କାର ରାଶି ମଧ ଘୋଷଣା କରିଛି ବନ ବିଭାଗ। ତେବେ ଜଙ୍ଗଲ ଭିତରେ ଟ୍ରାପ କ୍ୟାମେରା ଲଗାଯାଇଥିବା ବେଳେ ଗତ ୭ ଦିନ ଭିତରେ ୧୯ ଶିକାରୀଙ୍କୁ ଆଣ୍ଟି ପୋଚିଂ ଟିମ୍ ଗିରଫ କରିଥିବା ଜଣାପଡିଛି। ତେବେ ଫାଶରେ ପଡ଼ିଥିବା ବାଘ ପାଇଁ କିଏ ଦାୟୀ ତାହାର ଏବେ ତଦନ୍ତ ଜାରି ରହିଛି।

## ଆତ୍ମସମର୍ପଣ କରିଥିବା ମାଓବାଦୀକୁ ହତ୍ୟା

**ମାଲକାନଗିରି,୨୭।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ସୀମାର ବିଜାପୁର ଜିଲ୍ଲାରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଜିଲ୍ଲାର ପାମେଡ ଥାନା ଅନ୍ତର୍ଗତ ଏରାପାଲୀ ଗ୍ରାମରେ ଗତରାତିରେ ସଶସ୍ତ୍ର ମାଓବାଦୀ ପଶିଥିଲେ। ଗାଁରେ ପଶି ଗ୍ରାମର ଆତ୍ମସମର୍ପଣ କରିଥିବା ନକ୍ସଲ ପୁନେମ ବୁଦରା(୨୮)କୁ ଖୋଜିଥିଲେ। ଘରେ ଶୋଇଥିବା ଅବସ୍ଥାରେ ପୁନେମକୁ ଘରୁ ଟାଣି ଆଣି ପୁଲିସ ଇନଫର୍ମର ଦର୍ଶାଇଥିଲେ। ତୁମେ ପୁଲିସ ସହ ମିଶି ସଂଗଠନକୁ ଧ୍ୱଂସ କରିବାକୁ ଚାହିଁଛ ବୋଲି ଅଭିଯୋଗ କରିଥିଲେ। ସେଠାରେ ହିଁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଯାହାଫଳରେ ଘଟଣାସ୍ଥଳରେ ହିଁ ପୁନେମର ମୃତ୍ୟୁ ହୋଇଯାଇଥିଲା। ହତ୍ୟା ପରେ ଗ୍ରାମବାସୀଙ୍କୁ ଚେତାବନୀ ଦେଇ ମାଓବାଦୀ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଶନିବାର ସକାଳୁ ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଗ୍ରାମରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀମାନେ ଏବେ ନିଜ ନିଜ ପୈତୃକ ଗ୍ରାମରେ ରହୁଥିବା ବେଳେ ସେମାନେ ଏବେ ସୁରକ୍ଷିତ ନଥିବା କହିଛନ୍ତି। ଜିଲ୍ଲା ସଦର ମହକୁମାରେ ସେମାନେ ଆତ୍ମସମର୍ପଣ ପରେ ତାଲିମ ନେଇ ଗ୍ରାମରେ ଆସି କାମଧନ୍ଦା କରୁଛନ୍ତି। ତେବେ ମାଓବାଦୀ ସେମାନଙ୍କୁ ଟାର୍ଗେଟ କରି ହତ୍ୟା କରୁଛନ୍ତି।

# ନୂଆବର୍ଷ ପାଇଁ ପୁଲିସର 'ମିଶନ ସୁରକ୍ଷା'

● କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ନେତୃତ୍ୱରେ ୧୫୦ ପ୍ଲାଟୁନ ଫୋର୍ସ

● ସୁରକ୍ଷା ବଳରେ ସବୁ ଧର୍ମୀୟ କ୍ଷେତ୍ର ଓ ପିକ୍‌ନିକ ସ୍ପଟ୍

● ହାଇଓ୍ୱେ ପାଟ୍ରୋଲିଂ ସହ ସ୍କାନରରେ ମଦୁଆ ଗାଡ଼ି ଚାଳକ



**ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ):** ନୂଆବର୍ଷ ପାଇଁ କେନ୍ଦ୍ରାଞ୍ଚଳ ଡିଆଇଜି ଆରମ୍ଭ କଲେ ମିଶନ ସୁରକ୍ଷା-୨୦୨୬। କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ମଧରେ ଥିବା ସାତ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ୧୫୦ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଛି। ପୁରୀ ବେଳାଭୂମିରୁ ଆରମ୍ଭ କରି ଯାଜପୁରର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଓଡ୍ରାଫ ଓ ସ୍ୱତନ୍ତ୍ର ଟାକ୍ଟିକାଲ ୟୁନିଟ ସହ ୨୪ ଘଣ୍ଟିଆ ମାରାଇନ ପାଟ୍ରୋଲିଂ ଆରମ୍ଭ ହୋଇଛି।

କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଓଡିଶା ପୁଲିସ ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଏହି ୭ ଜିଲ୍ଲାରେ ଆରମ୍ଭ କରିଛି ଶୂନ୍ୟ ସହନଶୀଳତା ଓ ସର୍ବାଧିକ ସୁରକ୍ଷା ବଳୟ। ଉପକୂଳର ଏହିସବୁ ଜିଲ୍ଲାକୁ ନୂଆବର୍ଷରେ ଲକ୍ଷାଧିକ ଲୋକ ବିଭିନ୍ନ ଧର୍ମୀୟ ଅନୁଷ୍ଠାନକୁ ଆସିଥାନ୍ତି। ଏଥିସହିତ ବଣଭୋଜି ପାଇଁ ମଧ ବହୁ ସଂଖ୍ୟାରେ ଲୋକ ଏକଠି ହୋଇଥାନ୍ତି। ତେଣୁ ଧର୍ମୀୟ ଅନୁଷ୍ଠାନଗୁଡିକରେ ଭକ୍ତଙ୍କ ସୁରକ୍ଷା ସାଙ୍ଗକୁ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଓଡ୍ରାଫ, ସ୍ୱତନ୍ତ୍ର ଟାକ୍ଟିକାଲ ୟୁନିସ ସହ ୧୭୯ଜଣ ଲାଇଫ ଗାର୍ଡ ବିଭିନ୍ନ ସ୍ଥାନରେ ଦାୟିତ୍ୱରେ ରହିବେ।

ପୁରୀ ବେଳାଭୂମୀ ସହ କଣ୍ଟିଲୋ ନିଳମାଧବ ପୀଠକୁ ପୂରା ସିସିଟିଭି ଓ ଡ୍ରୋନ ଦ୍ୱାରା ମନିଟର କରାଯିବ। ଏଥିସହିତ ପୁରୀର ବ୍ଲୁ ଫ୍ଲାଗ ବିଚ, ପାରାଦୀପ ଓ ସିଆଳି ବିଚରେ ମାରାଇନ ପାଟ୍ରୋଲିଂ କରାଯିବ। ପୁରୀ ଶ୍ରୀମନ୍ଦିର, ଯାଜପୁରରେ ମା' ବିରଜା ଓ କେନ୍ଦ୍ରାପଡାରେ ଶ୍ରୀ ବଳଦେବଜିୟୁଙ୍କ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ପାଇଁ ମଧ ସ୍ୱତନ୍ତ୍ର ପୁଲିସ ଫୋର୍ସ ରହିବେ। ଚିଲିକା ଓ ଭିତରକନିକା ସଂରକ୍ଷିତ ଅଞ୍ଚଳରେ ପିକନିକ ସମୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ସହ ଅସମାଜିକ ତତ୍ତ୍ୱଙ୍କ ଉପରେ ନିଜର ରଖିବାକୁ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯିବ। ୨୪ ଘଣ୍ଟିଆ ଚେକ ପଏଣ୍ଟରେ ମଦୁଆ ଗାଡି ଚାଳକ ଓ ଦ୍ରୁତ ଚାଳକଙ୍କ ଉପରେ ନଜର ରଖାଯିବ। ପିକନିକ ସ୍ପଟରେ ଆଗୁଆ ୱାନ-ୱେ ରୁଟ ଓ ପାର୍କିଂ ଅଞ୍ଚଳ ଚିହ୍ନଟ କରାଯିବ। ଦୂର ସ୍ଥାନକୁ ଯାତ୍ରା କରୁଥିବା ଲୋକଙ୍କୁ ସୁରକ୍ଷା ଦେବାକୁ ରାଜପଥରେ ଅଧିକ ପାଟ୍ରୋଲିଂ ଭ୍ୟାନ ରହିବ। ଧର୍ମୀୟ ଅନୁଷ୍ଠାନ ଓ ପିକନିକ ସ୍ପଟରେ ଯେକୌଣସି ପ୍ରକାର ଅସମାଜିକ ଲୋକଙ୍କୁ ଆଦୌ କ୍ଷମା ଦିଆଯିବନି । ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଏସବୁ ସ୍ଥାନରେ ସାଦା ପୋଷାକରେ ରହିବେ ମହିଳା ପୁଲିସ ଅଧିକାରୀ।

## ନକଲି ନୋଟ କାରବାର ଘଟଣାରେ ୨ କୋର୍ଟ ଚଲାଣ

**ସୁବର୍ଣ୍ଣପୁର,୨୭।୧୨(ସଂଚାର ବ୍ୟୁରୋ) :** ତିନି ମାସ ତଳେ ଅର୍ଥାତ ଗତ ଅକ୍ଟୋବର ୨୫ ତାରିଖରେ ନକଲି ନୋଟ କାରବାରରେ ଧରାପଡ଼ି ୩ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଦିନ କାଟୁଥିବା ବେଳେ ପୁଣି ଏହି କାରବାରରେ ସଂଶ୍ଳିଷ୍ଟ ୨ ଅଭିଯୁକ୍ତଙ୍କୁ ବିନିକା ପୁଲିସ ଗିରଫ କରି କୋର୍ଟ ଚଲାଣ କରିଛି। ୨ମାସ ତଳେ ଏହି ନକଲି ନୋଟ କାରବାରରେ ଜେଲରେ ଥିବା ବ୍ୟକ୍ତିମାନଙ୍କ ଠାରୁ ପୁଲିସ ୪ ଲକ୍ଷ ୧୫ସହ ଟଙ୍କା ଜବତ କରିଥିବା ବେଳେ ବଜାରକୁ ନକଲି ନୋଟ ୧ଲକ୍ଷ ୯୯ହଜାର ଟଙ୍କା ଛଡା ଯାଇଥିଲା। ଏନେଇ ପୁଲିସ ତଦନ୍ତ ଜାରି ରଖିଥିଲା ଏବଂ ଏଥିରେ ପୁଣି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲ୍ଲା ବରପାଲି ମହତାପଡ଼ାର ବଳରାମ ମେହେର ଓ ଗାଇସିଲେଟ କେନ୍ଦୁଭଟା ଗ୍ରାମର ବିଶ୍ୱପତି ସାହୁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ | Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar | ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash | ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୧,୨୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୧,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୧,୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୯,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୧,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୧,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୧,୨୨୦ ଓ ୧,୨୯,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୧,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଦିନକରେ ୧୭ ହଜାର ବୃଦ୍ଧି ପାଇଲା ରୁପା

ନୂଆଦିଲ୍ଲୀ,୨୭।୧୨: ପ୍ରତିଦିନ ବଢୁଛି ସୁନା ଓ ରୂପାର ଦାମ୍। ସୁନା ଭଳି ମଧ ରୁପାର ଚମକ ଦିନକୁ ଦିନ ବଢ଼ିବାରେ ଲାଗିଛି। ରିଟେଲରୁ ନେଇ ବଡ଼ ନିବେଶ ମଧ ଏବେ ଖୋଲାଖୋଲି ଏହା ଉପରେ ଭରସା ରଖିଛନ୍ତି। ଏହା ସହ ବଡ଼ ବଡ଼ ଏକ୍ସପର୍ଟ ମଧ ମାନୁଛନ୍ତି ଯେ,ସୁନା-ରୁପା ଦାମ୍ ଲଙ୍ଗ ଟର୍ମରୁ ଉପର ଆଡକୁ ଯିବ। ମୂଲ୍ୟବାନ ଧାତୁର ଦାମ୍ ଅଟକିବ ନାହିଁ। ପ୍ରତିଦିନ ଏହି ଧାତୁ ନିଜର ରେକର୍ଡ ଲେବଲରେ ପହଁଞ୍ଚୁଛି। ଗତକାଲି ଅର୍ଥାତ ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏମସିଏକ୍ସ)ରେ ରୂପା ଦାମ୍‌ରେ ବୃଦ୍ଧି ଦେଖିବାକୁ ମିଳିଛି। କମୋଡିଟି ବଜାରରେ କାରବାର ବନ୍ଦ ହେବା ସୁଦ୍ଧା, ମାର୍ଚ୍ଚ ୫ ତାରିଖର ଫ୍ୟୁଚର୍ସ ପାଇଁ ୧ କିଲୋଗ୍ରାମ ରୂପାର ମୂଲ୍ୟ ୧୭,୧୪୫ ଟଙ୍କାରୁ ବୃଦ୍ଧି ପାଇ ୨,୪୦,୯୩୫ ରେ ଟଙ୍କାରେ ପହଞ୍ଚିଛି। କିନ୍ତୁ, ଦିନର ବ୍ୟବସାୟ ସମୟରେ, ରୂପା ୧୯୦୦୦ ବୃଦ୍ଧି ପାଇ ୨,୪୨,୦୦୦ ରେ ପହଞ୍ଚିଛି, ଯାହାକି ଏହାର ଅଲ୍ ଟାଇମ୍ ହାଇଲେବଲ। ସେଭଳି ଏମସିଏକ୍ସରେ ଗତକାଲି ୫ ଫେବୃଆରୀର ଫ୍ୟୁଚର୍ସ ପାଇଁ ୧୦ ଗ୍ରାମ ସୁନାର ଦାମ୍ ୭୦ ଟଙ୍କା ବଢି ୧୩୯୯୪୦ ଟଙ୍କାରେ ପହଁଞ୍ଚି ଯାଇଛି। ସେଭଳି ଦିନର କାରବାର ବେଳେ ସୁନାର ମୂଲ୍ୟରେ ୧୨୦୦ ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି। ସୁନା ମଧ କାଲି ନିଜର ଅଲ୍ ଟାଇମ୍ ହାଇ ଲେବଲ ଟଚ୍ କରିଛି।

ଗତ ସପ୍ତାହରେ ସାଧାରଣ ଲୋକଙ୍କ ପହଁଞ୍ଚଠାରୁ ବହୁ ଦୂରରେ ରହିଛି ସୁନା ଏବଂ ରୂପା। ଡିସେମ୍ବର ୧୯ ତାରିଖରେ ୧୦ ଗ୍ରାମ ସୁନାର ମୂଲ୍ୟ ୧,୩୪,୧୯୬ ଟଙ୍କା ଥିଲା। ଆଜି ଏହାର ମୂଲ୍ୟ ପ୍ରାୟ ୧.୪୦ ଲକ୍ଷ। ଏହାର ଅର୍ଥ ହେଉଛି ମାତ୍ର ଗୋଟିଏ ସପ୍ତାହରେ ଏହାର ମୂଲ୍ୟ ୬୦୦୦କୁ ବୃଦ୍ଧି ପାଇଛି। ରୂପାର ମୂଲ୍ୟ ଆହୁରି ବୃଦ୍ଧି ପାଇଛି। ଡିସେମ୍ବର ୧୯ ତାରିଖରେ ରୂପାର ମୂଲ୍ୟ ୨,୦୮,୦୦୦ ପ୍ରତି କିଲୋଗ୍ରାମ ଥିଲା, କିନ୍ତୁ ଏବେ ଏହାର ମୂଲ୍ୟ ୨,୪୦,୦୦୦ ହୋଇଛି। ମାତ୍ର ଗୋଟିଏ ସପ୍ତାହରେ ଏହାର ମୂଲ୍ୟ ୩୨ ହଜାର ବୃଦ୍ଧି ପାଇଛି। ଆନ୍ତର୍ଜାତୀୟ ସ୍ତରରେ ସୁନା ଏବଂ ରୂପା ମୂଲ୍ୟ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ଯାହା ଘରୋଇ ବଜାରରେ ମୂଲ୍ୟକୁ ବୃଦ୍ଧି କରୁଛି। ସୁନା ଏବଂ ରୂପା ଇଟିଏଫରେ ନିବେଶକମାନେ ଦ୍ରୁତ ଗତିରେ ବୃଦ୍ଧି ପାଉଛନ୍ତି। ବଜାର ଅସ୍ଥିରତା ମଧ୍ୟରେ, ଲୋକମାନେ ସୁରକ୍ଷିତ ନିବେଶ ପାଇଁ ସୁନା ଏବଂ ରୂପା ଆଡକୁ ମୁହାଁଇଛନ୍ତି। ଡଲାର ଦୁର୍ବଳ ହେଉଥିବାରୁ ଏବଂ ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସର ବୃଦ୍ଧି ଆଶା କରି ସୁନା ଏବଂ ରୂପାର ଚାହିଦା ବଢୁଛି। ଇଲେକ୍ଟ୍ରୋନିକ୍ସ ଏବଂ ଗ୍ରୀନ୍ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ମଧ ରୂପାର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ଶିଳ୍ପ ଚାହିଦାକୁ ବୃଦ୍ଧି କରିଛି, ଏବଂ ନିବେଶକମାନେ ଏହି ବର୍ଦ୍ଧିତ ଧାରାରେ ଆଗକୁ ବଢୁଛନ୍ତି।

ରାଜନୈତିକ ଉତ୍ତେଜନା, ତୈଳ ବଜାର ଏବଂ ଚାଲିଥିବା ଦ୍ୱନ୍ଦ୍ୱ ଯୋଗୁଁ, ନିବେଶକମାନେ ବିପଦରୁ ରକ୍ଷା ପାଇବା ପାଇଁ ଅଧିକ ସୁନା ଏବଂ ରୂପା କିଣୁଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ ବହୁ ପରିମାଣରେ ମୂଲ୍ୟବାନ ଧାତୁ କ୍ରୟ କରୁଛନ୍ତି, ଯାହାଦ୍ୱାରା ଚାହିଦା ବଜାୟ ବଢୁଛି ଏବଂ ମୂଲ୍ୟକୁ ଅଧିକ ବୃଦ୍ଧି ପାଉଛି।



## ନୂଆବର୍ଷରୁ ବଢ଼ିଯିବ ଗାଡ଼ିର ଦାମ୍

ନୂଆଦିଲ୍ଲୀ,୨୭।୧୨: ନୂତନ ବର୍ଷ ୨୦୨୬ ଆରମ୍ଭ ହେବା ସହିତ, ଭାରତରେ କାର୍ କିଣିବାକୁ ଯୋଜନା କରୁଥିବା ଲୋକଙ୍କୁ ଟିକେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ପ୍ରକୃତରେ, ଅନେକ ପ୍ରମୁଖ ଅଟୋ କମ୍ପାନୀ ସୂଚିତ କରିଛନ୍ତି ଯେ ଜାନୁଆରୀ ୨୦୨୬ରୁ ଯାନବାହାନ ମୂଲ୍ୟ ବୃଦ୍ଧି ପାଇପାରେ। ଏହା ସିଧାସଳଖ ଗ୍ରାହକମାନଙ୍କୁ ପ୍ରଭାବିତ କରିବ ଯେଉଁମାନେ ଏକ ନୂଆ କାର୍ କିମ୍ବା ବାଇକ କିଣିବାକୁ ଅପେକ୍ଷା କରିଥିଲେ।

କାର ନିର୍ମାଣରେ ବ୍ୟବହୃତ କଞ୍ଚାମାଲ, ଯେପରିକି ତମ୍ବା, ଆଲୁମିନିୟମ ଏବଂ କିଛି ଧାତୁର ମୂଲ୍ୟ ଗତ କିଛି ମାସ ମଧ୍ୟରେ ତୀବ୍ର ଭାବରେ ବୃଦ୍ଧି ପାଇଛି। ଏହି ଧାତୁଗୁଡ଼ିକ କାର୍ ଇଞ୍ଜିନ, ଇଲେକ୍ଟ୍ରୋନିକ ସିଷ୍ଟମ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଉପାଦାନରେ ବ୍ୟବହୃତ ହୁଏ। ଯେହେତୁ ଏହି ଧାତୁଗୁଡ଼ିକ ମଧ୍ୟରୁ ଅଧିକାଂଶ ଆମଦାନୀ କରାଯାଏ, ଯେତେବେଳେ ଡଲାର ମହଙ୍ଗା ହୁଏ, କମ୍ପାନୀଗୁଡ଼ିକର ଖର୍ଚ୍ଚ ଆହୁରି ବୃଦ୍ଧି ପାଏ। ସମ୍ପ୍ରତି, ଡଲାର ତୁଳନାରେ ଟଙ୍କା ଆହୁରି ଦୁର୍ବଳ ହୋଇଛି, ଯାହା ଆମଦାନୀକୁ ଅଧିକ ମହଙ୍ଗା କରିଦେଇଛି। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କମ୍ପାନୀଗୁଡ଼ିକ ସାଧାରଣତଃ ବର୍ଷ ଆରମ୍ଭରେ ମୂଲ୍ୟ ସଂଶୋଧନ କରନ୍ତି। ଏଥର ମଧ କିଛି କାରର ମୂଲ୍ୟ ପ୍ରାୟ ଦୁଇରୁ ତିନି ପ୍ରତିଶତ ବୃଦ୍ଧି ପାଇପାରେ। ତଥାପି, ବଜାରରେ ଏତେ ବ୍ରାଣ୍ଡ ଥିବାରୁ, କମ୍ପାନୀଗୁଡ଼ିକ ପାଇଁ ମୂଲ୍ୟ ବୃଦ୍ଧି କରିବା ସହଜ ହେବ ନାହିଁ। ତଥାପି, ଭଲ ଚାହିଦା ଏବଂ ପ୍ରବଳ ବୁକିଂ ଯୋଗୁଁ, କମ୍ପାନୀଗୁଡ଼ିକ ନିଶ୍ଚିତ ଯେ ଗ୍ରାହକମାନେ ମୂଲ୍ୟ ବୃଦ୍ଧି ପରେ ମଧ କାର କିଣିବେ। କିଛି କମ୍ପାନୀ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ ସେମାନେ ଜାନୁଆରୀରୁ ନୂତନ ମୂଲ୍ୟ ଲାଗୁ କରିବେ। ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ କହିଛି ଯେ ଏହାର ସମସ୍ତ ମଡେଲ ପ୍ରାୟ ଦୁଇ ପ୍ରତିଶତ ମହଙ୍ଗା ହେବ। ମର୍ସିଡିଜ-ବେଞ୍ଜ ଇଣ୍ଡିଆ ମଧ ଏହାର ସମସ୍ତ ମଡେଲର ମୂଲ୍ୟ ବୃଦ୍ଧି ଘୋଷଣା କରିଛି। ବିଏମଡବ୍ଲ୍ୟୁ ମୋଟରରାଡ ଇଣ୍ଡିଆ କହିଛି ଯେ ଏହା ଏହାର ମୋଟରସାଇକେଲର ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣ ବୃଦ୍ଧି କରିବ। ଏହା ବ୍ୟତୀତ, ଇଲେକ୍ଟ୍ରିକ ସ୍କୁଟର ନିର୍ମାତା ଆଥର ଏନର୍ଜି ମଧ ଏହାର ସମସ୍ତ ମଡେଲର ମୂଲ୍ୟ ବୃଦ୍ଧି କରିବାକୁ ଯୋଜନା କରୁଛି। କେବଳ କାର ନୁହେଁ, ବରଂ ବାଇକ ଏବଂ ଇଲେକ୍ଟ୍ରିକ ସ୍କୁଟର ମଧ ମହଙ୍ଗା ହୋଇପାରେ। ଇଲେକ୍ଟ୍ରୋନିକ ପାର୍ଟସର ମୂଲ୍ୟ ବୃଦ୍ଧି ଏବଂ ବିଦେଶୀ ମୁଦ୍ରାର ହ୍ରାସ ଏହାର ପ୍ରମୁଖ କାରଣ। ଆଗାମୀ ସମୟରେ, ଅଧିକ କମ୍ପାନୀ ମଧ ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇପାରନ୍ତି, ତେଣୁ ଯଦି ଆପଣ ଯାନ କିଣିବା ବିଷୟରେ ଚିନ୍ତା କରୁଛନ୍ତି ତେବେ ସମୟୋଚିତ ନିଷ୍ପତ୍ତି ନେବା ଲାଭଦାୟକ ହୋଇପାରେ।

## ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଭବ ସିଇଓ ଜୟଶ୍ରୀ ଉଲ୍ଲାଲ

ନୂଆଦିଲ୍ଲୀ, ୨୭।୧୨: ବିଦେଶରେ ଭାରତୀୟ ବଂଶୋଭବଙ୍କ ଦବଦବା ବଢ଼ିବାରେ ଲାଗିଛି। ଯେବେ ବି ଭାରତୀୟ ବଂଶୋଭବ ସିଇଓଙ୍କ କଥା ଆସେ, ସେତେବେଳେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କ ନାଁ ଆଗକୁ ଆସେ। ଏକଥା ସତ ଯେ, ଏହି ଦୁଇ ବ୍ୟକ୍ତି ଦୁନିଆର ଦୁଇଟି ଶକ୍ତିଶାଳୀ କମ୍ପାନିକୁ ଚଳାଉଛନ୍ତି। କିନ୍ତୁ ଭାରତୀୟ ବଂଶୋଭବ ସିଇଓଙ୍କ ତାଲିକାରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କୁ ଟପି ଯାଇଛନ୍ତି ଜୟଶ୍ରୀ ଉଲ୍ଲାଲ। ଆରିଷ୍ଟା ନେଟୱାର୍କସର ସଭାପତି ଏବଂ ସିଇଓ ଜୟଶ୍ରୀ ଉଲ୍ଲାଲ। ସଦ୍ୟତମ ହୁରୁନ୍ ରିପୋର୍ଟ ଅନୁଯାୟୀ, ଜୟଶ୍ରୀ ଉଲ୍ଲାଲଙ୍କ ସମ୍ପତ୍ତି ୫୦,୧୭୦ କୋଟି ଟଙ୍କାରେ ପହଞ୍ଚିଛି। ସତ୍ୟ ନାଡେଲା ଏବଂ ସୁନ୍ଦର ପିଚାଇଙ୍କୁ ଟପି ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଭବ CEO ହୋଇଛନ୍ତି ଜୟଶ୍ରୀ। ସତ୍ୟ ନାଡେଲାଙ୍କ ସମ୍ପତ୍ତି ପ୍ରାୟ ୯,୭୭୦ କୋଟି ଟଙ୍କା ଏବଂ ସୁନ୍ଦର ପିଚାଇଙ୍କ ସମ୍ପତ୍ତି ପ୍ରାୟ ୫,୮୧୦ କୋଟି ଟଙ୍କା।



### ବହୁ ପଛରେ ସତ୍ୟ ନାଡେଲା ଏବଂ ସୁନ୍ଦର ପିଚାଇ

ଏହି ପାର୍ଥକ୍ୟ ସିଲିକନ୍ ଭ୍ୟାଲିରେ ମଧ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଉଲ୍ଲାଲ ୨୦୦୮ ମସିହାରୁ କମ୍ପ୍ୟୁଟର ନେଟୱାର୍କିଂ କମ୍ପାନୀ ଆରିଷ୍ଟା ନେଟୱାର୍କସର ନେତୃତ୍ୱ ନେଉଛନ୍ତି। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ତାଙ୍କ ନେତୃତ୍ୱରେ କମ୍ପାନୀ ୨୦୨୪ରେ ୭ ବିଲିୟନ ଡଲାର ରାଜସ୍ୱ ହାସଲ କରିଛି। ଏହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଧିକ।

### ୨୦୨୫ ର ଶ୍ରେଷ୍ଠ ୧୦ ହୁରୁନ୍ ଇଣ୍ଡିଆ ଧନୀ ତାଲିକା

ଜୟଶ୍ରୀ ଉଲ୍ଲାଲ ତାଲିକାର ଶୀର୍ଷରେ ଅଛନ୍ତି। ବିଶ୍ୱ ସ୍ତରରେ ଭାରତୀୟ ବଂଶୋଭବ ସିଇଓଙ୍କ ପ୍ରଭାବ ବହୁତ ଅଧିକ। ଶ୍ରେଷ୍ଠ ୧୦ ଜଣ ଭାରତୀୟ ସିଇଓଙ୍କ ଉପରେ ନଜର ପକାନ୍ତୁ।

୧. ଜୟଶ୍ରୀ ଉଲାଲ (ଆରିଷ୍ଟା ନେଟୱାର୍କ): ୫୦୧୭୦ କୋଟି ଟଙ୍କା।
୨.ସତ୍ୟ ନାଡେଲା (ମାଇକ୍ରୋସଫ୍ଟ): ୯,୭୭୦ କୋଟି ଟଙ୍କା।
୩. ନିକେଶ ଆରୋରା (ପାଲୋ ଆଲ୍ଟୋ ନେଟୱାର୍କ): ୯,୧୯୦ କୋଟି ଟଙ୍କା।
୪. ଇଗନାଟିୟସ୍ ନାଭିଲ୍ ନୋରୋନ୍ହା (ଆଭେନ୍ୟୁ ସୁପରମାର୍ଟସ୍): ୬,୫୭୦ କୋଟି ଟଙ୍କା।
୫. ଅଜୟପାଲ ସିଂହ ବାଙ୍ଗା: ୫୯୭୦ କୋଟି ଟଙ୍କା।
୬. ଥୋମାସ କୁରିଏନ୍: ୫,୯୦୦ କୋଟି ଟଙ୍କା।
୭. ସୁନ୍ଦର ପିଚାଇ(ଗୁଗଲ): ୫୮୧୦ କୋଟି ଟଙ୍କା।
୮. ଇନ୍ଦ୍ରା ନୋଇ (ପେପ୍ସିକୋ): ୫୧୩୦ କୋଟି ଟଙ୍କା।
୯. ଶାନ୍ତନୁ ନାରାୟଣ (ଏଡୋବ ସିଷ୍ଟମ୍ସ): ୪୭୭୦ କୋଟି
୧୦. ଅଜିତ ଜୈନ (ୱାର୍କଶାୟାର ହାଥୱେ): ୨,୯୫୦ କୋଟି ଟଙ୍କା।

ଜୟଶ୍ରୀ ଉଲ୍ଲାଲ ୨୭ ମାର୍ଚ୍ଚ ୧୯୬୧ରେ ଲଣ୍ଡନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୫ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ପରିବାର ଭାରତ ଚାଲିଆସିଥିଲେ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଉଲ୍ଲାଲଙ୍କ ପିତା ଜଣେ ପଦାର୍ଥବିଜ୍ଞାନୀ ଥିଲେ ଏବଂ ଭାରତର ଶିକ୍ଷା ମନ୍ତ୍ରଣାଳୟରେ କାର୍ଯ୍ୟ କରୁଥିଲେ।

ଉଲ୍ଲାଲଙ୍କ ପିତା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି)ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ପିତାଙ୍କ କାର୍ଯ୍ୟ ପାଇଁ ସାନଫ୍ରାନସିସ୍କୋ ଯିବା ପୂର୍ବରୁ ନୂଆଦିଲ୍ଲୀର ଯୀଶୁ ଏବଂ ମେରୀ କନଭେଣ୍ଟରେ ଅଧ୍ୟୟନ କରିଥିଲେ। ତାଙ୍କର ଲିଙ୍କଡଇନ୍ ପ୍ରୋଫାଇଲରେ ଉଲ୍ଲେଖ ଅଛି ଯେ, ଉଲ୍ଲାଲ ସାନଫ୍ରାନସିସ୍କୋ ଷ୍ଟେଟ୍ ୟୁନିଭରସିଟିରୁ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ସେ ୧୯୮୬ ମସିହାରେ ସାଣ୍ଟା କ୍ଲାରା ୟୁନିଭରସିଟିରୁ ଇଞ୍ଜିନିୟରିଂ ମ୍ୟାନେଜମେଣ୍ଟରେ ମାଷ୍ଟର ଅଫ୍ ସାଇନ୍ସ ଡିଗ୍ରୀ ହାସଲ କରିଥିଲେ। ଏହି କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ ୨୦୨୫ ମସିହାରେ ଡକ୍ଟରେଟ୍ ଅଫ୍ ଇଞ୍ଜିନିୟରିଂ ପ୍ରଦାନ କରାଯାଇଥିଲା।

## ଚୀନରୁ ଭାରତ ଆସିବ ରେୟାର ଆର୍ଥ ମ୍ୟାଗନେଟ୍

### ଭାରତୀୟ କମ୍ପାନିଗୁଡ଼ିକୁ ଲାଇସେନ୍ସ ଦେଲା ଡ୍ରାଗନ୍

ନୂଆଦିଲ୍ଲୀ, ୨୭/୧୨: ଚୀନ୍‌ରୁ ପୁଣି ଥରେ ଭାରତ ଆସିବ ରେୟାର୍ ଆର୍ଥ ମ୍ୟାଗ୍ନେଟ୍। ଭାରତୀୟ କମ୍ପାନି ଏବଂ ଭାରତରେ କାର୍ଯ୍ୟ କରୁଥିବା ବିଦେଶୀ କମ୍ପାନିଗୁଡ଼ିକୁ ରେୟାର୍ ଆର୍ଥ ମ୍ୟାଗ୍ନେଟ୍ ରପ୍ତାନି ପାଇଁ ଲାଇସେନ୍ସ ପ୍ରଦାନ ଆରମ୍ଭ କରିଛି ଡ୍ରାଗନ୍। ସରକାରୀ ଅଧିକାରୀମାନଙ୍କ କହିବାନୁସାରେ, ଚୀନର ବାଣିଜ୍ୟ ମନ୍ତ୍ରାଳୟ ଲାଇସେନ୍ସ ଆବେଦନଗୁଡ଼ିକର ପ୍ରୋସେସିଂ ଏବଂ ମଞ୍ଜୁରି ଦେବା ଆରମ୍ଭ କରିଛି। ଗତ କିଛି ସମୟ ହେବ ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ଯୋଗାଣ ଅଟକାଇଥିଲା ଚୀନ୍। ଫଳରେ ଭାରତୀୟ ଅଟୋମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଚିନ୍ତା ମଧ୍ୟକୁ ଆସିଯାଇଥିଲା, ଯାହା ଏବେ ଧୀରେ ଧୀରେ ଦୂର ହୋଇପାରେ। ଲାଇସେନ୍ସ ପାଇଥିବା କମ୍ପାନିଗୁଡ଼ିକ ମଧ୍ୟରେ ଜୟ ଉଶିନ୍, ଜର୍ମାନୀଭିତ୍ତିକ ଅଟୋ ଯନ୍ତ୍ରାଂଶ ନିର୍ମାତା କଣ୍ଟିନେଣ୍ଟାଲ ଏଜିର ଭାରତୀୟ ୟୁନିଟ୍, ମହିନ୍ଦ୍ରା ଏବଂ ମାରୁତି ସୁଜୁକିର ଭେଣ୍ଡର୍ମାନେ ସାମିଲ ଅଛନ୍ତି। ତେବେ ଅଧିକାରୀମାନଙ୍କ କହିବାନୁସାରେ, ଏହା ଏବେ ଏକ ମନ୍ଥର ଆରମ୍ଭ କିନ୍ତୁ ପ୍ରକ୍ରିୟା ଆରମ୍ଭ ହେବା ଦ୍ୱାରା ଶିଳ୍ପକୁ ଆଶ୍ୱସ୍ତି ମିଳିଛି। ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ, ମେଡିକାଲ ଡିଭାଇସ୍ ଏବଂ ପ୍ରତିରକ୍ଷା ଶିଳ୍ପ ପାଇଁ ଅତ୍ୟନ୍ତ ଜରୁରୀ ହେଉଛି ରେୟାର୍ ଆର୍ଥ ମାଗ୍ନେଟ୍। ଇଲେକ୍ଟ୍ରିକ୍ ଯାନ(ଇଭି) ର ମୋଟର୍ସରେ ଏହାର ସବୁଠାରୁ ଅଧିକ ବ୍ୟବହାର ହୋଇଥାଏ। ବିଶ୍ୱରେ ରେୟାର୍ ଆର୍ଥ ମାଗ୍ନେଟ୍ ଉତ୍ପାଦନ ଏବଂ କ୍ଷମତାରେ ଚୀନ୍ ବର୍ତ୍ତମାନ ସବୁଠାରୁ ଆଗରେ ରହିଛି। ଏପ୍ରିଲ ୪ରୁ ଏହା ଏହି ମ୍ୟାଗ୍ନେଟ୍ଗୁଡ଼ିକର ରପ୍ତାନି ଉପରେ କଟକଣା ଲଗାଇଥିଲା, ଯାହାଦ୍ୱାରା ସମଗ୍ର ବିଶ୍ୱରେ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିଲା। ରେୟାର୍ ଆର୍ଥ ମାଟେରିଆଲ୍ସର ବ୍ୟବହାର ବିଶେଷକରି ଇ-ଯାନରେ କରାଯାଇଥାଏ। ଏହାର ଉପଯୋଗ ପର୍ମାମେଣ୍ଟ ମ୍ୟାଗ୍ନେଟ୍ ଇଲେକ୍ଟ୍ରିକ୍ ମୋଟର୍ସ ପାଇଁ କମ୍ପାକ୍ଟ ଏବଂ ହାଇ ପର୍ଫର୍ମାନ୍ସ ମ୍ୟାଗ୍ନେଟ୍ ବନାଇବା ପାଇଁ କରାଯାଇଥାଏ। ନିୟୋଡିମିୟମ, ଡିସ୍ପ୍ରୋସିୟମ ଏବଂ ଟେର୍ବିୟମ ଭଳି ତତ୍ତ୍ୱରେ ପ୍ରସ୍ତୁତ ଏହି ଚୁମ୍ବକ ମୋଟର୍ର ଛୋଟ, ହାଲୁକା ଏବଂ ଅନ୍ୟ ବିକଳ୍ପ ତୁଳନାରେ ଅଧିକ ପ୍ରଭାବୀ, ଯାହା ଇଭିର ରେଞ୍ଜ୍ ଏବଂ ପ୍ରଦର୍ଶନକୁ ଉନ୍ନତ କରିବାରେ ଜରୁରୀ। ଏଗୁଡ଼ିକର ବ୍ୟବହାର ଆଇସିଇଯୁକ୍ତ ଗାଡ଼ିରେ ଲାଗୁଥିବା କେଟେଲିକ୍ କନ୍ଭର୍ଟର ଭଳି ଅଟୋ ଉପକରଣରେ ବି କରାଯାଇଥାଏ। ଏହାବ୍ୟତୀତ ଇଭି ଏବଂ ଆଇସିଇ ଉଭୟ ପ୍ରକାର ଗାଡ଼ିରେ ଲାଗୁଥିବା ଅନେକ ସିଷ୍ଟମରେ ସେନ୍ସରରୁ ନେଇ ଡିସ୍ପ୍ଲେ ପର୍ଯ୍ୟନ୍ତ ଯନ୍ତ୍ରାଂଶରେ ଏହାର ବ୍ୟବହାର କରାଯାଇଥାଏ। ବିଶ୍ୱସ୍ତରରେ ରେୟାର୍ ଆର୍ଥ ଉପାଦାନର ଉତ୍ତୋଳନରେ ଚୀନ୍ର ଅଂଶ ପ୍ରାୟ ୭୦% ଏବଂ ଉତ୍ପାଦନରେ ୯୦% ରହିଛି। ନିକଟରେ ଆମେରିକା ସହ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଚୀନ୍ ୭ଟି ରେୟାର୍ ଆର୍ଥ ଧାତୁର ରପ୍ତାନି ଉପରେ ରୋକ୍ ଲଗାଇଥିଲା



# ବାଲ ଧନୁଯାତ୍ରାରେ ରଙ୍ଗସଭା: କମାଲ କଲେ ସତ୍ୟଜିତ



**ମଥୁରା ନଗରୀ,୨୭।୧୨ (ସଂଚାର ବ୍ୟୁରୋ):** ବରଗଡ଼ ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ବାଲ ଧନୁଯାତ୍ରାର ଦ୍ୱିତୀୟ ଦିବସରେ ମହାରାଜ କଂସଙ୍କ ଦରବାରରେ ରଙ୍ଗସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃଷ୍ଣଙ୍କ ନିଧନ ପାଇଁ ରଙ୍ଗସଭାରେ ମନ୍ତ୍ରଣା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ବିଭାଗର ୧୮ଟି ଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା ବିଭାଗର ସମସ୍ତ ରାଜା ରାଜ ଦରବାରରେ ଉପସ୍ଥିତ ରହି ଶତ୍ରୁ ବିନାଶ ପାଇଁ ଯୋଜନା ପ୍ରସ୍ତୁତି କରିଥିବା ନେଇ ମହାରାଜ କଂସଙ୍କୁ ଅବଗତ କରାଇଥିଲେ। ମହର୍ଷି ନାରଦଙ୍କ ଆଗମନ ଓ ଧନୁଯାତ୍ରା ଆୟୋଜନ ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ନକୁଳ ବାବୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶି, ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ନିର୍ଦ୍ଦେଶନାରେ କଂସ ଭୂମିକାରେ ଅଭିନୟ କରୁଥିବା ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଛାତ୍ରୀ ବର୍ଷା ରାଣୀ ପଟେଲଙ୍କ ଅଭିନୟ ଉଚ୍ଚକୋଟୀର ହୋଇଥିଲା। ଏହି ଅବସରରେ ସ୍କୁଲସ୍ତରୀୟ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାର ଜୁନିୟର ବିଭାଗରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ) ର ଛାତ୍ର ସତ୍ୟଜିତ ଖମାରୀ ପ୍ରଥମ, ଶିଶୁ ବିଦ୍ୟା ମନ୍ଦିର ହିନ୍ଦୀ ବିଭାଗର ଛାତ୍ର ସମରୀନ ଦାଶ ଦ୍ୱିତୀୟ ଏବଂ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ହର୍ଷିତ୍ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସତ୍ୟଜିତ କଂସ ଭୂମିକାରେ ଅଭିନୟ କରି ସମସ୍ତଙ୍କ ହୃଦୟ ଜିଣିଥିଲେ। ସେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ବରିଷ୍ଠ ବିଭାଗରେ ବରଗଡ଼ ପଞ୍ଚାୟତ କଲେଜ ଛାତ୍ର ଓମ ପ୍ରକାଶ ସାହୁ ପ୍ରଥମ ଓ ବୁଲୁ ମିଶ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଡଃ ତପସ୍ୱିନୀ ଗୁରୁ, ନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା,ସଞ୍ଜୟ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ।

# ସରକାରୀ କୋଠାରେ ବିତୁଛି ଅସହାୟ ମହିଳାଙ୍କ ଜୀବନ



**ବୈଶିଙ୍ଗା, ୨୭।୧୨(ସଂଚାର ବ୍ୟୁରୋ):** ପରିତ୍ୟକ୍ତ ସରକାରୀ କୋଠା ପାଲଟିଛି ଅସହାୟ ମହିଳାଙ୍କ ସ୍ଥାୟୀ ବାସସ୍ଥଳୀ। ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଏହି ପରିତ୍ୟକ୍ତ କୋଠାରେ ବିତୁଛି ତାଙ୍କ ଜୀବନ। ତାହା ପୁଣି ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ। ଅସହାୟ ମହିଳା ଜଣକ ହେଉଛନ୍ତି ମାଳତୀ ସିଂ। ଆଜିକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପ୍ରାଣୀ ଚିକିତ୍ସାଳୟ ଉଦ୍ଦେଶ୍ୟରେ ନିର୍ମିତ ଏକ ପରିତ୍ୟକ୍ତ କୋଠା ଘରେ ରହୁଛନ୍ତି।

କୋଠାଟି ଭୂତକୋଠି ପାଲଟି ଥିଲେ ବି ବିନା ଭୟରେ ଏକୁଟିଆ ଘରର ଦ୍ୱାରରେ ଏକ ଲୁଗା ଟାଙ୍ଗି ଦେଇ ହାଡ ଭଙ୍ଗା ଶୀତରେ ରହୁଛନ୍ତି। ହାଣ୍ଡି, ଡେକଚି କି କଡ଼ା ପାଖରେ ନଥିବାରୁ ଇଟା ଥାକ ଦିଆ ଚୁଲିରେ ପଖାଳ ଖିଆ ବେଲା ଦ୍ୱାରା ଯେତେକି ରୋଷେଇ ହୁଏ ସେତେକି ଖାଇ ବଞ୍ଚୁଛନ୍ତି। ମୂଲ ଲାଗିବା ସମ୍ଭବ ହେଉନଥିବାରୁ କାହାରି ଘରେ କେବେ କେମିତି ଲିପାପୋଛା କାମ କରିଦେଲେ ଖୁସିରେ ଯାହା ଖାଇବାକୁ ଦେଲେ ବା ୧୦/୫୦ ଟଙ୍କା ଦେଲେ ସେତିକିରେ ସେ ବେଶ ଖୁସି। କେଉଁଠାରୁ ଆସି ଏଠାରେ ଏତେବର୍ଷ ରହିଲେଣି ତାହା ବି ସେ ସ୍ପଷ୍ଟ କହିବାକୁ ଅସମର୍ଥ। ବାହାରୁ ଆସି ରହୁଥିଲେ ବି ଅବଶ୍ୟ ୧୦ କି.ଗ୍ରା. ସରକାରୀ ଚାଉଳ ତାଙ୍କୁ ମିଳିଯାଉଛି।

ଏପର୍ଯ୍ୟନ୍ତ ଭତ୍ତା ମିଳିପାରିନାହିଁ କି ସରକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ୍ୟ। ଉକ୍ତ ଅସହାୟ ମହିଳା ଜଣକ ଭୂମିହୀନ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି। ତାଙ୍କୁ କିଛି ପଚାରିଲେ ସ୍ପଷ୍ଟ ଉତ୍ତର ମିଳୁନଥିବାରୁ ମହିଳା ଜଣକ ଏକୁଟିଆ ରହି ରହି ଏପ୍ରକାର ଆଚରଣ କରୁଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ବିଭାଗୀୟ ଅଧିକାରୀମାନଙ୍କର ନଜର ପଡଲେ ହୁଏତ ମହିଳା ଜଣକ ସମ୍ମାନରେ ଜୀବନ ଜୀଇଁବାରେ ସଫଳ ହୁଅନ୍ତେ।

# ମୟୂରଭଞ୍ଜ ଜିଲ୍ଲାରେ ଖୋଲିଲା ଧାନମଣ୍ଡି



**ମୋରଡ଼ା,୨୭।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡି ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଇନ୍ସପେକ୍ଟର ଅଜିତ କୁମାର ବିଶ୍ୱାଳ, ଉପ ନିବନ୍ଧକ ଅଶୋକ କୁମାର ପାଣି, ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି, ଚିତ୍ରଡ଼ା ଲ୍ୟାମ୍ପ୍‌ସ ଏମ୍‌ଡି ବୀରପ୍ରସାଦ ଶମ୍ଭୁନାରାୟଣ ରାଠୋର, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମାର୍କେଟିଂ ଇନ୍ସପେକ୍ଟର ପ୍ରବୀର ପାତ୍ର ଏବଂ ବ୍ଲକ୍ ଅଧ୍ୟକ୍ଷ ପୀଥନାଥ ସୋରେନ ଯୋଗ ଦେଇଥିଲେ। ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାପାଳ ସୟ ଫିତାକାଟି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ମଡେଲ୍ ଲ୍ୟାମ୍ପ୍‌ସ କରାଯାଇ ସମସ୍ତ ସ୍ଥାନରେ ସିସିଟିଭି ଲଗାଯାଇଥିବାବେଳେ ତଦାରଖ ପାଇଁ ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ ଦାୟିତ୍ୱରେ ଅଛନ୍ତି ବୋଲି ଜିଲ୍ଲାପାଳ ସୟ କହିଥିଲେ। ପ୍ରଥମ ଦିନ ଚିତ୍ରଡ଼ା ଲ୍ୟାମ୍ପ୍‌ସ ମଣ୍ଡିରେ ଚାଷୀ ଚିତ୍ତରଞ୍ଜନ ମହାନ୍ତଙ୍କଠାରୁ ୭୫ କୁଇଣ୍ଟାଲ ଏବଂ ନଳିନିକାନ୍ତ ମହାନ୍ତଙ୍କଠାରୁ ୭୪ କୁଇଣ୍ଟାଲ ଧାନ କିଣା ଯାଇଥିଲା।

**ଏଏନଏମ ସୁପର ଭାଇଜର ହତ୍ୟା ଘଟଣାରେ ଧର୍ମଗଡ଼ ପୁଲିସର ସଫଳତା**

# ନାବାଳକ ସମେତ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ




**କଳାହାଣ୍ଡି, ୨୭।୧୨(ସଂଚାର ବ୍ୟୁରୋ):** ଚଳିତ ମାସର ୨୨ ତାରିଖ ସୋମବାର ଦିନ ଧର୍ମଗଡ଼ ଥାନା ଅନ୍ତର୍ଗତ ଗଡ଼ିଆଯୋର ଗାଁ ରେ ଜଣେ ଅବସର ପ୍ରାପ୍ତ ଏଏନଏମ ସୁପର ଭାଇଜର ଙ୍କୁ ଦୁର୍ବୃତ୍ତ ମାନେ ହତ୍ୟା କରିଥିଲେ।ଏହି ଘଟଣା କୁ କେନ୍ଦ୍ରକରି ଧର୍ମଗଡ଼ ପୋଲିସ ତଦନ୍ତ ଜାରି ରଖିଥିଲା।ଘଟଣା ଦିନ ଉକ୍ତ ସ୍ଥାନକୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲେ।ଏପରିକି ଖବର ପରେ କଳାହାଣ୍ଡି ଏସପି ଘଟଣା ସ୍ଥଳକୁ ଆସି ସରଜମିନ ତଦନ୍ତ କରିଥିଲେ।ତଦନ୍ତ ର ୪-୫ ଦିନ ପରେ ପୋଲିସ ହତ୍ୟାକାରୀଙ୍କୁ ଠାବ କରିବାରେ ସଫଳତା ହୋଇପାରିଛି।ଏହି ଘଟଣା ରେ ଜଣେ ନାବାଳକ ସମେତ ଅଭିଯୁକ୍ତ କାହ୍ନୁ ଚରଣ କର(୨୮)ପିତା-ଚକ୍ରଧର କର ଓ ସ୍ୱର୍ଣ୍ଣକାର ମହେନ୍ଦ୍ର ମେହର(୫୦) ପିତା-ସାଧୁ ମେହେର ଙ୍କୁ ଗିରଫ କରି ଶୁକ୍ରବାର ଧର୍ମଗଡ଼ କୋର୍ଟକୁ ଚାଲାଣ କରାଯାଇଛି।ଅଭିଯୁକ୍ତ ମାନଂକୁ ହତ୍ୟା ଘଟଣାରେ ସଂଶ୍ଳିଷ୍ଟ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ ସୂତ୍ରରୁ ପ୍ରକାଶ ହୋଇଛି।ପ୍ରକାଶ ଥାଉ କି ମୃତ ଏଏନଏମ ସୁପର ଭାଇଜର ଙ୍କ ନାମ ସୁଚିତ୍ରା ଖୁଣ୍ଟିଆ ହୋଇଥିବା ବେଳେ ସେ ଗତ ଡିସେମ୍ବର ୨୦୨୪ ରେ ଅବସର ଗ୍ରହଣ କରି ଗଡ଼ିଆଯୋର ଗ୍ରାମରେ ଏକ ଘରକରି ରହି ଆସୁଥିଲେ।ଗତ ୨୨ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ମାନେ ଘର ଭିତରେ ପଶି ସୁନା ଅଳଙ୍କାର ଲୁଟ କରିବା ସହ ଧରା ପଡ଼ିଯିବା ଭୟରେ ମହିଳାଙ୍କ ଗାମୁଛାରେ ହିଁ ତାଙ୍କୁ ତଣ୍ଟି ଚିପି ହତ୍ୟାକରି ତାଙ୍କର ସ୍କୁଟି ନେଇ ଫେରାର ହୋଇ ଯାଇଥିଲେ। ହେଲେ ପେଟ୍ରୋଲ ସରିଯିବା ଯୋଗୁଁ ସ୍କୁଟିକୁ ଘଟଣା ସ୍ଥଳରୁ ପ୍ରାୟ ୭ କିଲୋମିଟର ବାଟରେ ଛାଡି ପଳାଇଯାଇଥିଲେ।ଏନେଇ ଧର୍ମଗଡ଼ ଥାନାରେ କେଶ ନଂ- ୩୮୭/୨୦୨୫, ୩୩୧(୪), ୩୦୫, ୧୦୩(ସି୧)୩୦୯(ସି୬)୩୧୭ (ସି)୨ ଦଫା ରେ ଅଭିଯୁକ୍ତ ମାନଂକୁ କେଶ ମାମଲା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଦର୍ଶନ ନାୟକ ଙ୍କ ଠାରୁ ପ୍ରକାଶ।ଅନ୍ୟ ଜଣେ ନାବାଳକ କୁ ଭବାନୀପାଟଣା ଚାଇଲଡ କୋର୍ଟ କୁ ପଠା ଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ଧର୍ମଗଡ଼ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଲ୍ୟାମ୍ପ୍‌ସରେ ଧାନ ମଣ୍ଡି ଖୋଲିଲା



**ବୈଶିଙ୍ଗା,୨୭।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ବହୁମୁଖୀ ସମବାୟ ସମିତି ଲ୍ୟାମ୍ପ୍ସ ପକ୍ଷରୁ ଧାନ କ୍ରୟ ଉଦ୍ଦେଶ୍ୟରେ ମଣ୍ଡି ଖୋଲିଛି। ଏହି ଅବସରରେ ଶୁକ୍ରବାର ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଡିଆରସିଏସ୍ ଅଶୋକ କୁମାର ପାଣି, ସିନିଅର ଏଆରସିଏସ୍ ତୁଷାର କାନ୍ତି ମହାନ୍ତି, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ସମବାୟ ସମିତି ସଭାପତି ଶତ୍ରୁଘ୍ନ ସିଂ, ପରିଚାଳନା ନିର୍ଦ୍ଦେଶକ ଶାନ୍ତାଗୌରୀ ପରିଡ଼ା, ଯୋଗାଣ ନିରୀକ୍ଷକ ଅଶୋକ ବେହେରା, ପରିଚାଳନା କମିଟିର ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚତୁର୍ଭୁଜ ପୁଷ୍ଟି ଙ୍କ ସହିତ ଭାଗବତ ମହାନ୍ତ, ପ୍ରଫୁଲ୍ଲ ଦାସ, ଅବନ୍ତି ପ୍ରଧାନ ପ୍ରମୁଖ ଚାଷୀମାନେ ମଧ ଉପସ୍ଥିତ ଥିଲେ। ତେବେ ଚଳିତବର୍ଷ ଏ ଯାଏ ୩୬୪୭ ଜଣ ଚାଷୀ ଏହି ସମବାୟ ସମିତିରେ ଅନଲାଇନ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ଖରିଫ ଚାଷୀ ମାନଙ୍କ ଠାରୁ ମୋଟ୍ ୯୧ କୁଇଣ୍ଟାଲ ଧାନ ଏହି ମଣ୍ଡିରେ କିଣା ଯାଇଥିବା ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ




**ସୁବର୍ଣ୍ଣପୁର, ୨୭।୧୨(ସଂଚାର ବ୍ୟୋରୋ):** ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଜନତା ଦଳ ର ଜିଲାସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ସୋନପୁର ସହରର ଟାଉନ୍ ହଲ୍ ଠାରେ ବିଜେଡି ଜିଲ୍ଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କର୍ମଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ଏଥିରେ ସୋନପୁର ବିଧାୟକ, ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦାନ କରିଥିଲେ। ନିରଞ୍ଜନ ପୂଜାରୀ କହିଥିଲେ ୧୯୯୭ ଡିସେମ୍ବର ୨୬ରେ ବିଜେଡି ପ୍ରତିଷ୍ଠା ହୋଇଥିଲା। ଓଡିଶାବାସୀଙ୍କ ଆଶୀର୍ବାଦ ରୁ ବିଜେଡି ପାଞ୍ଚ ପାଞ୍ଚ ଥର କ୍ଷମତାକୁ ଆସି ସେବା କରିବାର ସୁଯୋଗ ପାଇଛି। ବିକାଶ ଓ ସେବା ଆମ ମୂଳ ପରିଚୟ। ଗତ ୨୪ ବର୍ଷ ମଧ୍ୟରେ ବିଜେଡି ସରକାର ଓଡ଼ିଶାକୁ ଏକ ସମୃଦ୍ଧ ଓ ସଶକ୍ତ ରାଜ୍ୟର ପରିଚୟ ଦେଇପାରିଛି। ଲୋକଙ୍କ ଭଲପାଇବା ଓ କର୍ମୀଙ୍କ ପରିଶ୍ରମ ଯୋଗୁଁ ବିଜେଡି ଭାରତ ବର୍ଷରେଏକ ମଜଭୁତ ଆଞ୍ଚଳିକ ଦଳ ଭାବେ ପ୍ରତିଷ୍ଠା ପାଇଛି। କେନ୍ଦ୍ର ଓ ରାଜ୍ୟର ଭାଜପା ସରକାର ସବୁଥିରେ ଫେଲ ମାରିଛି। ଅଳ୍ପ ଦିନରେ ଲୋକେ ସବୁ କଥା ବୁଝିସାରିଲେଣି। ବିଜେଡିର ଭବିଷ୍ୟତ ଉଜ୍ଜ୍ୱଳ। ଲୋକଙ୍କ ହକ୍ ପାଇଁଦଳ ଲଢିଆସିଛି, ଆଗକୁବି ଲଢିବ ବୋଲି ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି। ବିକାଶ, ସେବା ଆମର ପରିଚୟ ବିଧାୟକ ନିରଞ୍ଜନ ପୂଜାରୀ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ। ବିଜେଡି ଜିଲ୍ଲା ସଭାପତିସରୋଜ କର୍ମକହିଥିଲେ। ନବୀନଙ୍କ ଶାସନ ସମୟରେ ରାଜ୍ୟରେ ଗରିବୀ କମିଛି। ଗ୍ରାମାଞ୍ଚଳ, ସହରାଞ୍ଚଳ ଭିତ୍ତିଭୂମିର ବିକାଶ ଘଟିଛି। ମା’ମାନେ ସ୍ୱାବଲମ୍ବୀ ହୋଇଥିଲେ। ତେଣୁ କର୍ମୀମାନେ ତୃଣମୂଳସ୍ତରକୁ ଯାଇ ଦଳକୁ ମଜଭୁତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମାରୋହରେ ଅଭିମନ୍ୟୁ କୁଶଳ, ସୋନପୁର ପୌର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ଜିଲ୍ଲା ପରିଷଦ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ଓ କିଶୋର ହୋତା ମଞ୍ଚାସୀନ ଥିଲେ। ଜିଲ୍ଲା ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସଜେଇ ହେଉଛି ଦାରିଙ୍ଗବାଡ଼ି: ଶୀତ ମହୋତ୍ସବ ପାଇଁ ବଢୁଛି ଉତ୍କଣ୍ଠା

**ଦାରିଙ୍ଗବାଡି,୨୭।୧୨(ସଂଚାର ବ୍ୟୋରୋ):** ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଆସନ୍ତା ୮ଠାରୁ ୧୧ ପର୍ଯ୍ୟନ୍ତ ଶୀତ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।ଏଥିପାଇଁ ଦାରିଙ୍ଗବାଡି ଚଳ ଚଞ୍ଚଳ ହୋଇପଡିଛି। ଏବେଠାରୁ ଦାରିଙ୍ଗବାଡି ସଜେଇ ହେବା ଆରମ୍ଭ ହୋଇଛି। ମହୋତ୍ସବ ପଡିଆ ଓ ମଞ୍ଚର ମରାମତି କରାଯିବା ପାଇଁ ବିଡ଼ିଓ ପ୍ରୀତିରଞ୍ଜନ ରଥ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ମରାମତି କାର୍ଯ୍ୟ ଜୋରଦାର କରାଯାଉଛି। ଦାରିଙ୍ଗବାଡି ଶୀତ ମହୋତ୍ସବ କମିଟିର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ନେତୃତ୍ୱରେ କମିଟିର କୋଷଧ୍ୟକ୍ଷ ତଥା ତହସିଲଦାର ଧୀରୋଜ ପାତ୍ର, ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଦାରିଙ୍ଗବାଡି ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ,ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ସହକାରୀ ଯନ୍ତ୍ରୀ ତୁଷାର ସେଠି,କନିଷ୍ଠ ଯନ୍ତ୍ରୀ ଧିରେନ ସେଠି, ଓକିଲ ସଙ୍ଘ ର ସଭାପତି ପ୍ରଦୀପ ସାହୁ, ଖ୍ରୀଷ୍ଟିୟାନ ଜନକଲ୍ୟାଣ ସମିତିର ସଭାପତି ସୁନୀଲ ପ୍ରଧାନ, ତିଆଡ଼ି ନାୟକ, ଭାଜପା ମଣ୍ଡଳ ସଭାପତି ମିଟୁ ସାହୁ, ବ୍ରାହ୍ମଣୀଗାଁ ମଣ୍ଡଳ ସଭାପତି ଗଣେଶ ଡାକୁଆ ଓ ତାଙ୍କ ଦଳ, ଭାଜପା ଜିଲା ସମ୍ପାଦକ ଅଜିତ ସାହୁ, ଜିଲା ଉପସଭାପତି ସନ୍ତୋଷ ସାହୁ ଙ୍କ ସମେତ ବିଭିନ୍ନ ଦଳଓ ଅନୁଷ୍ଠାନ ର କର୍ମକର୍ତ୍ତା ଓ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଶତାଧିକ କର୍ମକର୍ତ୍ତା ଏହି ମହୋତ୍ସବ କୁ ସଫଳ କରିବା ପାଇଁ ମୁଖ୍ୟ କମିଟି ଓ ଉପ କମିଟି ଗଠନ କରି ପରିଚାଳନା ଓ ଦୈନିକ ସମୀକ୍ଷା କରୁଛନ୍ତି।

# ଆମ୍ବେଦକର ଭବନ ଉଦ୍‌ଘାଟନ କଲେ ରାଜ୍ୟସଭା ସାଂସଦ



**ଲାଞ୍ଜିଗଡ଼,୨୭।୧୨(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ନବନିର୍ମିତ ଆମ୍ବେଦକର ଭବନକୁ ଆଜି ଉଦଘାଟନ କରିଛନ୍ତି ରାଜ୍ୟସଭା ସାଂସଦ ସୁଜିତ କୁମାର।ରାଜ୍ୟସଭା ସାଂସଦ ପାଣ୍ଠିରେ ନିର୍ମିତ ଏହି ନବନିର୍ମିତ ଗୃହକୁ ଆଜି ସାଂସଦ ଶ୍ରୀ କୁମାର ଉଦଘାଟନ କରିଥିଲେ। ସାଂସଦଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକଙ୍କ ସହିତ ବିଡିଓ ଶଶାଙ୍କ ପାତ୍ର, କନିଷ୍ଠ ଯନ୍ତ୍ରୀ ସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଉପଦେଷ୍ଟା ମନୋହର ହରପାଲ, ବ୍ଲକ ଶାଖା ସଭାପତି ଜଗଦୀଶ ବେନିଆ, କାର୍ଯ୍ୟକାରୀ ସଭାପତି ହରିହର କୁମାର, ସୁଶୀଲ କୁମାର ବାଗ, ଗୋପାଳଦାସ ମହାନନ୍ଦଙ୍କ ସହିତ କିଶୋର ହରପାଲ, ମନୋରଞ୍ଜନ ବିଶି, ତରୁଣ କୁମାର ଦାସ, ଶୁକ୍ରୁ ମାଝୀ, ତ୍ରିନାଥ ପାତ୍ର, ତୁଳସୀ ମାଝୀ, ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଭାରିଯାନ ଚଳାଚଳ ପାଇଁ ରାସ୍ତା ଫାଟି ଆଁ





**ବୈଶିଙ୍ଗା,୨୭।୧୨(ସଂଚାର ବ୍ୟୋରୋ):** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ କାର୍ଯ୍ୟ ୫୦ ବର୍ଷ ଧରି କଚ୍ଛପ ଗତିରେ ଚାଲିବା ସହିତ ହଜାର ହଜାର କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ ଜଳର ଦେଖା ଦର୍ଶନ ନାହିଁ କି ଚାଷ ହିଁ ନାହିଁ। ମାତ୍ର ନିର୍ମାଣ ନାମରେ ଗାଁ ଗଣ୍ଡା ର ରାସ୍ତା ଖରାପ ହେବା, ଗୋଚର ଜମିକୁ ଖୋଳି ଦେବା ଯୋଗୁଁ ଜନ ସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିଭଳି ଏକ ସ୍ପର୍ଶ କାତର ଘଟଣା ଘଟିଛି ବୈଶିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଜାମନଣ୍ଡା ଏବଂ ସନ୍ତରା ପଞ୍ଚାୟତ ଅଧିନ ଜୁଗୁପୁରା ଗ୍ରାମରେ।

ସ୍ୱାଧୀନତା ପର ଠାରୁ ଜାମନଣ୍ଡା ଗ୍ରାମକୁ ରାସ୍ତା ନ ଥିବା ବେଳେ ବହୁ ଦାବି ପରେ ୨୦୨୩-୨୪ ରେ ଦୁଇ ପଞ୍ଚାୟତକୁ ନେଇ କଙ୍କ୍ରୀଟ ରାସ୍ତାଟିଏ ନିର୍ମାଣ ହୋଇ ପାରିଥିଲା। ସେହି ରାସ୍ତା ଉପରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ର ୫୦ଟନ୍ ର ହେଭି ଡମ୍ପର ଚାଲିବା ଯୋଗୁଁ ରାସ୍ତା ଫାଟି ଆଁ ହୋଇ ଯାଇଛି। ବାରମ୍ବାର ଗ୍ରାମବାସୀ ବିରୋଧ କରିବା ପରେ ମଧ ଠିକାଦାରଙ୍କ ଏହି ଭାରି ଯାନ ଚାଲୁ ରହିଥିଲା। ଆଜି ଶନିବାର ଗ୍ରାମବାସୀ ମାନେ ଏକଜୁଟ ହୋଇ କେନାଲ କାର୍ଯ୍ୟ ବନ୍ଦ କରିବା ସହିତ ଠିକାଦାର ରାମେଶ୍ୱର ମିଶ୍ର (କଟନନା) ଙ୍କ ଡକାଇ ଚେତାବନୀ ଦେବା ସହିତ ମରାମତି କରିବା ପାଇଁ ଦାବି କରିଥିଲେ। ଏହି ଖବର ପାଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର (ମଣ୍ଟୁ) ଏହି ରାସ୍ତା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଏହି ରାସ୍ତା ମରାମତି ନ କରିଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହିତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ତେଲଙ୍ଗାନାରେ ଓଡ଼ିଆ ଯୁବତୀକୁ ବଳାତ୍କାର ପରେ ହତ୍ୟା



**ମାମଲାକୁ ଚପାଇ ଦେବାକୁ ଉଦ୍ୟମ**

**କଳାହାଣ୍ଡି,୨୭।୧୨(ସଂଚାର ବ୍ୟୋରୋ):** ତେଲଙ୍ଗାନାରେ ଦାଦନ ଖଟୁଥିବା ଜଣେ ୧୯ ବର୍ଷୀୟା ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣା ପଡ଼ିଛି। ମୃତ ଯୁବତୀ ଜଣକ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ହୋଇଥିବାବେଳେ ଯୁବତୀ କୁ ହତ୍ୟା କରି ଘଟଣା କୁ ଚପାଇ ଦେବାକୁ ଉଦ୍ୟମ ହେଉଛି। ଏହି ଘଟଣାକୁ କେନ୍ଦ୍ରକରି ଠିକାଦାର ଜଣକ ପରିବାର ଉପରେ ପ୍ରବଳ ଚାପ ପକାଉଥିବା ଜଣା ପଡ଼ିଛି।

ଅନ୍ୟପଟେ ସୂଚନା ପାଇ ସେଠାକାର ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଶବକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଖବର ମୁତାବକ ଯୁବତୀ ଏବଂ ତାଙ୍କ ମା’ବାପା, ଭାଇ କିଛିମାସ ତଳେ ତେଲଙ୍ଗାନା ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେମାନେ ଜଣେ ଠିକାଦାରଙ୍କ ଇଟାଭାଟିରେ କାମ କରୁଥିଲେ। ଯୁବତୀ ଜଣକ ଶୁକ୍ରବାର ସକାଳେ ଇଟାଭାଟି ନିକଟରେ ପ୍ରବାହିତ ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ।ବିଳମ୍ବ ହେବାରୁ ପରିବାର ଲୋକେ ଖୋଜଖୋଜି କରିଥିଲେ। ନଦୀ ନିକଟ ପୋଲ୍ ପାଖରେ ଏକ ନିଛାଟିଆ ଜାଗାରେ ତାଙ୍କର କ୍ଷତାକ୍ତ ମୃତଦେହ ପଡ଼ିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ସୂଚନା ପାଇ ସ୍ଥାନୀୟ ପୁଲିସ୍ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ଅନ୍ୟପଟେ ଏହି ଘଟଣାକୁ ଆଗକୁ ନ ବଢ଼ାଇବାକୁ ଠିକାଦାର ମୃତ ଯୁବତୀଙ୍କ ଙ୍କ ପରିବାର ଲୋକଙ୍କ ଉପରେ ପ୍ରବଳ ଚାପ ପକାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମାମଲାକୁ ରଫାଦଫା କରିଦେବାକୁ ଠିକାଦାର ଜଣକ ଷଡ଼ଯନ୍ତ୍ର କରୁଥିବା ଜଣା ପଡ଼ିଛି। ଏଭଳି ଅଭାବନୀୟ ଘଟଣା ପରେ ପରିବାର ଲୋକେ ସେଠାରେ ଭୟଭୀତ ଅବସ୍ଥାରେ ରହିଛନ୍ତି।

ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ମଧ ରହିଛି। ଏଭଳି ହୃଦୟ ବିଦାରକ ଘଟଣାରେ ଓଡ଼ିଶା ସରକାର ଏବଂ ପୁଲିସ୍ ପ୍ରଶାସନ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

# ସର୍ବଭାରତୀୟ ଓପନ କରାଟେରେ ଭାଗନେବାକୁ କଳାହାଣ୍ଡିର ୯ ଛାତ୍ରୀଛାତ୍ରଙ୍କ ଭୁବନେଶ୍ୱର ଗସ୍ତ



**ଲାଞ୍ଜିଗଡ଼,୨୭।୧୨(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ ଜଣ କରାଟେ ଛାତ୍ରୀଛାତ୍ର ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଭାଗ ନେବା ପାଇଁ ଶନିବାର ଭୁବନେଶ୍ୱର ଗସ୍ତ କରିଛନ୍ତି। ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ପ୍ରତିଯୋଗିତା ହେବ।ପ୍ରତିଯୋଗୀମାନେ ହେଲେ ବାଳକ ବିଭାଗର ୧୩ ବର୍ଷରୁ କମ୍ ବର୍ଗରେ ସ୍ୱୟଂମ ଓଡ଼ିଆ, ପୁଷ୍ପେନ୍ଦୁ ବିଶ୍ୱାଳ, ଆର୍ଶୀବାଦ ବାଡତିଆ ରହିଥିବା ବେଳେ ୧୮ ରୁ କମ୍ ବର୍ଷ ବର୍ଗରେ ହିତେଶ ମହାଖୁଡ଼, ଲୋକେଶ ବିଶ୍ୱାଳ, କିରନ ବେମାଲ ଓ ଗଙ୍ଗାଧର ମଲ୍ଲିକ ରହିଛନ୍ତି। ସେହିପରି ବାଳିକା ବିଭାଗର ୧୪ରୁ କମ୍ ବର୍ଗରେ କୁସୁମପ୍ରଭା ମାଝୀ, ୧୭ରୁ କମ୍ ବର୍ଗରେ ଅର୍ପିତା ବାଡ଼ତିଆ ରହିଛନ୍ତି।ଲାଞ୍ଜି ଞ୍ଜିଗଡ଼ କରାଟେ କୋଚ ସନପାଇ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଭୁବନେଶ୍ୱର ଗସ୍ତ କରିଛନ୍ତି। ପ୍ରତିଯୋଗୀମାନଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷା ଡ. ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ୍ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲା ତଥା ଲାଞ୍ଜିଗଡ଼ ଅଞ୍ଚଳବାସୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# କୁର୍ମି କ୍ଷତ୍ରୀୟ ପ୍ରଦେଶ ସଂସ୍ଥାର ମହିଳା ସମ୍ମିଳନୀ

**ଭଞ୍ଜନଗର,୨୭।୧୨(ସଂଚାର ବ୍ୟୋରୋ):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ତିଳିସିଙ୍ଗିଠାରେ ଚାଲିଥିବା ନିଖିଳ ଉତ୍କଳ କୁର୍ମି କ୍ଷତ୍ରୀୟ ପ୍ରଦେଶ ମହାସଭା ଶନିବାର ତୃତୀୟ ଦିବସରେ ପହଞ୍ଚିଛି। ରବିବାର ମହାସଭା ଉଦଯାପିତ ହେବ। ଏହା ପୂର୍ବରୁ ଶନିବାର ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ଏହିଭଳି ମହିଳା ସମାବେଶ ରାଜ୍ୟରେ ପ୍ରଥମ ଥର ପାଇଁ ହୋଇଛି। ମହିଳା ମାନଙ୍କୁ ଶିକ୍ଷା, ରାଜନୀତି ପ୍ରମୁଖ କ୍ଷେତ୍ରରେ ଆଗକୁ ଆଣିବା ପାଇଁ ଏତେବଡ ମହିଳା ସମ୍ମିଳନୀ ଅୟୋଜନ ହୋଇଥିଲା। ରାଷ୍ଟ୍ରୀୟ ମହିଳା ଅଧ୍ୟକ୍ଷା ଲତା ଋଷି ଚନ୍ଦ୍ରକର ଆଜିର କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ସମାବେଶରେ ରାଷ୍ଟ୍ରୀୟ ମହିଳା କୋଷାଧ୍ୟକ୍ଷା ମମତା ଏସ.ପଟେଲ, ପ୍ରଦେଶ ମହିଳା ସଭାନେତ୍ରୀ ମହେଶ୍ୱତା ନାୟକ, କବିସୂର୍ଯ୍ୟନଗର ର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଧର୍ମପତ୍ନୀ ତଥା ସାମାଜିକ କର୍ମୀ ମଧୁସ୍ମିତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ବାର୍ଷିକୋତ୍ସବ

**‘କୌଣସି ଛାତ୍ର ଛାତ୍ରୀ ଗଧ ନୁହଁନ୍ତି- ‘ପ୍ରତିଭା କୁ ଖୋଜିବା ଶିକ୍ଷକଙ୍କ ଗୁରୁଦାୟିତ୍ୱ**



**ସୁବର୍ଣ୍ଣପୁର,୨୭।୧୨(ସଂଚାର ବ୍ୟୋରୋ):** ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ୧୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ସମ୍ମାନୀତ ଅତିଥି ଶ୍ରୀ ଉମାକାନ୍ତ ନାଗ, ଅଧାପକ, ସୋନପୁର ମହାବିଦ୍ୟାଳୟ, ଶ୍ରୀ କରୁଣାକାର ନନ୍ଦ, ନିର୍ଦ୍ଦେଶକ, ପଦାର୍ଥ ବିଜ୍ଞାନ ଅନୁଷ୍ଠାନ, ଭୁବନରଶ୍ୱର, ମୁଖ୍ୟବକ୍ତା ଡ. ଜ୍ୟୋତିରଞ୍ଜନ ବହିଦାର, ଅବସର ପ୍ରାପ୍ତ ଶିକ୍ଷା ଅଧାପକ, ସୋନପୁର ମହାବିଦ୍ୟାଳୟ, ଏବଂ ବିଦ୍ୟାଳୟର ସଂପାଦିକା ଶ୍ରୀମତୀ ଜ୍ୟୋସ୍ନାଞ୍ଜଳି ସାହୁ ମୋହଦୟା ମଂଚାସୀନ ଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଲାଭ କରିଥିବା ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। “ଶିକ୍ଷାର ସଫଳତା ଛାତ୍ରଛାତ୍ରୀ ମାନଙ୍କର ଶୃଙ୍ଖଳା ଓ ଶିକ୍ଷକଙ୍କ ସମର୍ପିତ ମନୋଭାବ ହିଁ ନିର୍ଭର କରେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କୌଣସି ଛାତ୍ର ଛାତ୍ରୀ ଗଧ ନୁହଁନ୍ତି ପ୍ରତ୍ୟେକ ଛାତ୍ର ଛାତ୍ରୀ ଙ୍କ କିଛି ନା କିଛି ପ୍ରତିଭା ରହିଛି, ତାକୁ ଖୋଜି ବାହାର କରିବା ଶିକ୍ଷକ ମାନଙ୍କ ଗୁରୁ ଦାୟିତ୍ୱ ଅଟେ ବୋଲି ମୁଖ୍ୟ ବକ୍ତା ଡ଼ଃ ଜ୍ୟୋତି ରଞ୍ଜନ ବହିଦାର କହିଥିଲେ।

SANCHAR
ସଂଚାର ରବିବାର ୨୮ ଡିସେମ୍ବର ୨୦୨୫

# ସ୍ୱାସ୍ଥ୍ୟ



# ଜଙ୍କଫୁଡ୍ ଓ ମେଦବହୁଳତା



ବିଦ୍ୟାଳୟ ପରେ ଏବେ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ବନ୍ଦ ହେବ ଜଙ୍କ୍ ଫୁଡ୍। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍‌ରେ ଜଙ୍କ୍ ଫୁଡ୍ ପ୍ରସ୍ତୁତ କିମ୍ବା ବିକ୍ରୟ ଉପରେ ରୋକ ଲଗାଯାଇଛି। ଏଥିସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଏ ବିଷୟରେ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ନିକଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶର ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱତନ୍ତ୍ର ଗାଇଡ଼ଲାଇନ୍ ମଧ୍ୟ ଜାରି ହୋଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ କ୍ୟାମ୍ପସ୍‌ରେ ଏ ବିଷୟରେ ସଚେତନ କରିବା ସହ ଅଧୀନରେ ଥିବା କଲେଜଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଜଙ୍କଫୁଡ୍ ଖାଇବା ଦ୍ୱାରା ଛାତ୍ରଛାତ୍ରୀ ଭବିଷ୍ୟତରେ ଲିଭର ଜନିତ ଯାବତୀୟ ସମସ୍ୟା, ଡାଇବେଟିସ୍, ହାଇପରଟେନସନ, ଡିସ୍‌ଲିପିଡିମିଆ ଓ ମେଦବହୁଳତା ପରି ରୋଗରେ ଆକ୍ରାନ୍ତ ହେଉଛନ୍ତି, ଯାହାକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପାଇଁ ଚିନ୍ତାର ବିଷୟ ପାଲଟିଛି। ମନ୍ତ୍ରାଳୟ ପକ୍ଷରୁ ସାରା ଦେଶରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ୧୦ରୁ ୨୦ ବର୍ଷ ବୟସରେ ପିଲାମାନେ ଅତ୍ୟଧିକ ଜଙ୍କଫୁଡ୍ ଖାଇବା ଦ୍ୱାରା ଏଭଳି ରୋଗରେ ପଡ଼ୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ, ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଓ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ମିଳିତ ଭାବେ ଜଙ୍କଫୁଡ୍ ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ୨୦୨୨ରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବା ପରେ କାଉନ୍‌ସିଲ ଫର ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେସନ ପ୍ରଥମେ ୨୦୨୨ରେ ନିୟମକୁ ଲାଗୁ କରିଥିଲା।

ଚଳିତବର୍ଷ ଆରମ୍ଭରୁ ସେଣ୍ଟ୍ରାଲ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେସନ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଉ ଏବେ ୟୁଜିସି ପକ୍ଷରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜଙ୍କଫୁଡ୍ ବାରଣ ହୋଇଛି। ୟୁଜିସି ପକ୍ଷରୁ କୁହାଯାଇଛି ଯେ ଜଙ୍କଫୁଡ୍ ବଦଳରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ପ୍ରସ୍ତୁତ ଉପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ପିଲାଙ୍କ ପାଇଁ ଏଭଳି ଖାଦ୍ୟ ପ୍ରସ୍ତୁତ କରାଯିବା ଯାହା ସେମାନଙ୍କ ମାନସିକତାରେ ବିକାଶ ଆଣିପାରିବ। ଜଙ୍କଫୁଡ୍ ସମ୍ପର୍କରେ ପିଲାଙ୍କୁ ଅବଗତ ଏବଂ ସଚେତନ କରିବା ଲାଗି କ୍ୟାମ୍ପସ୍‌ରେ କାର୍ଯ୍ୟକ୍ରମ କରାଯିବ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ବୋର୍ଡ଼ରେ ଲଗାଇବେ। କେଉଁ ବୟସରେ କେତେ ଓଜନ ହେବା ଆବଶ୍ୟକ, ଶରୀରର ଉଚ୍ଚତା, ଅଣ୍ଟାର ଗୋଲେଇ କେତେ ରହିବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବେ। ଅଧ୍ୟାପକ ଏବଂ କର୍ମଚାରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଇବାକୁ କୁହାଯାଇଛି। ଛାତ୍ର କଲ୍ୟାଣ ବିଭାଗ ପକ୍ଷରୁ କ୍ୟାମ୍ପସରେ କାଉନସେଲିଂ କରାଯିବ। ପିଲାମାନେ କିଭଳି ଉପଯୁକ୍ତ ନ୍ୟୁଟ୍ରିସନ, ବ୍ୟାୟାମ, ସ୍ୱାସ୍ଥ୍ୟ ରଖିପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ସହ ଶାରୀରିକ ବ୍ୟାୟାମ ପାଇଁ କ୍ୟାମ୍ପସରେ ବ୍ୟବସ୍ଥା କରିବା ଦିଗରେ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ଗାଇଡ଼ଲାଇନ ଜାରି ହୋଇଥିଲେ ମଧ୍ୟ କେଉଁ ଖାଦ୍ୟ କ୍ୟାମ୍ପସ୍‌ରେ ବନ୍ଦ କରାଯିବ ସେନେଇ କିଛି କୁହାଯାଇ ନାହିଁ। ଯେଉଁଥିପାଇଁ କିଛି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ଆଧ୍ୟାତ୍ମିକ ଖାଦ୍ୟ ବା ଶିକ୍ଷାୟତନରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରଦାନରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସର୍ବଦା ଆଧ୍ୟାତ୍ମିକ ଓ ସାତ୍ତ୍ୱିକ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଯାହାକି ଆଜିର ସମୟରେ ଯୁଗପୋଯୋଗୀ ଓ ଚିନ୍ତାର ପ୍ରସଙ୍ଗ। ଶିକ୍ଷାୟତନ ପରିସର ଭିତରେ ଆଧ୍ୟାତ୍ମିକ ଖାଦ୍ୟ ଅନୁଚିନ୍ତନ ନିଶ୍ଚିତ ଭାବରେ ଆମ ସଂସ୍କୃତି ଓ ଆଧ୍ୟାତ୍ମିକ ବିଭବକୁ ଅନୁପ୍ରାଣିତ କରୁଛି। ଏହା ନିଃସନ୍ଦେହ ଯେ, ସରକାରଙ୍କ ଦୂରଦୃଷ୍ଟି ପୂର୍ବରୁ ଆମେ ଜଣେ ଅଭିଭାବକ ହିସାବରେ ଏ ଦିଗକୁ ଚିନ୍ତା କରିବା କଥା। ଓଡ଼ିଶା ରାଜ୍ୟ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ସ୍ୱାସ୍ଥ୍ୟଭିତ୍ତିକ ଚିନ୍ତାଧାରାକୁ ଅଭିଭାବକ ମହଲ ସ୍ୱାଗତ କରୁଛନ୍ତି। ଯାହାଦ୍ୱାରା ପିଲାମାନେ ଏକ ସାତ୍ତ୍ୱିକ ଓ ଆଧ୍ୟାତ୍ମିକଯୁକ୍ତ ଖାଦ୍ୟ ଖାଇବା ପାଇଁ ଚିନ୍ତା ଓ ଭାବନା ରଖିବେ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଖାଦ୍ୟ ଓ ଚିନ୍ତନକୁ ଅନୁପ୍ରାଣିତ କରିବା ପାଇଁ ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଛନ୍ତି। ଆଜି ସମୟରେ ଅନୁଚିନ୍ତନ ହେଉଛି ଏହା ଯେ ଖାଦ୍ୟକୁ ନେଇ ଚରିତ୍ର ଓ ଚିନ୍ତନ, କେବଳ ଜଙ୍କଫୁଡ ନୁହେଁ, ଖାଦ୍ୟ ଉପରେ ଆଧ୍ୟାତ୍ମିକ ଦୃଷ୍ଟି ଦେବା ଆବଶ୍ୟକ। ଆଧ୍ୟାତ୍ମିକ ଭାବଧାରାର ପ୍ରଚାର ପ୍ରସାର ପାଇଁ କେବଳ ଜଙ୍କଫୁଡ୍ ନୁହେଁ ନିରାମିଷ ଖାଦ୍ୟ ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଉଚିତ। ଯାହାଦ୍ୱାରା ଆଜିର ସମୟରେ ଆଧ୍ୟାତ୍ମିକ ଭାବଧାରାର ପ୍ରଚାର ଓ ପ୍ରସାର ପାଇଁ। କେବଳ ଜଙ୍କଫୁଡ ନୁହେଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତେ ସମର୍ଥ ହେବା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ, କଲେଜ, କଟକ,
ମୋବାଇଲ୍: ୯୩୩୮୧୦୦୮୩୭

# ସକାଳ ଜଳଖିଆ ନଖାଉଥିଲେ ସାବଧାନ!



ଏହା ବହୁ ଦିନ ଧରି ପ୍ରଚଳିତ ଏକ ପ୍ରବାଦ ଯେ ପୂର୍ଣ୍ଣ ଜଳଖିଆ ଖାଇବା ଉଚିତ। ଏହା ଶରୀରକୁ ସୁସ୍ଥ ରଖେ। ତଥାପି, ସାମ୍ପ୍ରତିକ ବର୍ଷଗୁଡ଼ିକରେ ସକାଳ ଜଳଖିଆ ଛାଡିବାର ଧାରା ବୃଦ୍ଧି ପାଉଛି, ଯାହା ଆପଣଙ୍କ ସ୍ୱାସ୍ଥ୍ୟକୁ ଅନେକ ଭାବରେ କ୍ଷତି ପହଞ୍ଚାଇପାରେ। ଏହା କେବଳ ଦୁର୍ବଳତା ଆଣିନଥାଏ ବରଂ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ନକାରାତ୍ମକ ଭାବରେ ପ୍ରଭାବିତ କରିପାରେ। ନ୍ୟୁଟ୍ରିସନାଲ ନ୍ୟୁରୋସାଇନ୍ସ ପତ୍ରିକାରେ ପ୍ରକାଶିତ ଗବେଷଣାରେ ଏହି ଦାବି କରାଯାଇଛି। ଅଧ୍ୟୟନ ଅନୁଯାୟୀ, ନିୟମିତ ସକାଳ ଜଳଖିଆ ଛାଡି ଦେଉଥିବା ଲୋକଙ୍କ ମଧ୍ୟରେ ଡିପ୍ରେସନ, ମାନସିକ ଚାପ ଏବଂ ମାନସିକ ରୋଗର ଆଶଙ୍କା ବହୁତ ବଢ଼ିଯାଏ।

ଗବେଷଣାରୁ ଜଣାପଡିଛି ଯେ ସକାଳ ଜଳଖିଆ ଛାଡିବା ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ। ଏହି ଅଧ୍ୟୟନ ଏକ ବ୍ୟବସ୍ଥିତ ସମୀକ୍ଷା ଏବଂ ମେଟା-ବିଶ୍ଳେଷଣ ଯାହା ସାରା ବିଶ୍ୱରୁ ୧୩ ଟି ପର୍ଯ୍ୟବେକ୍ଷଣ ଅଧ୍ୟୟନରୁ ତଥ୍ୟ ବାହାର କରିଛି। ଏହି ଅଧ୍ୟୟନରେ ୩୯୯,୦୦୦ ରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଥିଲା। ସକାଳ ଜଳଖିଆ ଛାଡିବାର ଧାରା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଜର ରଖାଯାଇଥିଲା।

ଗବେଷଣାରୁ ଜଣାପଡିଛି ଯେ ଯେଉଁମାନେ ପ୍ରତିଦିନ ଜଳଖିଆ ଛାଡି ଦିଅନ୍ତି ସେମାନଙ୍କ ମଧ୍ୟରେ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ଡିପ୍ରେସନର ଆଶଙ୍କା ୪୦ ପ୍ରତିଶତ ଅଧିକ ଥାଏ। ମାନସିକ ଚାପର ଆଶଙ୍କା ମଧ୍ୟ ୨୩ ପ୍ରତିଶତ ଅଧିକ ଥିଲା। ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ ଜଳଖିଆ ଛାଡିବା ଦ୍ୱାରା ଶରୀର ଆବଶ୍ୟକୀୟ ଶକ୍ତିରୁ ବଞ୍ଚିତ ହୁଏ, ଯାହା ହରମୋନ ଅସନ୍ତୁଳନ ଏବଂ ମାନସିକ ଥକ୍କାପଣ ସୃଷ୍ଟି କରିପାରେ। ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ କିଶୋରମାନେ ଚିନ୍ତାରେ ପଡ଼ିଥାନ୍ତି, ଯାହା ବିପଦ ୫୧ ପ୍ରତିଶତ ବୃଦ୍ଧି କରିଥାଏ। ଗବେଷଣାରୁ ଜଣାପଡିଛି ଯେ ସକାଳ ଜଳଖିଆ ମସ୍ତିଷ୍କକୁ ଗ୍ଲୁକୋଜ୍ ଯୋଗାଇଥାଏ, ଯାହା ମସ୍ତିଷ୍କର କାର୍ଯ୍ୟରେ ସାହାଯ୍ୟ କରେ ଏବଂ ମନୋଭାବକୁ ଉନ୍ନତ କରେ। କିନ୍ତୁ, ଯେଉଁମାନେ ଦୀର୍ଘ ସମୟ ପାଇଁ ସକାଳ ଜଳଖିଆ ଛାଡି ଦିଅନ୍ତି, ସେମାନେ ସକାଳେ ପର୍ଯ୍ୟାପ୍ତ ପରିମାଣର ଗ୍ଲୁକୋଜ୍ ପାଆନ୍ତି ନାହିଁ। ଏହା ମସ୍ତିଷ୍କକୁ ପ୍ରଭାବିତ କରେ ଏବଂ ମାନସିକ ଚାପ ସୃଷ୍ଟି କରେ, ଯାହା ଚିନ୍ତାରୁ ଆରମ୍ଭ ହୁଏ।

# ଆଖି ତଳ କଳା ପଡ଼ୁଛି କି?



**ଆଖି ତଳ କଳା ପଡ଼ିଗଲେ ମଣିଷର ସୁନ୍ଦରତା କମିଯାଏ। ବର୍ତ୍ତମାନ ଅଧିକ ସମୟ କମ୍ପ୍ୟୁଟରରେ କାମ କରିବା, ଚଷମା ପିନ୍ଧିବା କିମ୍ବା ଅନ୍ୟ କାରଣ ଯୋଗୁ ଆଖିତଳ କଳା ପଡ଼ିବାକୁ ନେଇ ଅନେକେ ଚିନ୍ତିତ। ଏହାକୁ ଦୂରକରିବା ପାଇଁ ସେମାନେ ବିଭିନ୍ନ କ୍ରିମ୍, ମେଡିସିନ ଆଦି ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ବିଭିନ୍ନ ଘରୋଇ ଉପଚାର ଦ୍ୱାରା ବି ଆଖି ତଳ କଳାଦାଗ ଦୂର କରିପାରିବେ...**

- ଆଖି ତଳ କଳା ନ ପଡ଼ିବା ପାଇଁ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ଆଖିକୁ ବିଶ୍ରାମ ଦେବା ଲାଗି ଆବଶ୍ୟକ ନ ଥିବା ସମୟରେ ମୋବାଇଲ, କମ୍ପ୍ୟୁଟର ଦେଖିବାଠୁ ଦୂରେଇ ରହନ୍ତୁ। ପର୍ଯ୍ୟାପ୍ତ ପାଣି ପିଅନ୍ତୁ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ସବୁଠୁ ବଡ଼ କଥା ହେଲା ନିଶା ସେବନଠୁ ଦୂରେଇ ରୁହନ୍ତୁ।
- ଅଧାଚାମଚ ବାଦାମତେଲ ସହ ୨ ବୁନ୍ଦା ମହୁ ମିଶାନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପାଖେ ମାଲିସ କରନ୍ତୁ। ୧୦-୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ଆଖିତଳେ କଳାଦାଗ ଆଦୌ ରହିବ ନାହିଁ।
- କକୁମ୍ବର ଥେରାପି ଆଖି ତଳ କଳାଦାଗ ଦୂରକରିବା ପାଇଁ ବେଶ୍ ଉପଯୋଗୀ। ଏଥିପାଇଁ କାକୁଡ଼ିକୁ ଗୋଲ ଗୋଲ କରି କାଟି ଆଖି ଉପରେ ରଖନ୍ତୁ। କାକୁଡ଼ି ଆଖିକୁ ଥଣ୍ଡା ରଖିବା ସହ କଳାଦାଗ ମଧ୍ୟ ଦୂରକରିବ।
- ବ୍ୟବହାର କରିସାରିଥିବା ଟି-ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଏବଂ ଆଖି ତଳର କଳାଦାଗ ଦୂରକରିବାରେ ସାହାଯ୍ୟ କରିଥାଏ
- ୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଏବଂ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତକରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂରହୋଇଯାଉଛି।

# ସେନ୍ସୋରିନ୍ୟୁରାଲ ହିୟରିଂ ଲସ୍



ଆପଣ ଉଚ୍ଚ ସ୍ୱରରେ ଗୀତ ଶୁଣୁଛନ୍ତି କି? ସହଜେ ତ ବିବାହ ବା ବିଭିନ୍ନ ସାମାଜିକ ଏପରିକି ରାଜନୈତିକ କାର୍ଯ୍ୟକ୍ରମରେ କାନଫଟା ବାଜା ଗୀତର ରୋଷଣୀ ଦିନକୁ ଦିନ ଅତ୍ୟନ୍ତ ଉତ୍କଟ ହେଉଛି। ତେବେ ଏସବୁ ଭିତରେ ଆପଣ ନିଜେ ଟିକେ ସତର୍କ ହୋଇଯାଆନ୍ତୁ। ସୁମଧୁର ଓ ଶ୍ରୁତିପୂର୍ଣ୍ଣ ସଙ୍ଗୀତ ସମସ୍ତଙ୍କୁ ଶାନ୍ତି ଦେଇଥାଏ। ତେବେ ନିକଟରେ ଏକ ଚମକପ୍ରଦ ଘଟଣା ଅଗଣିତ ଭାରତୀୟ ମାନଙ୍କୁ ନୁହେଁ ସଙ୍ଗୀତପ୍ରେମୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି। ଆମ ସମୟର ତଥା ବଲିଉଡର ଲୋକପ୍ରିୟ ପ୍ରତିଥଯଶା ସୁମଧୁର ଗାୟିକା ଏହି ଉଚ୍ଚ ଶ୍ରବଣ ବିଶୃଙ୍ଖଳାର ଶିକାର ହୋଇ ନିଜେ ପ୍ରମୁଖ ଖବର ପାଲଟିଛନ୍ତି। ପରବର୍ତ୍ତୀ ସମୟରେ ବାକଶ୍ରବଣ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଏହା ଏକ ବିରଳ ଭୂତାଣୁଜନିତ ସ୍ନାୟୁବିକ ଶ୍ରବଣ ହୀନତା ବୋଲି ଜଣାପଡ଼ିଲା। ଯାହାକୁ ଆମ ଇଏନଟି ଚିକିତ୍ସା ପାଠରେ ସେନ୍ସୋରିନ୍ୟୁରାଲ ହିୟରିଂ ଲସ ବୋଲି କୁହାଯାଏ। ଏହି ସମସ୍ୟାରେ ରୋଗୀଙ୍କର କାନର ଭିତର ଅଂଶ ବା ଅଡଟୋରି ନର୍ଭକୁ କ୍ଷତି ପହଞ୍ଚାଇଥାଏ। ଆମ ମାନଙ୍କର ସ୍ୱାଭାବିକ କାନ ଶୁଣିବା ପାଇଁ ୭୦ ଡେସିବିଲ ତୀବ୍ରତାର ଶବ୍ଦ ନିରାପଦ ରହିଛି। ତେବେ ଉପରୋକ୍ତ ସେନ୍ସୋରିନ୍ୟୁରାଲ ହିୟରିଂ ଲସ କାରଣ ପାଇଁ ପାଖାପାଖି ୯୦ ପ୍ରତିଶତ ଶ୍ରବଣ ଶକ୍ତି କମିଯାଇଥାଏ। ଏହି ରୋଗର କାରଣ ବିଶେଷ ଭାବେ ଅତ୍ୟଧିକ ଶବ୍ଦ ଶୁଣିବାରୁ ହୋଇଥାଏ। ତେବେ କେତେକଙ୍କ କ୍ଷେତ୍ରରେ ଏହା ଜେନେଟିକ ହୋଇଥିବାବେଳେ କିଛି କ୍ଷେତ୍ରରେ ବୟସ କାରଣରୁ ହୋଇଥାଏ। ଆମ କାନର ଭିତର ଅଂଶରେ ଏକ ଅଙ୍ଗ ରହିଛି ଯାହାକୁ କପ୍ଲିଆ, ଯେଉଁଥିରେ ଛୋଟ ଛୋଟ କେଶ ଭଳି କୋଷିକାମାନ ରହିଥାନ୍ତି। ଏଗୁଡ଼ିକ ସାଉଣ୍ଡ ୱେଭରୁ ମିଳୁଥିବା ଭାଇବ୍ରେସନରୁ ନ୍ୟୁରାଲ ସିଗନାଲରେ ପରିଣତ କରିଥାଏ, ଯାହା ଅଡିଟୋରି ନର୍ଭ ମାଧ୍ୟମରେ ବ୍ରେନକୁ ପହଞ୍ଚିଥାଏ। ତେବେ ୮୫ ଡେସିବେଲରୁ ଅଧିକ ଶବ୍ଦ ଶୁଣିବା ଦ୍ୱାରା ଆମ କାନରେ ଥିବା ଏହି କେଶକୁ କ୍ଷତି ପହଞ୍ଚିଥାଏ, ଯେଉଁ କାରଣରୁ ଆମର ଶୁଣିବା ଶକ୍ତି କମିଥାଏ। ଏହାର ବିଭିନ୍ନ ପ୍ରକାର ମଧ୍ୟ ରହିଛି। ତେବେ ଏହାର କିଛି ଲକ୍ଷଣ ରହିଛି ଯାହାକୁ ଚିହ୍ନଟ କରି ଚିକିତ୍ସା କରାଇପାରିଲେ ଆମେ ଏହି ସମସ୍ୟାରୁ ମୁକ୍ତି ପାଇପାରିବା। ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ଯେତେବେଳେ ବ୍ୟାଗଗ୍ରାଉଣ୍ଡ ମ୍ୟୁଜିକ ଅଧିକ ରହିଛି ସେତେବେଳେ ଶୁଣିବାରେ ଅସୁବିଧା ହେବା। ବିଶେଷଭାବେ ସ୍ତ୍ରୀ କିମ୍ବା ପୁରୁଷ ପିଲାମାନଙ୍କର କଥା ଶୁଣି ବୁଝିବାରେ ଅସୁବିଧା ହେବା, ସନ୍ତୁଳନରେ ଅସୁବିଧା। ଅତ୍ୟଧିକ ପିଚର ଶବ୍ଦ ଶୁଣିବାରେ ଅସୁବିଧା ହେବା, ବେଳେ ବେଳେ ଶୁଣିପାରୁ ହେଲେ କଣ କୁହାଯାଉଛି ବୁଝି ପାରିନଥାଉ। ସେହିପରି ଏକାଦିକ୍ରମେ ସଙ୍ଗୀତ ଶୁଣିବା ଅବଧିକୁ କମାଇବା ସହ ଶ୍ରବଣ ବିଶୃଙ୍ଖଳାର ସାମାନ୍ୟତମ କୌଣସି ସମସ୍ୟା ବା ଲକ୍ଷଣ ଦେଖାଦେଲେ ଆପଣ ତୁରନ୍ତ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଘଣ୍ଟା ଘଣ୍ଟା ଧରି ହିୟରିଂ କଡ଼ର ଅଯଥା ବ୍ୟବହାରରୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି କେହି କେହି ବିଚାର କରନ୍ତି ଯେ କମ ଶୁଣିବା ମଧ୍ୟ ଭଲ ଅଭ୍ୟାସ କିନ୍ତୁ ଏହା ମଧ୍ୟ ଠିକ ନୁହେଁ। ଆପଣଙ୍କ ଖାନ ଶୁଣିବାର ଏକ ନିର୍ଦ୍ଦିଷ୍ଟ କ୍ଷମତା ଅଛି। ଏହାକୁ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶରେ ମାପକରି ସେହି ଅନୁଯାୟୀ ଶୁଣିବାର କ୍ଷମତା ରଖନ୍ତୁ। କେତେକଙ୍କ କ୍ଷେତ୍ରରେ କର୍ଣ୍ଣପଟ୍ଟଳ କୌଣସି ଦୁର୍ଘଟଣା ବଶତଃ ଆଘାତ ପ୍ରାପ୍ତ ହୋଇଥିଲେ, କୌଣସି ଔଷଧର ପରିପାର୍ଶ୍ୱିକ ପ୍ରତିକ୍ରିୟା ଏପରିକି ନିଶାଦ୍ରବ୍ୟର କାରଣ ପାଇଁ ମଧ୍ୟ ଏହି ସମସ୍ୟା ଅନ୍ୟତମ କାରକ ଭାବେ ଗ୍ରହଣ କରାଯାଏ। ପିଲାମାନଙ୍କୁ ଛୋଟବେଳୁ ଏ ଅଭ୍ୟାସରୁ କମ କିପରି କରାଯାଇପାରିବ ସେ ଶିକ୍ଷା ଦିଅନ୍ତୁ। ଏହାସହ ନିୟମିତ ଭାବେ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ କୌଣସି ଶ୍ରବଣ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ମନଇଛା ପେନକ୍ଲିଅର ବା ଇୟର ଡ୍ରପ ବ୍ୟବହାର କରନ୍ତୁ ନାହିଁ। ଆପଣଙ୍କ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ଗାଡ଼ି ଚାଳନା ବେଳେ ବା ରାତିରେ ଶୋଇବା ବେଳେ ଏପରିକି ପ୍ରାତଃ ଭ୍ରମଣ ହେଉ ବା ଯୋଗପ୍ରାଣାୟମ ସେ ସମୟରେ କାନରେ ହିୟରିଂ କଡ଼ ବ୍ୟବହାର କରିବା ଅଭ୍ୟାସ ପରିତ୍ୟାଗ କରନ୍ତୁ। କେତେକ ଅଛନ୍ତି କାନରେ ମଇଳା ଜମିଛି ଭାବି ମନଇଛା ଅନାବଶ୍ୟକ ଏଣୁତେଣୁ କାଠି ପୁରାଇ କର୍ଣ୍ଣ ଗହ୍ୱରକୁ ପରିଷ୍କାର କରିବାକୁ ଅପଚେଷ୍ଟା କରିଥାନ୍ତି। ଏହା କେବଳ ମାରାତ୍ମକ ନୁହେଁ ବରଂ ଘାତକ ମଧ୍ୟ। ଦେଶୀୟ ବା ତୁଟୁକା ତୁଟୁକି ପ୍ରାଚୀନ ବ୍ୟବସ୍ଥାର କୌଣସି ତେଲ କାନ ସଫା ପାଇଁ ଆଦୌ ପକାନ୍ତୁ ନାହିଁ। ନିଜ ଶରୀରକୁ କେବଳ ନୁହେଁ କାନ ଯେ ଆପଣଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାକୁ ଆଦୌ ଭୁଲନ୍ତୁ ନାହିଁ। କାନ ସମ୍ବନ୍ଧୀୟ ପରାମର୍ଶ ନେଇ ଆଲୋଚନା କଲାବେଳେ ଡିଜେ ସଙ୍ଗୀତ ଏକ ମାରାତ୍ମକ ପ୍ରସଙ୍ଗ। ଅନେକ ଏହାକୁ ଅଣଦେଖା କରିଥାନ୍ତି। ଯଥା ସମ୍ଭବ ଡିଜେ ବ୍ୟବହାର ହେଉଥିବା ସ୍ଥାନ ଠାରୁ ନିଜକୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। କାନରେ ପାଣି ପଶିଗଲେ କିମ୍ବା ଏବେ ଯେହେତୁ ବର୍ଷାଦିନ ବ୍ୟବହାରିକ ସାଧାରଣ ଜୀବନରେ ବର୍ଷାରେ ଭିଜିବା ସମୟରେ କାନ ଭିତରକୁ ପାଣି ଚାଲି ଯାଉଥିଲେ ଏ ଦିଗକୁ ଅଣଦେଖା କରନ୍ତୁନାହିଁ। ପରିଷ୍କାର ବିଶୋଧିତ ତୁଳା ଦ୍ୱାରା କାନ ସଫା କରନ୍ତୁ। ପାଣିରେ ବୁଡ଼ି ସ୍ନାନ କରିବା ଅଭ୍ୟାସ ଥିଲେ ଏଥିରୁ ନିବୃତ୍ତ ରହିବା ଖୁବ ଭଲ। ଅନେକ ହୁଏତ ଜାଣିନଥାନ୍ତି କାନ ସହିତ ସ୍ନାୟୁଗତ ଭାବେ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଓ ସମ୍ପର୍କ ରହିଛି। ତେଣୁ ଅନେକ କ୍ଷେତ୍ରରେ ଏହା ସ୍ନାୟୁ ମସ୍ତିଷ୍କଜନିତ ସମସ୍ୟାକୁ ବିଗାଡ଼ି ଦେଇଥାଏ। ଶ୍ରୁତିମଧୁର ସଙ୍ଗୀତ ଜୀବନର ଆନନ୍ଦ ମହୌଷଧି। ଏହା ଯଦି ଦୁଃଖଦ ହୋଇ ଆପଣଙ୍କ ଶ୍ରବଣ ଶକ୍ତିକୁ ସବୁଦିନ ପାଇଁ ବନ୍ଦ କରିଦିଚଏ ତାହାହେଲେ ଟିକେ ଚିନ୍ତା କରନ୍ତୁ ଆପଣଙ୍କ ଜୀବନଟି କିପରି ଏକ ଅସଜଡ଼ା ହେବନାହିଁ ବରଂ ଆପଣଙ୍କ ଆଖପାଖ ପରିବେଶ, ସମୟ ଆଉ ସମସ୍ତଙ୍କୁ ଶୁଣିବାର ଅନୁଭବକୁ ହରାଇ ବସିବେ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
'ଧ୍ୱନୀ' ମେଟ୍ରୋପ୍ଲାଜା,
କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ
ମୋବାଇଲ୍: ୯୪୩୮୨୭୬୭୬୦

● ବିଜୁ ଜନତା ଦଳ ୨୯ ତମ ପ୍ରତିଷ୍ଠା ଦିବସ

# ନିର୍ବାଚିତ ପ୍ରତିନିଧିର ମନୋଭାବ ଜଣେ ସେବକ ହେବା ଆବଶ୍ୟକ: ଅରୁଣ



**ନୟାଗଡ଼,୨୭।୧୨(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ୨୯ ତମ ପ୍ରତିଷ୍ଠା ଦିବସ ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟଳୟରେ ପାଳନ କରାଯାଇଛି। ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଛି। ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ବକ୍ତବ୍ୟରେ, ସାମନ୍ତବାଦୀ ଚିନ୍ତାଧାରା ଏବେ ବି ଆମ ସମାଜରେ ବଳବତ୍ତର ଅଛି। ଜଣେ ସାଧାରଣ ମଣିଷ ହୋଇ ଲୋକଙ୍କ ସେବା କରିବା ମୋ ଲକ୍ଷ ବୋଲି କହିଥିଲେ। ନିର୍ବାଚିତ ପ୍ରତିନିଧି ମନୋଭାବ ଜଣେ ସେବକ ହେବା ଆବଶ୍ୟକ ବୋଲି କହିଥିଲେ। ଦଳକୁ ସଂଗଠିତ କରିବାର ମନ୍ତ୍ର ଦେଇଥିଲେ। ବିଜୁ ବାବୁଙ୍କ ନୀତି ଓ ଆଦର୍ଶକୁ ନେଇ ଆଗକୁ ଯିବାକୁ ଆହ୍ୱାନ ଦେଇଥିଲେ। ନବୀନଙ୍କ ହାତ ମୁଠାକୁ ଟାଣ କରିବାକୁ ସମସ୍ତେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ବୈଠକରେ ନୟାଗଡ଼ ପୌର ପରିଷଦ ଅଧକ୍ଷ ନିରୁପମା ଖଟେଇ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ପୌରାଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ କ୍ଷୀରୋଦ କୁମାର ମହାପାତ୍ର, ସରୋଜ କୁମାର ରଣସିଂ, ଝିଲ୍ଲି ପ୍ରଧାନ, ମହିଳା ବିଜେଡି ସଭାପତି ବିରଜା ଲକ୍ଷ୍ମୀ ସାହୁ, ନୟାଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ନିରଞ୍ଜନ ମିଶ୍ର, ଦନାର୍ଦ୍ଦନ ଦଳବେହେରା, ନିତ୍ୟାନନ୍ଦ ପ୍ରଧାନ, ବସନ୍ତ ରଥଶର୍ମା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଶେଖ୍ ନଇମ୍, ମହିଳା ନେତ୍ରୀ ମାଳତୀ ଗୁରୁ ପ୍ରମୁଖ ଡବଲ ଇଞ୍ଜିନ ସରକାର ମିଥ୍ୟା ପ୍ରତିଶ୍ରୁତି, ସରକାରଙ୍କ ଶୋଷଣ ନୀତି ଉପରେ ବକ୍ତବ୍ୟ ରଖିଥିଲେ।

# ଭୁଶୁଡ଼ିବା ଅବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୨୭।୧୨(ସଂଚାର ବ୍ୟୁର):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଛାତ ଫାଟି ଆଁ କଲାଣି କାହାର ନଜର ପଡୁ ନାହିଁ। ଏହି କାର୍ଯ୍ୟାଳୟ ଛାତକୁ ଦେଖିଲେ ଲାଗୁଛି ଏହା ବ୍ରିଟିଶ୍ ଶାସନ କାଳରେ ନିର୍ମାଣ ହୋଇଥିବା ଏକ ଛାତ ପରି ଏହି ଛାତର କାନ୍ଥ ଗୁଡ଼ିକ ସବୁ ଦୁର୍ବଳ କୁ ଛାତ ଭାଙ୍ଗି ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ଖଣ୍ଡ ଗୁଡ଼ିକ ଛାତ ଉପରୁ ପଡିବା ଆରମ୍ଭ ହେଲାଣି ଏଟି କାର୍ଯ୍ୟରତ ଆର୍ ଆଇ ଙ୍କୁ ମାନିବାକୁ ପଡ଼ିବ ନିଜ ଜୀବନକୁ ବାଜିରେ ଲଗାଇ ସେହି ଦୁର୍ବଳ ଛାତ ତଳେ ବସି ଲୋକଙ୍କ ସେବା କରୁଛନ୍ତି। ଗୋଟିଏ ସରକାରୀ କାର୍ଯ୍ୟାଳୟ ଉପରେ କେବେ ନଜର ପଡ଼ିବ ପ୍ରଶାସନର ଅବହେଳା ନୁତନ କଠା ନିର୍ମାଣରେ କାହିଁକି ବିଳମ୍ବ ହେଉଛି। ଛାତ ଭୁଶୁଡ଼ି ଜନ ଜୀବନ ନଷ୍ଟ ହେବା ପରେ ଦାରିଙ୍ଗବାଡି ପ୍ରଶାସନର ଦୃଷ୍ଟି ଆକର୍ଷଣ ହେବକି ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ। ଖବର ପ୍ରସାରଣ ପରେ କଣ ପଦକ୍ଷେପ ଗ୍ରହଣ କରାଯିବ ଏନେଇ ଅଞ୍ଚଳ ବାସି ଅପେକ୍ଷାରେ ଅଛନ୍ତି।

# ପ୍ରମିଳା ପଧାନ ନର୍ଲା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ନିଯୁକ୍ତ



**ନର୍ଲା,୨୭।୧୨(ସଂଚାର ବ୍ୟୁରୋ):** ବିଶିଷ୍ଟ ନାରୀନେତ୍ରୀ ପ୍ରମିଳା ପ୍ରଧାନ ପୁଣିଥରେ ନର୍ଲା ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ମଦନପୁର ରାମପୁର ବ୍ଲକର କଢ଼େଲ ଠାରେ ଆୟୋଜିତ ନର୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ଘୋଷଣା ହୋଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ନବ ନିଯୁକ୍ତ ସଭାନେତ୍ରୀ ପ୍ରମିଳା ପଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ତେବେ ଦାଇତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପଧାନ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ, ନର୍ଲା ବିଧାୟିକା ମନୋରମା ମହାନ୍ତି, ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ କୁମାର ଦିଶାରୀ, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି ରୋମାଞ୍ଚକ ସାହୁ, ବ୍ଲକ ସଭାପତି ନିଳମଣୀ ସାହୁ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରୋତ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



**ଆଗଲପୁର,୨୭।୧୨(ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟିକ ଆଦର୍ଶ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାକ୍ତନ ପ୍ରଫେସର ଡକ୍ଟର ବବ୍ରୁବାହନ ମହାପାତ୍ର ଓ ଯୁବୋଦୟ ମହାବିଦ୍ୟାଳୟ, ବଲାଙ୍ଗୀରର ଅଧାପକ ଡକ୍ଟର ସନ୍ଦିପ କୁମାର କୁଅଁର ବିଷୟ ବିଶେଷଜ୍ଞ ଭାବରେ ଯୋଗଦାନ କରି ମଧ୍ୟଯୁଗୀୟ ସାହିତ୍ୟିକ ଆଦର୍ଶ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧାପକ ଡକ୍ଟର ସୋମନାଥ ପଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ରୀ ମଞ୍ଜରୀ ପୁଟେଲ, ଆଶା ଦୋରା, ଜୟଶ୍ରୀ ପଧାନ, ଗୋଲାପୀ ମୁଣ୍ଡା, ସୁଦେଷ୍ଣା ବରିହା, ଜୋସ୍ନା ସାହୁ ପ୍ରଭୃତି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦୃତୀୟ ବର୍ଷର ଛାତ୍ରୀ ଜୋସ୍ନା ସାହୁ ଓ ଝୁମି ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ଛାତ୍ରୀ ସୁଦେଷ୍ଣା ବରିହା, ଜୟଶ୍ରୀ ପଧାନ ଓ ପୁରାତନ ଛାତ୍ର ନିରଜ ମେହେର ପ୍ରଭୃତି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବ୍ୟାସ ସରୋବର ପୀଠର ସର୍ବାଙ୍ଗୀନ ବିକାଶ ଦାବି କଲା ୯୦ ଗ୍ରାଜୁଏସନ ବ୍ୟାଚ

**ଯାଜପୁର ରୋଡ଼, ୨୭।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲାର ଅନ୍ୟତମ ପୌରାଣିକ ପୀଠ ବ୍ୟାସ ସରୋବର ପୀଠର ସର୍ବାଙ୍ଗୀନ ବିକାଶ ଦାବି କରିଛନ୍ତି ବ୍ୟାସନଗର ମହା ବିଦ୍ୟାଳୟର ୧୯୯୦ ମସିହାରେ ଗ୍ରାଜୁଏସନ ବ୍ୟାଚ। କାହିଁ କେଉଁ ଅନାଦି କାଳରୁ ମହାଭାରତର ସ୍ମୃତି ବହନ କରୁଥିବା ଏହି ପୀଠକୁ ସରକାରୀ ଭାବେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରାଯାଇ ଏହାର ବିକାଶ କରାଯାଇଛି। ଏଠାକାର ସୁନ୍ଦର ପରିବେଶରେ ବଣଭୋଜି କରିବାକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ମାନେ ଆସୁଥିବାବେଳେ ଏଠାରେ ପିଇବା ପାଣି, ସ୍ୱଚ୍ଛ ପରିବେଶ ସାଙ୍ଗକୁ ପରିମଳ ବ୍ୟବସ୍ଥା ସୁବ୍ୟବସ୍ଥିତ କରାଗଲେ ଏହାର ମାହାତ୍ମ୍ୟ ଆହୁରି ସୁଦୂର ପ୍ରସାରି ହୋଇ ପାରନ୍ତାବୋଲି ରବିବାର ଏଠାରେ ଏକତ୍ରିତ ହୋଇଥିବା ୯୦ ବ୍ୟାଚର ବନ୍ଧୁମାନେ ମତପୋଷଣ କରିଛନ୍ତି। ଏଠାରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଅତିରିକ୍ତ ଏସପି ଅତନୁ କୁମାର ରାଉତ ଉଦଘାଟନ କରିଥିଲେ। ଏମ୍ସ ମେଡିକାଲ ସୁପରିଟେଣ୍ଡେଣ୍ଟ ତଥା କ୍ୟାନ୍ସର ବିଭାଗୀୟ ମୁଖ୍ୟ ଡାକ୍ତର ଦିଲ୍ଲୀପ କୁମାର ପରିଡା କାର୍ଯ୍ୟକ୍ରମରେ ଯୋଗଦେଇ କ୍ୟାନ୍ସର ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ।

ଲୋକଙ୍କୁ ଭରସା ବାଉଁଶ ପୋଲ

# ବିପଜ୍ଜନକ ଭାବେ ଚାଲିଛି ଯାତାୟାତ



**ମୟୂରଭଞ୍ଜ,୨୭।୧୨(ସଂଚାର ବ୍ୟୁର):** ତଳେ ନଦୀର ପାଣି ସୁଅ ଆଉ ତାହାରି ଉପରେ ଥିବା ବାଉଁଶ ପୋଲ ଉପରେ ଚାଲି ଚାଲି ଯାଉଛନ୍ତି ଛୋଟ ପିଲା ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ। କେତେବେଳେ କଣ ଅଘଟଣ ଘଟିବ କହିବା ମୁସ୍କିଲ। ହେଲେ ଏହି ରାସ୍ତାରେ ହିଁ ଯିବାକୁ ପଡିବ, କାହିଁକି ନା ଏହି ରାସ୍ତାରେ ନ ଗଲେ ୨୫ କିଲୋମିଟର ବୁଲି ଯିବାକୁ ପଡିବ। ଯେଉଁଥିପାଇଁ ଭୋଗିବାକୁ ପଡିବ ଅନେକ ଦୁର୍ଦ୍ଦଶା । ଏଭଳି ଅବସ୍ଥାରେ ଯାତାୟାତ କରୁଛନ୍ତି ୪ଟି ପଞ୍ଚାୟତର ହଜାର ହଜାର ଲୋକ । ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଏବଂ ଗୋପବନ୍ଧୁନଗର ବ୍ଲକ ମଧରେ ବାଧକ ସାଜିଛି ସୋନ ନଦୀ । ଉଦଳା ବ୍ଲକ କୋଚିଲାଡିହା ପଞ୍ଚାୟତରୁ ଗୋପବନ୍ଧୁନଗର ବ୍ଲକ ଜୟପୁର, ବଡ଼ଡ଼ିହି, କୁଶଳଦା ପଞ୍ଚାୟତକୁ ଯିବା ପାଇଁ ହେଲେ ବୈରାଟପୁର, ଧୂଳିନ୍ଦା, କୋଚିଲାଡିହା, କଳାପାହାଡ଼ ଗ୍ରାମବାସୀଙ୍କ ପାଇଁ ସୋନ ନଦୀ ଉପରେ ଥିବା ବାଉଁଶ ପୋଲ ସାହାରା। ବାଉଁଶ ପୋଲରେ ନଗଲେ ଗ୍ରାମବାସୀ ମାନଙ୍କୁ ୨୫ କିଲୋମିଟର ବୁଲି ଯିବାକୁ ପଡିବ, ଯାହା କଷ୍ଟଦାୟକ ଏବଂ ସମୟ ସାପେକ୍ଷ । ଏହି ନଦୀ ଉପରେ ପୋଲଟିଏ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସିଥିବା ବେଳେ, ୨୦୧୯ ମସିହାରେ ଯଇଦା ନିକଟରେ ବ୍ୟାରେଜ ହେବା ସହିତ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ହେଲେ ତାହାର କାଣିଚାଏ କାମ ଆଜି ପର୍ଯ୍ୟନ୍ତ ହୋଇ ନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀ ଆସି ମାପଚୁପ କରୁଥିବା ବେଳେ ସେତୁ କାମ ଆଗେଇ ପାରୁନି। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ, ନିଜ ପାଇଁ ନିଜ ଖର୍ଚ୍ଚରେ ବାଉଁଶ ପୋଲ ତିଆରି କରିଛନ୍ତି। ବିପଦସଙ୍କୁଳ ହେଲେ ବି, ତାହାରି ଉପରେ ଯାଆସ କରିବାକୁ ବାଧ ହେଉଛନ୍ତି। ଖରା ଏବଂ ଅନ୍ୟ ଦିନରେ ଏହି ବାଉଁଶ ପୋଲକୁ ଭରସା କରି ଗ୍ରାମବାସୀ ଯାତାୟାତ କରୁଥିବା ବେଳେ ବର୍ଷା ଦିନେ ଦୁଃଖ ଦୁଇଗୁଣ ବଢ଼ିଯାଏ । ବର୍ଷା ଦିନେ ବାଉଁଶ ପୋଲ ଭାସିଯାଏ, ନଦୀରେ ପାଣି ବଢ଼ିଯାଏ । ତେଣୁ ୨୫ କିଲୋମିଟର ବୁଲି ଉଦଳା, ଖୁଣ୍ଟା ମେଡିକାଲ ଠାରୁ ଆରମ୍ଭ କରି ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ବାଧ ହୋଇଥାନ୍ତି ଗ୍ରାମବାସୀ । ବାରମ୍ବାର ଦାବି ପରେ ବି ପୋଲଟିଏ ନିର୍ମାଣ ହେଉ ନ ଥିବାରୁ, ଏହାକୁ ନେଇ ଅସନ୍ତୋଷ ତେଜୁଛି । ବାଉଁଶ ପୋଲ ସାହାରାରେ ପଞ୍ଚାୟତବାସି ଯାତାୟାତ କରୁଥିବା ବେଳେ ବୋଧ ହୁଏ ଏକ ବଡ଼ ଦୁର୍ଘଟଣାକୁ ଜଗିଛନ୍ତି ପ୍ରାଶାସନିକ ଅଧିକାରୀ, ଜନ ପ୍ରତିନିଧି ।

## ୭୧ ଦିନରେ ନ୍ୟାୟିକ ନିଷ୍ପତ୍ତି : ସମନ୍ୱିତ ପ୍ରୟାସର ଫଳ

# ରାୟଗଡ଼ାରେ ସମୟବଦ୍ଧ ନ୍ୟାୟର ଉଦାହରଣ



**ବିଷମକଟକ,୨୭।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଆପରାଧିକ ନ୍ୟାୟ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ସୃଷ୍ଟି କରିଛି। ଏକ ହତ୍ୟା ମାମଲାରେ ମାତ୍ର ୭୧ ଦିନ ମଧରେ ଦୋଷୀଙ୍କୁ ଦଣ୍ଡାଦେଶ ଘୋଷଣା କରି ବିଷମକଟକ ଅତିରିକ୍ତ ଜିଲ୍ଲା ଓ ସତ୍ର ନ୍ୟାୟାଳୟ ଜିଲ୍ଲା ଇତିହାସରେ ସବୁଠାରୁ ଦ୍ରୁତ ଦଣ୍ଡାଦେଶର ରେକର୍ଡ ସ୍ଥାପନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ବିଷମକଟକ ଥାନା ଅଧୀନରେ ଗତ ୧୪ ଅକ୍ଟୋବର ୨୦୨୫ ରେ ଏକ ହତ୍ୟା ଘଟଣା ଘଟିଥିଲା। ପରଦିନ ଅର୍ଥାତ୍ ୧୫.୧୦.୨୦୨୫ ରେ କେସ୍ ନଂ ୧୫୩ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ମାମଲା ରୁଜୁ ହେବା ପରେ ପୁଲିସ ତରଫରୁ ତକ୍ଷଣାତ୍ ତଦନ୍ତ ଆରମ୍ଭ କରାଯାଇ ୮ ଦିନ ମଧରେ ଫୋରେନ୍ସିକ୍ ନମୁନା ଏସଏଫଏସଏଲ୍‌କୁ ପଠାଯାଇଥିଲା। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ୨୦ ଦିନ ମଧରେ ଚାର୍ଜସିଟ୍ ମଧ ଦାଖଲ କରାଯାଇଥିଲା। ମାମଲାକୁ ପ୍ରାଥମିକତା ଭିତ୍ତିକ ଦଣ୍ଡାଦେଶ ମାମଲା ଭାବେ ଗ୍ରହଣ କରି ଅଦାଲତରେ ଦ୍ରୁତ ଶୁଣାଣି ଆରମ୍ଭ ହୋଇଥିଲା। ଶେଷରେ ଆଜି ୨୬ ଡିସେମ୍ବର ୨୦୨୫ ରେ ମାନ୍ୟବର ଅଦାଲତ ତାଙ୍କ ରାୟ ଘୋଷଣା କରି ଅଭିଯୁକ୍ତ କୁନି ଲୋହାରଙ୍କୁ ଆଜୀବନ କାରାଦଣ୍ଡ ସହ ଅର୍ଥଦଣ୍ଡ ମଧ ଦେଇଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧) ୧୦୯(୧) ଓ ୨୩୮ ଅନୁଯାୟୀ ରୁଜୁ ହୋଇଥିବା ଏହି ମାମଲାର ସଫଳ ଦ୍ରୁତ ନିଷ୍ପତ୍ତି ପଛରେ ତକ୍ଷଣାତ୍ ପ୍ରମାଣ ସଂଗ୍ରହ ଫୋରେନ୍ସିକ୍ ପ୍ରକ୍ରିୟାକୁ ପ୍ରାଥମିକତା ତଦନ୍ତ ଅଧିକାରୀ ଓ ଅଭିଯୋଗ ପକ୍ଷ ମଧରେ ଅବିରତ ସମନ୍ୱୟ ଏବଂ ଉଚ୍ଚସ୍ତରୀୟ ନିରୀକ୍ଷଣ ମୁଖ୍ୟ ଭୂମିକା ନେଇଥିବା କୁହାଯାଉଛି। ମାମଲାର ତଦନ୍ତ ଭାର ବିଷମକଟକ ଥାନାଭାରପ୍ରାପ୍ତ ଅଧିକାରୀ ଶ୍ରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ବହନ କରିଥିବା ବେଳେ ଅତିରିକ୍ତ ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରିଥିଲେ। ସମଗ୍ର ପ୍ରକ୍ରିୟାକୁ ଉପ-ଜିଲ୍ଲା ସରକାରୀ ଅଭିଯୋଜକ ଅଜିତ ପଟ୍ଟନାୟକ ନିରୀକ୍ଷଣ କରୁଥିଲେ।

# ହସ୍ପିଟାଲ ଓ ନୂତନ ବସଷ୍ଟାଣ୍ଡକୁ ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ



**ସୁବର୍ଣ୍ଣପୁର,୨୭।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅସ୍ଥାୟୀ ଭାବେ ନିର୍ମାଣ ହେଉଥିବା ହାତୀଶାଲ୍ ର ନୂତନ ବସଷ୍ଟାଣ୍ଡ କୁ ଅଚାନକ ଗସ୍ତ କରିବା ସହ ସ୍ଥିତି ପରଖିଛନ୍ତି। ଗତ ସପ୍ତାହ ରେ ଜିଲ୍ଲାପାଳ ମେଡିକାଲ୍ ର ସମସ୍ତ ବିଭାଗ ର ସମୀକ୍ଷା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଚଳ ଅବସ୍ଥାରେ ଥିବା ଶହେରୁ ଉର୍ଦ୍ଧ୍ୱ ସିସି ଟିଭି, ଲିଫ୍ଟ ଓ ଅକ୍ସିଜେନ ପ୍ଲାଣ୍ଟ ର ଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ ଆଜି ଗସ୍ତ ରେ ମେଡିକାଲ୍ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ଅଚଳ ଥିବା ୩ ଗୋଟି ଲିଫ୍ଟ, ସମସ୍ତ ସିସି ଟିଭି କାମ ମରାମତି ଚାଲିଥିବା ବିଷୟ ସ୍ୱାସ୍ଥ୍ୟ ବିଭାଗ ରୁ ସୂଚନା ମିଳିଛି । ଅସ୍ଥାୟୀ ବସଷ୍ଟାଣ୍ଡ ର ସ୍ୱଚ୍ଛତା, ସୁରକ୍ଷା, ଅଲୋକିକରଣ ଓ ଟଏଲେଟ୍ ବ୍ୟବସ୍ଥା ର କାର୍ଯ୍ୟ ତଦାରଖ କରି ଥିଲେ ଏବଂ ଏ ଡି ଏମ୍, ପୌର ପରିଷଦ ଅଧିକାରୀ ଙ୍କ ସହ ସ୍ପଟ୍ ରେ ଏ ସବୁ ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଡ଼. ସାହୁ ଯୋଗ ଦେବା ପରେ ନୂତନ ଡ଼ାକ୍ତରଖାନା କୁ ପ୍ରତି ମାସ ରେ ଦୁଇ ତିନି ଥର ପରିଦର୍ଶନ କରି ରୋଗୀ ଙ୍କ ସମସ୍ୟା ସହ ଲୋକ ଙ୍କ ସମସ୍ୟା ବୁଝି ସେ ସବୁ ର ସମାଧାନ କରି ଆସୁଥିବାରୁ ସହର ତଥା ଜିଲ୍ଲା ର ଜନ ସାଧାରଣ ବୁଦ୍ଧିଜିବୀ ପ୍ରଶଂସା କରିଛନ୍ତି ।

# ପାରମ୍ପରିକ 'ଟୋକି ପର୍ବ' ପାଇଁ ଚଳଚଞ୍ଚଳ କଳାହାଣ୍ଡି

**ଥୁଆମୂଳ ରାମପୁର,୨୭।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଆଦିବାସୀ ଅଞ୍ଚଳରେ ଆସନ୍ତାକାଲି ଅର୍ଥାତ ରବିବାର କନ୍ଧ ସମ୍ପ୍ରଦାୟର ଗଣପର୍ବ ଟୋକି ମରା ବା 'ଟୋକି ପର୍ବ' ଅନୁଷ୍ଠିତ ହେବ। ଧରଣୀ ମାତାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଗ୍ରାମର ସମୂହ ମଙ୍ଗଳ ପାଇଁ ବ୍ଲକର ବିଭିନ୍ନ ସ୍ଥାନରେ ହଜାର ହଜାର ଅଧିବାସୀ ତଥା ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଯାଉଛି। ଏହି ପ୍ରାଚୀନ ପର୍ବକୁ ସୁଚାରୁରୂପେ ପାଳନ କରିବା ପାଇଁ ପର୍ବ ପାଳନ କମିଟି, ଯୁବ ଅନୁଷ୍ଠାନ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଗୋପାଳପୁର ପଞ୍ଚାୟତ ସ୍ଥିତ ବେନ୍ଦାଝୋଲା, ତଲଝାପି ପଞ୍ଚାୟତର ମସ୍କାଗୁଡ଼ା (ମୁନୁଷ୍ପଡ଼ା) ଏବଂ ମହୁଲ ପାଟଣା ପଞ୍ଚାୟତର ଟିକିଲି ପଦର ଗ୍ରାମରେ ଏହି ବଡ଼ପର୍ବ ପାଳିତ ହେବ। ଶନିବାର ରାତିରୁ ହିଁ ବିଭିନ୍ନ ପ୍ରାନ୍ତରୁ ଆଦିବାସୀ ଭାଇ ଭଉଣୀମାନେ ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ର ଧରି ଉକ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ସାରିଛନ୍ତି। ରାତିସାରା ଧରଣୀ ପେନୁ ବା ଧରଣୀ ଗୁଡ଼ି ପରିକ୍ରମା କରିବା ସହ ଢାପ ଓ ସଲପ ନିଶାଣର ତାଳେ ତାଳେ ନାଚଗୀତରେ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବରୁ ଏହି ପର୍ବରେ ନରବଳି ବା 'ମେରିଆ ବଳି' ପ୍ରଥା ରହିଥିବା ବେଳେ ଏବେ ତାହା 'ଟୋକି' (ଛେଳି) ବଳିରେ ପରିଣତ ହୋଇଛି। ଗ୍ରାମର ମୁଖ୍ୟ ପୂଜକ ବା 'ଜାନି'ଙ୍କ ନେତୃତ୍ୱରେ ଦିଶାରି, ରାପିଆ, ବେଜୁ ଏବଂ ଗୌଡ ପ୍ରମୁଖଙ୍କ ଉପସ୍ଥିତିରେ ଧରିତ୍ରୀ ମାତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସତ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରକ୍ତ ଅର୍ପଣ କରାଯିବାର ବିଧି ରହିଛି।

# 'ସେବକ'ର ଶୀତକାଳୀନ ବାର୍ଷିକ ସମ୍ମିଳନୀ-'ସୃଜନ ସମାବେଶ'



**ସୁନ୍ଦରଗଡ଼,୨୭।୧୨ (ସଂଚାର ବ୍ୟୁରୋ):** ଅନୁଭୂତି ଓ ଅଭିଜ୍ଞତାରୁ ଜ୍ଞାନ ଆହରଣ ତଥା ଉତ୍କୃଷ୍ଟତା ଓ ଅଭିନବିକରଣକୁ ସମ୍ମାନ ସମାଜରେ ଅବହେଳିତ , ନିଷ୍ପେସିତ, ଅସହାୟ, ଗରିବ, ଆଦିବାସୀ ତଥା ପାରମ୍ପାରିକ ବନବାସୀଙ୍କ ଜୀବନ ଜୀବିକାର ଉନ୍ନତି ଆଣିବା, ପ୍ରାକୃତିକ ସମ୍ବଳର ପରିଚାଳନା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା, ସ୍ୱାସ୍ଥ୍ୟ ଓ ପୋଷଣ ସେବା ଯୋଗାଇବାର ଉଦ୍ଦେଶ୍ୟ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ଦୀର୍ଘ ୩୦ ବର୍ଷ ଧରି ଓଡିଶାର କୋଣ ଅନୁକୋଣରେ କାର୍ଯ୍ୟରତ। ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟ, ଅଭିନବିକରଣ ନିଖୁଣ ପ୍ରଦର୍ଶନ ସଙ୍ଗେ ସଙ୍ଗେ ଅନୁଭୂତି ଓ ଅଭିଜ୍ଞତାରୁ ଜ୍ଞାନ ଆହରଣ, ହିତାଧିକାରୀଙ୍କ ସଫଳତାର ନିଜସ୍ୱ ଗାଥାର ଅଭୁତପୂର୍ବ ଉପସ୍ଥାପନା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି ସୁନ୍ଦରଗଡ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ"ର ବାର୍ଷିକ ଶୀତକାଳୀନ ସମ୍ମିଳନୀ- "ସୃଜନ ସମାବେଶ-୨୦୨୫"। କାର୍ଯ୍ୟକ୍ରମର ଆରମ୍ଭରେ ସେବକ ଅଧକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଭାଷଣରେ ସଂସ୍ଥାର ଲକ୍ଷ୍ୟ—ଦୃଷ୍ଟିକୋଣ, ୩୦ ବର୍ଷର ଯାତ୍ରା ଓ ତୃଣମୂଳ ସ୍ତରରେ ଅବହେଳିତ ଗରିବ ପରିବାରମାନଙ୍କୁ ମୁଖ୍ୟଧାରାରେ ଆଣିବା ପାଇଁ "ସେବକ" ର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେବକର ପ୍ରତିଷ୍ଠାତା ତଥା ନେହେରୁ ଯୁବ କେନ୍ଦ୍ର ସଂଗଠନର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଗୋପାଳ ଚନ୍ଦ୍ର ଓଝା ତାଙ୍କ ଭାଷଣରେ ସୃଜନଶୀଳତା, ସହଯୋଗ ଓ ସାମୂହିକ ପ୍ରୟାସ ମାଧମରେ ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ସେବକର ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ।

# ସରକାରୀ ଖାତାରେ ମୃତ ଦର୍ଶାଇ କାଟିଦେଲେ ଭତ୍ତା!



**ଖଲ୍ଲିକୋଟ୍,୨୭।୧୨ (ସଂଚାର ବ୍ୟୁରୋ):** ସମାଜରେ ସାଧରଣ ଲୋକଟିଏ ସ୍ୱାଭିମାନ ସହ ବଞ୍ଚିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧରୁ ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଏକ ସମ୍ମାନସ୍ପଦ ଯୋଜନା। ଏହି ଯୋଜନା ମାଧମରେ ରାଜ୍ୟର ଅନେକ ବୃଦ୍ଧ ଓ ବୃଦ୍ଧା ଉପକୃତ ହୋଇ ଆସୁଛନ୍ତି। ହେଲେ ଆଶ୍ଚର୍ଯ୍ୟର ବିଷୟ ଗୋଟିଏ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଜୀବିତ ଥିବା ସତ୍ତ୍ୱେ ସରକାରୀ ଖାତାରେ ତାକୁ ମୃତ ଘୋଷିତ କରି ପେନ୍‌ସନ୍ ବନ୍ଦ କରି ଦିଆଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଖଲ୍ଲିକୋଟ୍ ବ୍ଲକ ବଧିନୁଆପଲ୍ଲୀ ପଞ୍ଚାୟତ କେନ୍ଦୁବାଡ଼ି ଗାଁର ବଂଶୀଧର ନାହାକ। ବୟସ ୮୦, ପରିବାର କହିଲେ ବଂଶୀଧର ଓ ତାଙ୍କ ଧର୍ମପତ୍ନୀ କୁନ୍ତଳା। ଦୁଇ ବଖରା ଘରେ ୨ ହଜାର ଟଙ୍କା ଭତ୍ତାରେ ଚାଲୁଥିଲା ତେଲ ଲୁଣର ସଂସାର। ହେଲେ ହଠାତ୍ ଗତ ଜୁଲାଇ ମାସରୁ ବଂଶୀଧରଙ୍କ ଭତ୍ତା ବନ୍ଦ ହୋଇଗଲା। ବ୍ୟାଙ୍କକୁ ଯିବାରୁ ଜାଣିବାକୁ ପାଇଥିଲେ ଜୁଲାଇରୁ ତାଙ୍କ ଖାତାକୁ ଭତ୍ତା ଟଙ୍କା ଆସିନାହିଁ। ପରେ ପଞ୍ଚାୟତ କାର୍ଯ୍ୟାଳୟରୁ ଜାଣିଲେ ତାଙ୍କୁ ମୃତ ଘୋଷଣା କରି ଭତ୍ତାରୁ ବାଦ୍ ଦିଆଯାଇଛି। ୬ ମାସ ହେଲାଣି ଭତ୍ତା ଟଙ୍କା ବନ୍ଦ ହୋଇଯାଇଛି। ୮୦ ବର୍ଷ ବୟସରେ ବଂଶୀଧର ଘର ଚଳାଇବା ପାଇଁ ଗାଁରେ ଥିବା ଏକ ଘରୋଇ ପ୍ରତିଷ୍ଠାନରେ ରୋଷେଇ କରୁଛନ୍ତି।

# ପ୍ରୟାସ ଟ୍ରଷ୍ଟ ପକ୍ଷରୁ ଶିକ୍ଷାବିତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା



**ବାଲିକୁଦା,୨୭।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ଗ୍ରାମରେ ପ୍ରୟାସ ଟ୍ରଷ୍ଟ ତରଫରୁ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବିଶିଷ୍ଟ ଶିକ୍ଷାବିତ ତଥା ତିଗିରିଆ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଦିବଂଗତ ମଞ୍ଜୁବାଳା ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଏବଂ ପ୍ରୟାସ ଟ୍ରଷ୍ଟ ଅଫିସ ଉଦଘାଟନ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ଓଡିଶାର ଓଡିଶାର ପ୍ରଥମ ମହିଳା ଇଞ୍ଜିନିଅର ତଥା ପ୍ରୟାସ ଟ୍ରଷ୍ଟର ମୁଖ୍ୟ ରେଣୁବାଳା ମହାନ୍ତି (୮୩ବର୍ଷ)ଯୋଗ ଦେଇଥିବାବେଳେ ତାଙ୍କ ସହଧର୍ମୀ ଇଂ ମିହିର କୁମାର ମହାନ୍ତି ମଧ ଯୋଗ ଦେଇ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ପରିଚାଳନା ସଦସ୍ୟ ଇଂ ମିହିର ମହାନ୍ତି ଟ୍ରଷ୍ଟର ଆଭିମୁଖ୍ୟକୁ ଉପସ୍ଥିତ ଶତାଧିକ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, କୃଷକ, ଛାତ୍ରଛାତ୍ରୀ ମାନଙ୍କ ନିକଟରେ ଉପସ୍ଥାପନା କରିଥିଲେ।

# ମୋବାଇଲ ଜବତ, ଚାରି ଜଣ ଗିରଫ



**କଳିଙ୍ଗନଗର,୨୭।୧୨ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଦିନକୁ ଦିନ ମୋବାଇଲ ଚୋରୀ ହେଉଥିବା ବହୁ ବାର ଥାନା ମାନଙ୍କ ରେ ଅଭିଯୋଗ ହେଉଥିବା ବେଳେ କଳିଙ୍ଗନଗର ପୋଲିସ କିଛି ଚୋରା ମୋବାଇଲ ସହ ଚାରିଜଣ ଯୁବକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖବର ମୁତାବକ ବାରଗଡ଼ିଆ ଗ୍ରାମର ସୁବଳ ମଲ୍ଲିକ ଙ୍କ ପୁଅ ସଞ୍ଜୟ କୁମାର ମଲ୍ଲିକ ଙ୍କ ଲିଖିତ ଅଭିଯୋଗ ଅନୁସାରେ ଗତ ୨୩ ତାରିଖ ଦିନ ସନ୍ଧ୍ୟା ୭ ଟା ବେଳେ ସେ ଯାଜପୁର ରୋଡ଼ ରୁ ଡୁବୁରୀ ଅଭିମୁଖେ ଆସୁଥିବା ବେଳେ ବି. ଆର. ପି. ଏଲ. ଛକର କିଛି ଦୂରରେ ଠିଆ ହୋଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ ସ୍ପିଡ଼ ବାଇକରେ ଆସି ତାଙ୍କ ମୋବାଇଲଟିକୁ ଛଡାଇ ନେଇ ଦ୍ରୁତ ଗତିରେ ଦାନଗଦି ଆଡକୁ ପଳାଇ ଯାଇଥିଲେ। ଏହି ଘଟଣା କୁ ନେଇ ସଞ୍ଜୟ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାର ରେ କଳିଙ୍ଗନଗର ପୋଲିସ ଏହି ମୋବାଇଲ ଲୁଟେରା ଗ୍ୟାଙ୍ଗ କୁ ଧରିବାକୁ ସକ୍ଷମ ହୋଇଛନ୍ତି। ଲୁଟେରା ମାନେ ହେଲେ ସିଙ୍ଗାଗାଡ଼ିଆ ଗାଁ ର ଦିଲ୍ଲୀପ ରାୟ ଙ୍କ ପୁଅ ସିଦ୍ଧାନ୍ତ ରାୟ (୨୨)। ଏହି ଗାଁ ର ସୁବଳ ମଣ୍ଡଳଙ୍କର ପୁଅ କ୍ରିଷ୍ଣା ମଣ୍ଡଳ (୨୨)। ରାଛିପୁର ଗାଁ ର ସୁରେନ୍ଦ୍ର ଓଝା ଙ୍କ ପୁଅ ଲକ୍ଷ୍ମଣ ଓଝା (୨୩)। ଦାନଗଦୀ ଗାଁ ର ବାଇଧର ସେଠୀ ଙ୍କ ପୁଅ ଦୀପକ ସେଠି (୨୨) ବର୍ଷ ଙ୍କୁ ଗିରଫ କରି କେସ ନମ୍ବର ୪୪୬/୨୫ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

# ମାଙ୍ଗାନିଜ ବୋଝେଇ ୩ ଡମ୍ଫରକୁ ମାଡ଼ି ବସିଲା ବନ ବିଭାଗ



**ଯୋଡ଼ା,୨୭।୧୨(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଯୋଡ଼ା ସେକ୍ସନର ବୈତରଣୀ କ ସଂରକ୍ଷିତ ଜଙ୍ଗଲ ନିକଟ ତିରିଂ ପାହାଡ଼ ନିକଟରୁ ବନ ବିଭାଗ ଚଢ଼ାଉ କରି ଚୋରାଚାଲାଣ ସମୟରେ ୩ ମାଙ୍ଗାନିଜ ବୋଝେଇ ଡମ୍ଫର ଜବତ କରିଛି। ଘଟଣାରେ ଗୋଟିଏ ବାଇକ୍ ମଧ ଜବତ ହୋଇଛି। ଜବତ ଖଣିଜର ଆନୁମାନିକ ମୂଲ୍ୟ ୫ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଜଙ୍ଗଲରେ ଚୋରାରେ ଉନ୍ନତମାନର ମାଙ୍ଗାନିଜ ଡମ୍ଫରରେ ଚୋରାଚାଲଣ ନିମନ୍ତେ ବୋଝେଇ ହେଉଥିଲା। ବିଶସ୍ତ ସୂତ୍ରରୁ ଖବର ପାଇ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ନେତୃତ୍ୱରେ ଯୋଡ଼ା ବନପାଳ ତ୍ରିନାଥ ଜେନା, ଯୋଡ଼ା ବନରକ୍ଷୀ ଦେବାଶିଷ ମହାପାତ୍ର, ଜୁରୁଡ଼ି ବନରକ୍ଷୀ ସୁରଜ କୁମାର ଦାସ, ଦୁବୁନା ବନରକ୍ଷୀ ସୁବ୍ରତ ପାତ୍ର ଏବଂ ସରୋଜ ନାଏକଙ୍କ ସହିତ ବାମେବାରି ଓ ଯୋଡ଼ା ବନ ସ୍କାଡ ଚଢ଼ାଉ କରିଥିଲା। ଚଢ଼ାଉରେ ୩ଟି ମାଙ୍ଗାନିଜ ବୋଝେଇ ଡମ୍ଫର (ନଂ. ଓଆର୍ ୦୯ ଏଲ ୭୫୧୬, ଓଆର୍ ୦୯ କେ ୭୬୨୩, ଓଆର୍ ୦୯ ଜେ ୭୭୩୧) ଓ ଘଟଣାସ୍ଥଳରୁ ଗୋଟିଏ ବାଇକ (ନଂ. ଓଆର୍ ୦୯ ପି ୮୯୫୭) କୁ ଜବତ କରାଯାଇଛି। ୩ଟି ଡମ୍ଫରରେ ପ୍ରାୟ ୨୫ ମେଟ୍ରିକ ଟନ ଉନ୍ନତମାନର ଗୁଣ୍ଡ ମାଙ୍ଗାନିଜ ବୋଝେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ ଗଣମାଧମକୁ ସୂଚନା ଦେଇଛନ୍ତି। ଏ ନେଇ ଚମ୍ପୁଆ ରେଞ୍ଜରେ ୟୁଡି କେସ ନଂ. ୧୭ ରୁଜୁ କରାଯାଇଛି। ପ୍ରକାଶଯୋଗ୍ୟ, ଚଳିତ ବର୍ଷ ଜୁଲାଇ ୧ ତାରିଖ ଦିନ ଦଲ ପାହାଡ଼ଠାରେ ଚୋରା ମାଙ୍ଗାନିଜ ଖନନ ସମୟରେ ମାଟି ଅତଡ଼ା ଖସି ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିଲା।